

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ସୋମବାର ୨୬ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 26 October 2026
Vol.No. 36 ■ No.279 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସନ୍ତାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


ଗଞ୍ଜାମରେ ବୀଭତ୍ସ ଆକ୍ରମଣ: ଖଣ୍ଡା ଚୋଟରେ ଛିଣ୍ଡିଗଲା ଯୁବକଙ୍କ ହାତ

ଗଞ୍ଜାମ, ୨୫/୧୦ (ନି.ପ୍ର): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ଥାନା ଅଞ୍ଚଳରେ ବୀଭତ୍ସ ଆକ୍ରମଣ। ଖଣ୍ଡା ଓ ଅନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଜଣେ ଯୁବକଙ୍କ ହାତ ଛିଣ୍ଡାଇ ଦେଇଛନ୍ତି ଦୁର୍ବୃତ୍ତ। ଏହି ଆକ୍ରମଣରେ ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗମ୍ଭୀର ଆଘାତ ଲାଗିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲାର ଏସ୍. ଟିକରପଡ଼ା ଗାଁର କାଳିଆ ଗୌଡ଼ଙ୍କୁ କିଛି ଦୁର୍ବୃତ୍ତ ଖଣ୍ଡା ଓ ଅନ୍ୟ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଖଣ୍ଡା ଚୋଟରେ ତାଙ୍କ ହାତ ଛିଣ୍ଡିଯାଇଥିବା ଜଣାପଡ଼ିଛି। ଏଥିସହ ତାଙ୍କ ଶରୀରର ଅନ୍ୟାନ୍ୟ ସ୍ଥାନରେ ମଧ ଗଭୀର ଆଘାତ ଲାଗିଛି। ଘଟଣା ପରେ ଆହତ କାଳିଆଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ମେଡିକାଲକୁ ନିଆଯାଇଥିଲା। ପରେ ତାଙ୍କ ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

◆◆ପୃଷ୍ଠା ୭

ଭାରତକୁ ଭୁବନେଶ୍ୱର ନୂଆ ସଂସ୍ଥାନ ଦେଇଛି: ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୫/୧୦ (ନି.ପ୍ର): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଭାରତକୁ ଭୁବନେଶ୍ୱର ନୂଆ ସଂସ୍ଥାନ ଦେଇଛି। ଭୁବନେଶ୍ୱରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ଡାଟା ସେଣ୍ଟର ଉଦ୍‌ଘାଟନ କରାଯାଇଛି। ସାଇବର ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। ଆଜିର ଦିନଟି ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଆଜିର କାର୍ଯ୍ୟକ୍ରମ ହେଉଛି ଏହାର ପ୍ରମାଣ। ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ଆରବିଆଇ ଡାଟା ସେଣ୍ଟର ଏବଂ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ'ର ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ବ୍ୟବସ୍ଥା ଖୁବ୍ ଶୀଘ୍ର ଆଗକୁ ଅଗ୍ରସର ହେଉଛି। ସ୍ୱାଧୀନତା ପରେ ଦେଶରେ ବଡ଼ବଡ଼ ହସ୍‌ପିଟାଲ, ବିମାନବନ୍ଦର ନିର୍ମାଣ ହୋଇଛି। କିନ୍ତୁ ଛୋଟ ସହରେ ଭିତ୍ତିଭୂମି ବହୁ ଅସୁବିଧା ଥିଲା।



ପାଣି, ରେଳବାଇ ଯୋଗାଯୋଗର ଘୋର ଅଭାବ ଥିଲା। ବିକାଶକୁ ପ୍ରାଥମିକତା ଦିଆଯାଉଥିବା ବେଳେ ବିସ୍ତାର ମଧ ଗୁରୁତ୍ୱ ଦିଆଯାଉଛି। ଛୋଟ ସହରକୁ ଭାରତୀୟ ରେଳବାଇ ଯୋଡୁଛି। ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଡାଟା ସେଣ୍ଟରର ଭୂମିକା ନେଇ ପ୍ରଧାନମନ୍ତ୍ରୀ ବିସ୍ତୃତ ଚର୍ଚ୍ଚା କରିଛନ୍ତି। ପ୍ରଧାନମନ୍ତ୍ରୀ ଆଜିର ଉଦଘାଟନୀ କାର୍ଯ୍ୟକ୍ରମର ବ୍ୟାପକ ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ, ଏହି କାର୍ଯ୍ୟକ୍ରମ ଦେଶର ପ୍ରଶାସନିକ ଆଭିମୁଖ୍ୟରେ ଆସିଥିବା ମୌଳିକ ପରିବର୍ତ୍ତନକୁ ଦର୍ଶାଉଛି। ବର୍ତ୍ତମାନର ଶାସନ ବ୍ୟବସ୍ଥା ବିକାଶକୁ ପ୍ରାଥମିକତା ଦେବା ସହିତ ଏହାର ପରିମାଣକୁ ବିସ୍ତାର କରିବା ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ଲାଭ ପହଞ୍ଚାଇବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରୁଛି। ଆଜିର କାର୍ଯ୍ୟକ୍ରମ ଭାରତରେ ଶାସନର ଆଭିମୁଖ୍ୟ ପ୍ରତି ଆସିଥିବା ପରିବର୍ତ୍ତନର ପ୍ରମାଣ ଦେଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଜନକଲ୍ୟାଣକାରୀ, ସକ୍ରିୟ ଏବଂ ସୁଶାସନର ମଡେଲ ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଏହା ଗରିବଙ୍କୁ ସମ୍ମାନପୂର୍ଣ୍ଣ ଜୀବନ ଦେବା ସହିତ ଜଣେ ହେଲେ ନାଗରିକ ଯେପରି ସେବାରୁ ବଞ୍ଚିତ ହେବେ ନାହିଁ ତାହା ସୁନିଶ୍ଚିତ କରୁଛି। ଛୋଟ ସହରଗୁଡ଼ିକୁ ଏବେ ଏକ୍ସପ୍ରେସ ୱେ ସଂଯୋଗ ହେଉଛି। ଏକାଧିକ ରାଜ୍ୟରେ ଏମ୍ସ ଭଳି ପ୍ରତିଷ୍ଠାନ ଖୋଲିଛି । ଛୋଟ ସହରରେ ମଧ ମେଡ଼ିକାଲ କଲେଜ ଖୋଲାଯାଉଛି। ଗାଁଗୁଡ଼ିକରେ ପ୍ରାୟ ୧.୭୫ ଲକ୍ଷ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ହୋଇଛି ଏବଂ ଉପାନ୍ତ ଅଞ୍ଚଳରେ ଡିଜିଟାଲ ଯୋଗାଯୋଗ ପହଞ୍ଚି ପାରିଛି। ନାଗରିକମାନଙ୍କ ଜୀବନକୁ ସହଜ କରିବା ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ନୂତନ ସୁଯୋଗ ଯୋଗାଇ ଦେବା ବର୍ତ୍ତମାନ ପ୍ରଶାସନର ପ୍ରକୃତ ଉଦ୍ଦେଶ୍ୟ ପାଲଟିଛି ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଅତୀତର ଏକ ମୌଳିକ ସମସ୍ୟା ପ୍ରତି ଆଲୋକପାତ କରି କହିଥିଲେ, ୬୦ ଏବଂ ୭୦ ଦଶକରେ ଗରିବଙ୍କ ନାଁ ନେଇ ବ୍ୟାଙ୍କଗୁଡ଼ିକର ରାଷ୍ଟ୍ରୀୟକରଣ କରାଯାଇଥିଲା। କିନ୍ତୁ ୨୦୧୪ ପର୍ଯ୍ୟନ୍ତ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକ ବ୍ୟାଙ୍କ ସେବାରୁ ବଞ୍ଚିତ ଥିଲେ। ମଧ୍ୟବିତଙ୍କ ପାଇଁ ବ୍ୟାଙ୍କ ଋଣ ଦୂରସ୍ୱପ୍ନ ପାଲଟିଥିଲା।

◆◆ପୃଷ୍ଠା ୭

ନିଆଳି ପନିର ରିପୋର୍ଟକୁ ନେଇ ବଢ଼ିଲା ଦ୍ୱନ୍ଦ୍ୱ: ହରିୟାଣା କହିଲା ଅଖାଦ୍ୟ, ଓଡ଼ିଶା ଦେଲା କ୍ଲିନଚିଟ୍

ଭୁବନେଶ୍ୱର, ୨୫/୧୦ (ନି.ପ୍ର): ନିଆଳି ପନିର ରିପୋର୍ଟକୁ ନେଇ ବଢ଼ିଲା ଦ୍ୱନ୍ଦ୍ୱ । ହରିୟାଣ ଲାବ୍ ରିପୋର୍ଟ କହିଲା ଅଖାଦ୍ୟ । କ୍ଲିନ ଚିଟ୍ ଦେଲା ଓଡ଼ିଶା ଷ୍ଟେଟ୍ ଫୁଡ୍ ଲ୍ୟାବ୍ । ବଦନାମ ମୁଣ୍ଡାଇଥିବା ନିଆଳି ପନିରକୁ ନେଇ ଦ୍ୱନ୍ଦ୍ୱ। ନମୂନା ଗୋଟାଏ, କିନ୍ତୁ ରିପୋର୍ଟ ଆସିଛି ଭିନ୍ନ ଭିନ୍ନ । ହରିୟାଣା ପଞ୍ଚକୁଲା ଲ୍ୟାବ ରିପୋର୍ଟରେ ଉଲ୍ଲେଖ ଅଛି ଷ୍ଟାର୍ଚ ଓ ଡିଟେରଜେଣ୍ଟ ମିଶିଥିବାରୁ ଅନୁପଯୁକ୍ତ ଖାଦ୍ୟ। ଆଉ ଏପଟେ ଓଡ଼ିଶା ଷ୍ଟେଟ ଫୁଡ ଲାବରୋଟାରି ରିପୋର୍ଟ ଦେଇଛି, ନିଆଳି ପନିରର ମାନ କମ କିନ୍ତୁ ଅସୁରକ୍ଷିତ ନୁହେଁ। ସବ ଷ୍ଟାଣ୍ଡାର୍ଡ- ଅର୍ଥାତ ଖାଦ୍ୟ ଉପଯୋଗୀ। ପୂଜା ପୂର୍ବରୁ କଟକରେ ଅପମିଶ୍ରିତ ପନିର ଧରପଗଡ ସମୟରେ ୭୦କୁଇଣ୍ଟାଲରୁ ଅଧିକ ପନିର ଜବତ କରି ନଷ୍ଟ କଲା ଖାଦ୍ୟ ନିରାପତ୍ତା ବିଭାଗ । ସେହି ନମୂନାକୁ ହରିୟାଣା ଲ୍ୟାବ ଓ ଷ୍ଟେଟ୍ ଲ୍ୟାବକୁ ପଠାଯାଇଥିଲା। ତେଣୁ କେଉଁ ରିପୋର୍ଟ ଠିକ୍ ଆଉ କେଉଁଟା ଭୁଲ ତାକୁ ନେଇ ଦ୍ୱନ୍ଦ୍ୱ ବଢ଼ିଛି। ନିଆଳି ପନିରକୁ ରାଜ୍ୟ ଲ୍ୟାବ କ୍ଲିନ ଚିଟ୍ ଦେବା ପରେ ମୁହଁ ଖୋଲିଛି ବ୍ୟବସାୟୀ ସଂଘ । ନିଆଳି ପନିରର ଦୁଇ ପ୍ରକାର ରିପୋର୍ଟ ଅନେକ ପ୍ରଶ୍ନ ସୃଷ୍ଟି କରିଛି । ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ କାର୍ଯ୍ୟଶୈଳୀ ସନ୍ଦେହ ଘେରକୁ ଆସିଛି। ଖାଦ୍ୟ ନମୂନା ଯଦି ରାଜ୍ୟରେ ହୋଇପାରୁଛି । କାହିଁକି ହରିୟାଣା ପଠାଗଲା ବୋଲି ପ୍ରଶ୍ନ କରିଛି ଦୁଗ୍ଧ ଜାତୀୟ ଦ୍ରବ୍ୟ ବ୍ୟବସାୟୀ ସଂଘ। ରିପୋର୍ଟ ଦ୍ୱନ୍ଦ ନେଇ ଅଯଥାରେ ପନିର ବ୍ୟବସାୟୀ ନିନ୍ଦିତ ହେଉଛନ୍ତି ଓ ବ୍ୟବସାୟ ପ୍ରଭାବିତ ହେଉଥିବା ଅଭିଯୋଗ ଆଣିଛି ସଂଘ । ପୂଜା ପୂର୍ବରୁ ଧରପଗଡ଼ ପରେ ନିଆଳି ପନିର ଅପମିଶ୍ରିତ ବୋଲି ଚର୍ଚ୍ଚା ହେଲା। ହରିୟାଣାରୁ ରିପୋର୍ଟ ଆସିବା ପରେ ବ୍ୟବସାୟୀଙ୍କ ନାଁରେ ଏତଲା ହେଲା। କେତେକ ବନ୍ଧା ହେଲେ, ବ୍ୟବସାୟ ଠପ୍ ହୋଇଗଲା।

କୋଟିଆରେ ଆନ୍ଧ୍ର ଓ ଓଡ଼ିଶା ମୁହାଁମୁହିଁ: ଫଳକ ଲଗାଇବାକୁ ନେଇ ଉତ୍ତେଜନା

ଭୁବନେଶ୍ୱର, ୨୫/୧୦ (ନି.ପ୍ର): କୋଟିଆକୁ ନେଇ ଆନ୍ଧ୍ର ଓଡ଼ିଶା ବିବାଦ ଶୀର୍ଷରେ। କୋଟିଆରେ ପଂଚାୟତ ନିର୍ବାଚନ କରିବାକୁ ଆନ୍ଧ୍ର ଷଡ଼୍‌ଯନ୍ତ୍ର ଚଳାଇଛି। ନିର୍ବାଚନ ରୋକିବାକୁ ସୁପ୍ରିମକୋର୍ଟକୁ ଯିବା ସହ ଗ୍ରାଉଣ୍ଡରେ ଜଗିଛି ଓଡ଼ିଶା । ତଥାପି ଆନ୍ଧ୍ର ମାନୁନଥିବାରୁ ମୁହାଁମୁହିଁ ହୋଇଛନ୍ତି ଦୁଇ ରାଜ୍ୟର ପୁଲିସ୍। ନେତା ସୀମାନ୍ତ ଗାଁ ମୁହାଁ ହୋଇଛନ୍ତି। ସୃଷ୍ଟି ହୋଇଛି ଉତେଜନା। କୋଟିଆରେ ନିର୍ବାଚନ କରିବାକୁ ଆନ୍ଧ୍ରର



ଷଡ଼୍‌ଯନ୍ତ୍ର ପରେ ମୁହାଁମୁହିଁ ଦୁଇ ରାଜ୍ୟର ପୁଲିସ୍। ରାସ୍ତା ଉପରେ ଯୁକ୍ତିତର୍କ, କଥା କଟାକଟି। ଉତେଜନା ବଢୁଥିବା ସମୟରେ ପହଁଞ୍ଚିଥିଲେ କୋରାପୁଟ ବିଧାୟକ ଓ ବିଜେପିର ଏକ ପ୍ରତିନିଧି ଦଳ। ଆନ୍ଧ୍ର ପୁଲିସକୁ କଡା ଜବାବ ଦେଇଥିଲେ। ଓଡ଼ିଶା ସୀମା ବାହାରକୁ ଚାଲିଯିବାକୁ କହିଥିଲେ। କୌଣସି ପରିସ୍ଥିତିରେ ବି ନିର୍ବାଚନ କରାଇ ଦେବେନି ବୋଲି କହିଛନ୍ତି। କୋଟିଆକୁ ନେଇ ରାଜ୍ୟ ରାଜନୀତି ସରଗରମ ହେବାରେ ଲାଗିଛି। ପ୍ରତ୍ୟେକ ରାଜନୈତିକ ଦଳ ନିଜ ଦଳବଳ ସହ ଏବେ କୋଟିଆ ମୁହାଁ ହେଉଛନ୍ତି। ବିଜେଡି ପରେ କଂଗ୍ରେସ ୨୭ରେ ଯିବାକୁ ଘୋଷଣା କରିଛି। ଏଥିସହ ଓଡ଼ିଶାରୁ ଯାଇଥିବା ବିଜେପିର ୨୦ଜଣ ସାଂସଦ କାହିଁକି ମୁହଁ ଖୋଲୁନାହାନ୍ତି? ସେ ନେଇ ପ୍ରଶ୍ନ କରିଛନ୍ତି। ବିଜେଡି ବି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। ସେପଟେ ପୂର୍ବତନ ସାଂସଦ ଜୟରାମ ପାଙ୍ଗି ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଜବାବ ଦେଇ ସୁରେଶ ପୂଜାରୀ କହିଛନ୍ତି କୋଟିଆ କୌଣସି ରାଜନୈତିକ ଦଳର ପ୍ରସଙ୍ଗ ନୁହେଁ, ବରଂ ଏହା ଓଡ଼ିଶାର ଅସ୍ମିତାର ପ୍ରତୀକ। ସମସ୍ତେ ଏକାଠି ଲଢ଼ିବାକୁ ପଦକ୍ଷେପ ନିଆଯାଇଛି। ଆଗକୁ କୋଟିଆ ବିବାଦ କେଉଁ ମୋଡ ନେଉଛି ତା ଉପରେ ରହିଛି ସାରାରାଜ୍ୟର ନଜର।

ବାତ୍ୟା ମୁକାବିଲା: ୮ ମନ୍ତ୍ରୀଙ୍କୁ ୮ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର, ୨୫/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୮ ମନ୍ତ୍ରୀଙ୍କୁ ୮ ଜିଲ୍ଲା ଦାୟିତ୍ୱ । ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କୁ କୋରାପୁଟ ଜିଲ୍ଲା ଏବଂ ପ୍ରଭାତୀ ପରିଡ଼ାଙ୍କୁ ରାୟଗଡ଼ା ଜିଲ୍ଲା ଦାୟିତ୍ୱ ଦିଆଯାଇଛି । ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକଙ୍କୁ କନ୍ଧମାଳ ଜିଲ୍ଲା, ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କୁ ଗଞ୍ଜାମ ଜିଲ୍ଲା ଦାୟିତ୍ୱ ମିଳିଛି । ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ନବରଙ୍ଗପୁର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମାଲକାନଗିରି, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କଳାହାଣ୍ଡି, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଗଜପତି ଜିଲ୍ଲା ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହା ପୂର୍ବରୁ ୫ଟି ଜିଲ୍ଲା ପାଇଁ ୫ ଆଇଏଏସ ଜଣ ଅଧିକାରୀଙ୍କୁ ମଧ ଦାୟିତ୍ୱ ଦିଆଯାଇଥିଲା । କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାୟଗଡ଼ା ଜିଲ୍ଲା ଦାୟିତ୍ୱ, ଡ. ପୋମା ଟୁଡୁଙ୍କୁ କୋରାପୁଟ ଜିଲ୍ଲା ଦାୟିତ୍ୱ । ବିଜୟ କୁମାର ଦାଶଙ୍କୁ ଗଜପତି ଜିଲ୍ଲା ଏବଂ ଡ. ଯେଦୁଲା ବିଜୟଙ୍କୁ ମାଲକାନଗିରି ଦାୟିତ୍ୱ ଦିଆଯାଇଛି ।

ଆଜିଠୁ ପୂଣ୍ୟମାସ କାର୍ତ୍ତିକ: ଶ୍ରୀକ୍ଷେତ୍ରରେ ହବିଷ୍ୟାଳୀଙ୍କ ପ୍ରବଳ ଭିଡ଼

ପୁରୀ, ୨୫/୧୦ (ନି.ପ୍ର): ରାତି ପାହିଲେ ପୁରୀରେ କାର୍ତ୍ତିକ ବ୍ରତ ପାଳନ କରିବେ ହବିଷ୍ୟାଳୀ। ଯାହାକୁ ନେଇ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ସହରର ସମସ୍ତ ମଠବାଡ଼ି ଠାରୁ ଆରମ୍ଭ କରି ସରକାରଙ୍କ ହବିଷ୍ୟାଳୀ ଶିବିରରେ ଏବେ ବ୍ରତଧାରୀଙ୍କ ଭିଡ଼। ସେପଟେ ସରକାରୀ ହବିଷ୍ୟାଳୀ ଶିବିରରେ ପ୍ରାୟ ଅଢ଼େଇ ହାଜରରୁ ଅଧିକ ପଞ୍ଜୀକୃତ ହବିଷ୍ୟାଳୀଙ୍କ ରହଣି ପାଇଁ ବ୍ୟବସ୍ଥା ହୋଇଥିବା ବେଳେ କିଛି ଅଣ ପଞ୍ଜୀକୃତ ହବିଷ୍ୟାଳୀ ମଧ ପୁରୀରେ ପହଞ୍ଚିଛନ୍ତି। ସେମାନଙ୍କୁ ଥଇଥାନ ଏବେ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି।

◆◆ପୃଷ୍ଠା ୭

ଛାତ୍ର ଆନ୍ଦୋଳନକୁ ନେଇ ଜଳୁଛି ଜାମିଆ: ପ୍ରଶାସନ ଉପରେ ଗମ୍ଭୀର ଅଭିଯୋଗ, ଛାତ୍ର ସଂଘର ୩ ଦାବି

ନୂଆଦିଲ୍ଲୀ,୨୫/୧୦ : ଜାମିଆ ମିଲିଆ ଇସଲାମିଆରେ ଗତ ୧୪ ଦିନ ଧରି ଛାତ୍ରଛାତ୍ରୀମାନେ ଭୋକ ହଡ଼ତାଳରେ ବସିଛନ୍ତି। ସେମାନଙ୍କର ତିନୋଟି ପ୍ରମୁଖ ଦାବି ରହିଛି। ଏଥିରେ ସବୁଠାରୁ ମୁଖ୍ୟ ଦାବି ହେଉଛି ଜାମିଆ ମିଲିଆରେ ଛାତ୍ର ସଂଘକୁ ପୁନଃସ୍ଥାପନ କରାଯାଉ। ଭୋକ ହଡ଼ତାଳରେ ବସିଥିବା ଛାତ୍ରଛାତ୍ରୀଙ୍କ ସହ କ୍ୟାମ୍ପସ ଭିତରେ ପ୍ରାୟ ୧୦୦ରୁ ୧୫୦ ଛାତ୍ରଛାତ୍ରୀ ଧାରଣାରେ ବସିଛନ୍ତି। ଛାତ୍ରଛାତ୍ରୀଙ୍କ ଦାବି ହେଉଛି ଛାତ୍ର ସଂଘ ନିର୍ବାଚନର ତାରିଖ ଘୋଷଣା କରାଯାଉ, ମୁଖ୍ୟ ପ୍ରକ୍ଟରଙ୍କୁ ପଦରୁ ହଟାଯାଉ ଏବଂ ପ୍ରତିବାଦକାରୀ ଛାତ୍ରଛାତ୍ରୀଙ୍କ



ବିରୋଧରେ ନିଆଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଫେରାଇ ନିଆଯାଉ। ଭୋକ ହଡ଼ତାଳରେ ବସିଥିବା ଛାତ୍ର ଫୈଜାନ କହିଛନ୍ତି, "ଏଠାକାର ସିକ୍ୟୁରିଟି ଆଡଭାଇଜର ଗାଳିଗୁଲଜ କରି କଥା ହେଉଛନ୍ତି। ତାଙ୍କୁ ତୁରନ୍ତ ହଟାଇବା ଆମର ଦାବି। ପ୍ରଶାସନ ଆମକୁ ହଇରାଣ କରୁଛି।" ବିଶ୍ୱବିଦ୍ୟାଳୟ ପ୍ରଶାସନ ଛାତ୍ର ସଂଘର ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ଏକ କମିଟି ଗଠନ କରିଛି। କିନ୍ତୁ ଛାତ୍ରଛାତ୍ରୀମାନେ ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରିବା ଦାବିରେ ଅଡ଼ି ବସିଛନ୍ତି। ୨୪ ଅକ୍ଟୋବରରେ ପ୍ରତିବାଦ ସମୟରେ ଛାତ୍ରଛାତ୍ରୀ ଓ ସୁରକ୍ଷାକର୍ମୀଙ୍କ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ପରେ ବିଶ୍ୱବିଦ୍ୟାଳୟ ସମସ୍ତ କ୍ଲାସ୍‌କୁ ଅନଲାଇନ୍‌ରେ କରିବା ଏବଂ ଲାଇବ୍ରେରୀ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲା। କ୍ୟାମ୍ପସ ଭିତରେ କିଛି ବିବାଦୀୟ ସ୍ଲୋଗାନ୍ ଲେଖାଯାଇଥିବା ଘଟଣା ମଧ ସାମ୍ନାକୁ ଆସିଛି।

◆◆ପୃଷ୍ଠା ୭

ମୋଦୀଙ୍କ ବାପାଙ୍କୁ ନେଇ ଖଡ଼ଗେଙ୍କ ବିବାଦୀୟ ମନ୍ତବ୍ୟ: ତେଜିଲା ରାଜନୀତି

ନୂଆଦିଲ୍ଲୀ,୨୫/୧୦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଏକ ମନ୍ତବ୍ୟକୁ କେନ୍ଦ୍ର କରି ଜାତୀୟ ରାଜନୀତିରେ ହଟଚମଟ । ବିହାରର ରାଜଧାନୀ ପାଟନାରେ ଏକ କାର୍ଯ୍ୟକ୍ରମରେ ଅଭିଭାଷଣ ଦେଉଥିବା ବେଳେ ଖଡ଼ଗେ କହିଥିବା ଏକ ବିବାଦୀୟ କଥାକୁ ନେଇ ବିଜେପି ତୀବ୍ର ପ୍ରତିବାଦ କରିଛି । ଏହାକୁ ନେଇ କଂଗ୍ରେସ ଓ ବିଜେପି ମଧରେ ବାକ୍‌ଯୁଦ୍ଧ ଜୋର ଧରିଛି । ରିପୋର୍ଟ ଅନୁସାରେ, ବିହାରର ପ୍ରଥମ ମୁଖ୍ୟମନ୍ତ୍ରୀ ଡକ୍ଟର ଶ୍ରୀକୃଷ୍ଣ ସିଂହଙ୍କ ୧୩୯ତମ ଜୟନ୍ତୀ ଅବସରରେ ପାଟନାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଖଡ଼ଗେ ଉଦ୍‌ବୋଧନ ଦେଉଥିଲେ । ଏହି ସମୟରେ ସେ ମୋଦୀ ସରକାରଙ୍କୁ କ୍ଷମତାରୁ



ହଟାଇବା ଓ କଂଗ୍ରେସକୁ କ୍ଷମତାକୁ ଆଣିବା ପ୍ରସଙ୍ଗରେ କହୁଥିବା ବେଳେ ଦର୍ଶକଙ୍କ ମଧରୁ ଜଣେ ବ୍ୟକ୍ତି ମୋଦୀ କୁଆଡ଼େ ଯିବେ ନାହିଁ ବୋଲି କହିଥିଲେ । ଏହାର ଜବାବ ଦେବାକୁ ଯାଇ ଖଡ଼ଗେ କହିଥିଲେ, "ମୋଦୀ କା ବାପ୍ ଭି ଯାଏଗା" ଏହି ମନ୍ତବ୍ୟ ସାମ୍ନାକୁ ଆସିବା ପରେ ରାଜନୈତିକ ବିବାଦ ତେଜିଛି ।

◆◆ପୃଷ୍ଠା ୭

15001/123/2627



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ପାଳନ କରିବାକୁ ଅନୁରୋଧ କରୁଛି ।

ଦୁର୍ନୀତି ପ୍ରଗତିର ଅନ୍ତରାୟ । ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦୁର୍ନୀତିମୁକ୍ତ ଶାସନ ଅପରିହାର୍ଯ୍ୟ । କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସଚେତନ ନାଗରିକଙ୍କ ସକ୍ରିୟ ସହଭାଗିତା ହିଁ ଦୁର୍ନୀତି ବିରୋଧୀ ଅଭିଯାନକୁ ସଫଳ କରିପାରିବ । ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆପଣାଇଲେ ଆମ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ।

ଆମ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଜିରୋ ଟଲେରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅସାଧୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପେନସନ ମଧ ବନ୍ଦ କରାଯାଇଛି । ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ନିବାରଣ ସଂସ୍ଥା ଭାବେ ସ୍ଥାନ ପାଇଛି । ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । ଏଥିପାଇଁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା । ସାଧୁତା ଓ ସ୍ୱଚ୍ଛତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କରି "ସମୃଦ୍ଧ ଓଡ଼ିଶା" ଗଢିବାରେ ସହାୟକ ହେବା । ଆପଣଙ୍କ ସହଯୋଗ ହିଁ ହେବ ସମୃଦ୍ଧ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0122

ଫଲସାମାଲଠାରେ ବିଜୁ ଜନତା ଦଳ ତରଫରୁ ଜନସଂପର୍କ ପଦଯାତ୍ରା: ପୂର୍ବ ସାଂସଦଙ୍କ ଆଦିବାସୀ ଭବନ ଉଦ୍‌ଘାଟନ

ବଲାଙ୍ଗୀର,୨୫/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଆଭ୍ୟନ୍ତରୀଣ ଫଲସାମାଲ ଠାରେ ବିଜୁ ଜନତା ଦଳ ତରଫରୁ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦିବାସୀ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଭାବେ ନିର୍ମିତ ନୂତନ ଆଦିବାସୀ ଭବନ ଉଦଘାଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ ନବନିର୍ମିତ ଆଦିବାସୀ ଭବନର ଉଦଘାଟନ କରିବା ସହିତ ତାଙ୍କ ବକ୍ତବ୍ୟରେ ଏହି ଭବନ ଆଦିବାସୀ ଭାଇ ଭଉଣୀମାନଙ୍କ ବିକାଶ ଓ ସଂସ୍କୃତିର ସୁରକ୍ଷା ପାଇଁ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି କହିଥିଲେ। ଏଥିସହିତ ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ପାଇଁ ସମଗ୍ର ଆଦିବାସୀ ସମାଜ ଏକଜୁଟ ହୋଇ ସଂଗ୍ରାମ କରିବାର ସମୟ ଆସିଛି ବୋଲି ସୂଚନା ଦେବା ସହିତ ଡବଲ ଇଞ୍ଜିନ ସରକାରଙ୍କ ଆଦିବାସୀ ବିରୋଧୀ ନୀତି ଉପରେ ବିଶୋଦଗାର କରିଥିଲେ। ସମ୍ମାନିତ ଅତିଥି ଭାବେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡ଼ି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ଯୋଗଦେଇ ଆଦିବାସୀଙ୍କ ଜମି ଜଙ୍ଗଲ ତଥା ଖଣି ଖାଦାନ ଉପରେ ସରକାରଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିବାରୁ ତାହାର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିବା ସହିତ ଦୀର୍ଘକାଳୀନ ସଂଗ୍ରାମର ଆବଶ୍ୟକତା ରହିଥିବା ନେଇ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଆଦିବାସୀଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପୂଜନ କରାଯିବା ସହିତ ମା' ବିନ୍ଧ୍ୟବାସିନୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଆଦିବାସୀ ନେତା କୈଳାସ ବାରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା, ସରଗାଡ ସରପଂଚ ସରୋଜ ବେହେରା, ସମିତି ସଭ୍ୟ ମିଶ୍ର ବରିହା, ଭକ୍ତ ବରିହା, ରଘୁମଣି ମିର୍ଦ୍ଧା, ଜଙ୍ଗଲ ଅଧିକାର କମିଟି ସମ୍ପାଦକ ତଥା ଆଦିବାସୀ ନେତା ଚୈତନ୍ୟ ବାଗ, ନାରାୟଣ କରଞ୍ଜ, ବିଂଝାଲ ସମାଜ ସଭାପତି ଦନାର ବରିହାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଆଦିବାସୀ ସମାଜର ପ୍ରମୁଖ ବ୍ୟକ୍ତି ଉପସ୍ଥିତ ରହି ସ୍ୱକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମୋତିରାମ ବରିହା, ଗୁଣନିଧି ବରିହା, ଖେଲରାଜ ବରିହା, ଭୀଷ୍ମ ବରିହା, କଏଁରୁ ବରିହା ପ୍ରମୁଖ ସହଯୋଗ କରିଥିଲେ।

ପଂଚାୟତରେ ମଦ ବନ୍ଦ ଦାବି: ଠେଙ୍ଗା ବାଡି ଧରି ବାହାରିଲେ ଶତାଧିକ ମହିଳା

ଜୟପୁର,୨୫/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଆମ୍ବାଗୁଡ଼ା ପଂଚାୟତ ଅଧୀନରେ ଥିବା ୧୨ଟି ଗାଁର ଶତାଧିକ ମହିଳାମାନେ ହାତରେ ଠେଙ୍ଗା ଧରି ବେଆଇନ ମଦ କାରବାର ବନ୍ଦ କରିବାକୁ ଦାବି କରି ପଂଚାୟତ କାର୍ଯ୍ୟଳୟ ଘେରାଉ କରିଛନ୍ତି। ପ୍ରଶାସନ ଓ ଅବକାରୀ ବିଭାଗକୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଫଳରେ ଆମ୍ବାଗୁଡ଼ା ପଂଚାୟତର ୧୨ ଖଣ୍ଡ ଗାଁର ମହିଳାମାନେ ଏକାଠି ହୋଇ ଆଜି ପ୍ରଥମେ ପଂଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ତେବେ ଘଟଣାସ୍ଥଳକୁ ସରପଂଚ ନ ଆସିବାରୁ ମହିଳାମାନଙ୍କ ମଧ୍ୟରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା ଏବଂ ସେମାନେ ନିଜେ ଆଇନକୁ ହାତକୁ ନେବାକୁ ବାଧ ହୋଇଥିଲେ। ପଂଚାୟତ କାର୍ଯ୍ୟାଳୟରୁ ସିଧାସଳଖ ଜଙ୍ଗଲ ମୁହାଁ ହୋଇଥିଲେ ମହିଳାମାନେ। ବଡ଼ ମଜୁରମୁଣ୍ଡା ଜଙ୍ଗଲ ମଧ୍ୟରେ ବେଆଇନ ଭାବେ ଚାଲିଥିବା ଦେଶୀ ମଦଭାଟି ଉପରେ ଚଢ଼ଉ କରିଥିଲେ। ସେଠାରେ ମଦ ରାନ୍ଧିବା ପାଇଁ ରଖାଯାଇଥିବା ହାଣ୍ଡି, ଡ୍ରମ୍ ଓ ପୋଚ ଭାଙ୍ଗି ଚୁରମାର କରିବା ସହ ରାସ୍ତା ଉପରକୁ ଫିଙ୍ଗି ନଷ୍ଟ କରିଦେଇଥିଲେ। ଜଙ୍ଗଲ ମାଟି ତଳେ ପୋତା ହୋଇ ରହିଥିବା ମଦ ପୋଚ ଡ୍ରମଗୁଡ଼ିକୁ ବାହାର କରି ସେଥିରେ ନିଆଁ ଲଗାଇ ସମ୍ପୂର୍ଣ୍ଣ ଜାଳି ଦେଇଥିଲେ। ଘଟଣାସ୍ଥଳରେ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ଉପସ୍ଥିତ ରେ ମହିଳାମାନେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ମହିଳାଙ୍କ କହିବା ଅନୁଯାୟୀ, ଆମ୍ବାଗୁଡ଼ା, ମଜୁରମୁଣ୍ଡା, କଟିଆକୋଣାଳି ସମେତ ବିଭିନ୍ନ ଅଂଚଳରେ ଖୁଲମଖୁଲା ଚୋରା ମଦ ବେପାର ଚାଲିଛି। ଏହି ନିଶା ଯୋଗୁଁ ବହୁ ପରିବାର ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଲାଣି। ଅନେକ ନାରୀ ଅଳ୍ପ ବୟସରେ ବିଧବା ହୋଇଥିବା ବେଳେ ଘରୋଇ ହିଂସାର ଶିକାର ହେଉଛନ୍ତି। ସ୍ୱାମୀ ଓ ପୁଅମାନେ ମଦ ପିଇ ଘରେ ଅଶାନ୍ତି ସୃଷ୍ଟି କରୁଛନ୍ତି, ଖରାପ ଭାଷାରେ ଗାଳିଗୁଲଜ ସହ ମାଡ଼ପିଟ୍ କରୁଛନ୍ତି ଏବଂ ରୋଜଗାର ଟଙ୍କା ଘରକୁ ଆଣୁନାହାନ୍ତି। ସ୍କୁଲ ଯାଉଥିବା ପିଲାମାନେ ମଧ୍ୟ ନିଶାଗ୍ରସ୍ତ ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହୋଇଛି। ଅବକାରୀ ଜୟପୁର ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶରୀ ହିରଣଙ୍କୁ ପଚାରିବାରୁ କହିଥିଲେ ଅଂଚଳରେ ପୂର୍ବରୁ ମଧ୍ୟ ଚଢ଼ଉ କରାଯାଇ ମଦ ନଷ୍ଟ କରାଯିବା ସହ କିଛି ଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କିନ୍ତୁ କିଛି ଲୋକ ଏହାକୁ ନିଜର ଜୀବିକା କରି ନେଇଥିବାରୁ ବାରମ୍ବାର ଏପରି ବେଆଇନ କାମ କରୁଛନ୍ତି। ମହିଳାମାନଙ୍କ ଏଭଳି ସହଯୋଗ ଦ୍ୱାରା ଆଗକୁ ବେଆଇନ ମଦ ବେପାରୀଙ୍କ ଉପରେ କଡ଼ା ନଜର ରଖାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ମହିଳାମାନେ ଚେତାବନୀ ଦେଇଛନ୍ତି ଯେ ଯଦି ତୁରନ୍ତ ସମଗ୍ର ପଂଚାୟତକୁ ମଦମୁକ୍ତ କରାନଯାଏ ଏବଂ ବେଆଇନ ବେପାର ସମ୍ପୂର୍ଣ୍ଣ ବନ୍ଦ ନହୁଏ, ତେବେ ସେମାନେ ରାଜରାସ୍ତା ଅବରୋଧ କରିବା ସହ କୋରାପୁଟ ଜିଲ୍ଲାପାଳ ଓ ଏସପିଙ୍କ ଦ୍ୱାରସ୍ଥ ହେବେ।

ଶାରଦୀୟ ପୂଜା ଉତ୍ସବରେ ଅବାଧ ମଦ କାରବାର ଓ ଦେହଜୀବୀଙ୍କ ଆସର ନେଇ ଅସନ୍ତୋଷ

ସମ୍ବଲପୁର,୨୫/୧୦ (ନି.ପ୍ର): ଚଳିତ ବର୍ଷର ଶାରଦୀୟ ପୂଜା ଉତ୍ସବ ଅବସରରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରାଂଚଳରେ କିଛି ଅସାମାଜିକ ତତ୍ୱଙ୍କ ପ୍ରାଦୁର୍ଭାବକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବହୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମହଲରେ ମଧ୍ୟ ନୈରାଶ୍ୟତା ପ୍ରକାଶ ପାଇଛି। ସୂଚନାନୁଯାୟୀ ଅବକାରୀ ବିଭାଗର ତଥାକଥିତ ଅଧିକାରୀଙ୍କ ଉତ୍କୋଚ ଖୋର ମନୋଭାବ ଓ ନିର୍ଦ୍ଦିଷ୍ଟ ମଦ ମାଫିଆଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ ଯୋଗୁଁ କିଛି କୁଚିଆଙ୍କୁ ହାତବାରିସୀ କରି ତଥାକଥିତ ମଦ ମାଫିଆ କୁଚିଣ୍ଡା ବଜାରରୁ ଆରମ୍ଭ କରି ଆଖପାଖର ବିଭିନ୍ନ ଗ୍ରାମାଂଚଳରେ ମଦର ବନ୍ୟା ସୃଷ୍ଟି କରି ପୂଜା ମାହୋଲରେ ଏକ ଭିନ୍ନ ବାତାବରଣ ସୃଷ୍ଟି କରିଥିଲା। କୁଚିଣ୍ଡା ଅଂଚଳର ତଥାକଥିତ ମଦ ମାଫିଆ ଜଣଙ୍କ ଦଶହରା ପର୍ବରେ ବହୁଳ ମଦ ବିକ୍ରି କରି ମୋଟା ଅଙ୍କର ଅର୍ଥ ବେଶ୍ ହାତ ଚିକ୍କଣ କରିଥିବା ବେଳେ ଚଳିତ ବର୍ଷ କିଛି ଅଜଣା ଯୁବକ କୁଚିଣ୍ଡା ଅଂଚଳରେ ଦେହଜୀବୀଙ୍କ ଆସର ଖୋଲି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ବାଟବଣା କରିଥିବା ଭଳି ଅଭିଯୋଗ ଏବେ ଦାଣ୍ଡରେ ପଡି ହାଟରେ ଗଡିବା ସଦୃଶ୍ୟ ହୋଇଛି। ଚଳିତ ବର୍ଷ ଶାରଦୀୟ ପୂଜା ଭିଡକୁ ଦୃଷ୍ଟିରେ ରଖି କିଛି ଅଜଣା ଅସାମାଜିକ ଯୁବକମାନେ ଦୂର ଦୁରାନ୍ତରୁ କିଛି ଦେହଜୀବୀଙ୍କୁ ଆଣି ବଜାରରେ ବୁଲାଇବା, ଆଖପାଖରେ ଭଡା ଘର ଓ ହୋଟେଲ ଖୋଜିବା ଜଣାପଡିବା ପରେ ସ୍ଥାନୀୟ ଅଂଚଳରେ ଏକ ଅସ୍ଥିର ବାତାବରଣ ସୃଷ୍ଟି ହୋଇଥିଲା। ସମ୍ବଲପୁର ଜିଲ୍ଲାରେ କୁଚିଣ୍ଡାର ଏକ ସ୍ୱତନ୍ତ୍ର ପରିଚୟ ରହିଆସିଥିବା ବେଳେ ବିଭିନ୍ନ ଗାଁ ଗହଳିରେ ମଦର ବନ୍ୟା ଓ ଯୁବଗୋଷ୍ଠୀଙ୍କୁ ଦେହଜୀବୀଙ୍କ ପ୍ରତି ଆକର୍ଷିତ କରାଇ ଅର୍ଥ ରୋଜଗାର କରାଯିବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷର କାରଣ ପାଲଟିଥିଲା। ଦଶହରା ପର୍ବ ସରିଗଲାଣି, ମାତ୍ର ଚଳିତ ବର୍ଷ କୁଚିଣ୍ଡାରେ ଅବାଧ ମଦ କାରବାର ଓ ଦେହଜୀବୀଙ୍କ ଆସରକୁ ନେଇ ବିଭିନ୍ନ ମହଲରେ ଜୋରଦାର ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ଜାରି ରହିଛି। ପୂଜା ମାହୋଲରେ ଯଦି ଏଭଳି ଅବ୍ୟବସ୍ଥା ହୋଇଥିଲା ତେବେ ପ୍ରଶାସନ ନଜରକୁ ନଆଣି ନିର୍ଦ୍ଦିଷ୍ଟ କିଛି ସୋସିଆଲ ମିଡିଆ ଏହାକୁ ପ୍ରଚାର କରିବା ଘଟଣାକୁ ନିର୍ଦ୍ଦିଷ୍ଟ କିଛି ଗୋଷ୍ଠୀ ନାପସନ୍ଦ କରିଥିବାବେଳେ ଘଟଣାର ବାସ୍ତବତାକୁ ପ୍ରଶାସନ ତଦନ୍ତ କରିବା ଆବଶ୍ୟକ ବୋଲି କିଛି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

ଜିଲ୍ଲାର ବିକାଶ ନେଇ ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ସମୀକ୍ଷା ବୈଠକ

ଖୋର୍ଦ୍ଧା ,୨୫/୧୦ (ନି.ପ୍ର): ଜିଲ୍ଲାରେ ବିଭିନ୍ନ ସରକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଭୁବନେଶ୍ୱରସ୍ଥିତ ସ୍ପେଶାଲ ସର୍କିଟ୍ ହାଉସ୍ଠାରେ ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର, ଆଇଏଏସ୍‌ଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପଞ୍ଚାୟତିରାଜ, ସାମାଜିକ ସୁରକ୍ଷା, ଭିତ୍ତିଭୂମି ବିକାଶ ସମେତ ପ୍ରମୁଖ କ୍ଷେତ୍ରରେ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଯୋଜନାଗୁଡ଼ିକର ସଫଳ ରୂପାୟନ ସହ ଜନସାଧାରଣଙ୍କୁ ଠିକ୍ ସମୟରେ ସରକାରୀ ସେବା ଯୋଗାଇଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତି ସଚେତନତା ବୈଠକ, ବୌଦ୍ଧ ପୀଠରେ ସମନ୍ୱୟକୁ ଗୁରୁତ୍ୱ : ୧୧ତମ ସମର୍ପଣ ଉତ୍ସବ ପ୍ରସ୍ତୁତି

ସମ୍ବଲପୁର,୨୫/୧୦ (ନି.ପ୍ର): ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତି ପକ୍ଷରୁ ବିଭିନ୍ନ ସମାଜର ବ୍ୟକ୍ତି ବିଶେଷଙ୍କ ସହ ଅଂଚଳର ଇତିହାସ ବିଷୟରେ ଆଲୋଚନା କରାଯାଇଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବୌଦ୍ଧ ପୀଠ ଗୁଡ଼ିକ ରହିଥିବା ବେଳେ ସମନ୍ୱୟ ଅଭାବରୁ ଏହାର ଉଚିତ ବିକାଶ ହୋଇ ପାରୁନାହିଁ। ଏଥିପାଇଁ ଭାରତୀ ସମାଜ ପକ୍ଷରୁ ଗଠିତ ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତି ସମସ୍ତ ପୀଠ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଚେଷ୍ଟା କରୁଛି। ବୈଠକରେ ପଶ୍ଚିମାଂଚଳ ର ବିଭିନ୍ନ ଜାଗାରେ ଥିବା ଐତିହାସିକ ସ୍ଥଳ ଗୁଡ଼ିକ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଥିବା ବିଷୟରେ ସୂଚନା ଦିଆଯାଇଥିଲା। ଏହାସହ ୧୧ ତମ ସମର୍ପଣ ଉତ୍ସବର ରୁପରେଖ ଉପରେ ଆଲୋଚନା କରାଯାଇଥିଲା। ଚଳିତ ଅକ୍ଟୋବର ୩୧ ତାରିଖ ରେ ଲକ୍ଷ୍ମୀ ଡୁଙ୍ଗୁରିରେ ସମର୍ପଣ ଉତ୍ସବ ଅବସରରେ ବୃକ୍ଷ ପୂଜା ଆୟୋଜନ କରାଯିବ। ଏହାସହ ନଭେମ୍ବର ଏକ ତାରିଖରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୧୧ ତମ ସମର୍ପଣ ଉତ୍ସବ ଅବସରରେ ଆଲୋଚନା ଚକ୍ର ଆୟୋଜନ ନେଇ ଆଜି ପ୍ରସ୍ତୁତି ବୈଠକ ରେ ଚର୍ଚ୍ଚା କରାଯାଇଥିଲା। ସମିତି ର ଆବାହକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବିଗତ ଦଶବର୍ଷ ଧରି ଆୟୋଜିତ ସମର୍ପଣ ଉତ୍ସବ ବିଷୟରେ ସୂଚନା ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାର ବୌଦ୍ଧ ଇତିହାସକୁ ଲୋକ ଲୋଚନକୁ ଆଣିବା ସହିତ ସମ୍ବଲପୁତ୍ର ଗୁରୁ ପଦ୍ମ ସମ୍ଭବ, ରାଜା ଇନ୍ଦ୍ର ଭୁତି, ଲକ୍ଷ୍ମୀ କରାଙ୍କ ସହିତ ତତ୍କାଳୀନ ସମୟର ଇତିହାସକୁ ଲୋକ ଲୋଚନକୁ ଆଣିବା ପାଇଁ ଭାରତୀ ସମାଜ ପକ୍ଷରୁ ଉଦ୍ୟମ କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତି ଗଠନ କରାଯାଇ ଏହି ଦିଗରେ ଚେଷ୍ଟା କରାଯାଉଥିବା ନେଇ ମହାସଚିବ ଡ଼ ସ୍ୱୟଂ ପ୍ରକାଶ ପଣ୍ଡା ସୁଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମାଂଚଳର ଭିନ୍ନଭିନ୍ନ ଅଂଚଳର ୭ମ ଶତାବ୍ଦୀର ପୁରାତନ ଇତିହାସ ବିଷୟରେ ସ୍ଥାନୀୟ ଲୋକମାନଙ୍କ ଠାରୁ ଲୋକ କଥା/ ଇତିହାସ ସଂଗ୍ରହ କରାଯିବ। ଏଥିପାଇଁ ପଶ୍ଚିମାଂଚଳର ଭିନଭିନ ଜିଲ୍ଲାର ଗାଁ ଗୁଡିକରୁ ଲୋକଙ୍କୁ ନିମନ୍ତ୍ରଣ କରାଯାଉଛି। ପଶ୍ଚିମ ଓଡ଼ିଶାର ବୌଦ୍ଧ କରିଡ଼ର କୁ ବିକଶିତ କରି ପର୍ଯ୍ୟଟନ ର ବିକାଶ ନେଇ ଲକ୍ଷ୍ୟ ରଖାଯାଇଥିବା ବୈଠକରେ ଆଲୋଚନା ହୋଇଥିଲା। ଆଜି ର ବୈଠକରେ ସମିତି ର ସଦସ୍ୟ ଗୋପବନ୍ଧୁ ସେନାପତି, ମାନସ ରଞ୍ଜନ ବକ୍ସି, ଲଳିତା ଭୋଇ, ରଞ୍ଜିତ ସାହୁଙ୍କ ସମେତ ବିଭିନ୍ନ ସମାଜର ଚୂଡ଼ାମଣି ଭୀମ,ବସନ୍ତ କୋକବାଗ, ବଳରାମ ମଟାରୀ, ପ୍ରଦୀପ କୁମାର ପଣ୍ଡା, ଜନାର୍ଦ୍ଦନ ବାର୍ଗେ, ସୁରେନ୍ଦ୍ର ବର୍ଗତି, ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

ବାଲି ମାଫିଆଙ୍କ କବଜାରେ ମେର୍ମେଦା ନାଳ: କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ

ଚମ୍ପୁଆ,୨୫/୧୦ (ନି.ପ୍ର): ପ୍ରଶାସନିକ କଟକଣା ଓ କଡ଼ା ନିୟମ ସତ୍ତ୍ୱେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ମେର୍ମେଦା ନାଳରେ ବେଆଇନ ବାଲି ଚୋରାଚାଲାଣ ଦିନକୁ ଦିନ ବ୍ୟାପକରୁ ବ୍ୟାପକତର ହେବାରେ ଲାଗିଛି। ରାତି ଅନ୍ଧାରିଆ ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ପ୍ରାକୃତିକ ସମ୍ପଦର ଲୁଟ୍ ଚାଲିଛି। ମେର୍ମେଦା ନାଳ ଉପରେ ବର୍ଷ ବର୍ଷ ଧରି ମାଫିଆଙ୍କ ରାଜ ଚାଲିଥିବାରୁ ଏହି ନାଳ ଏବେ ନିଜର ସତା ହଜାଇବାକୁ ବସିଲାଣି। ମେର୍ମେଦା ନାଳର ଭୂଇଁପୁର, ଜାଲ୍ଲି ଏବଂ ପଡୁଆ ଗ୍ରାମପଂଚାୟତର ବିଭିନ୍ନ ଅଂଚଳରୁ ପ୍ରତିଦିନ ରାତି ଅଧିଆ ଶହ ଶହ ଟ୍ରାକ୍ଟର ବାଲି ଚୋରାଚାଲାଣ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ସାଙ୍ଘାତିକ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ପଡୁଆ ଗ୍ରାମପଂଚାୟତର ମଙ୍ଗଳପୁର ଶ୍ମଶାନଘାଟରୁ ପ୍ରତିଦିନ ରାତି ୧୦ ଘଟିକାରୁ ସକାଳ ପର୍ଯ୍ୟନ୍ତ ପ୍ରାୟ ୫ ରୁ ୮ଟି ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚୋରି କରାଯାଉଛି। ସେହିପରି ପଡୁଆ ଗ୍ରାମରୁ ନନ୍ଦପୁରକୁ ଯାଇଥିବା ରାସ୍ତା ଏବଂ ପଡୁଆ ବାବାଜୀ ମଠ ଦେଇ ପାରୁଡିପଶି ଯାଉଥିବା ରାସ୍ତାରୁ ମଧ୍ୟ ପ୍ରତିଦିନ ନିୟମିତ ଭାବେ ପ୍ରାୟ ୮ଟି ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଛି। କେବଳ ଏତିକି ନୁହେଁ, ଜାଲି ମେର୍ମେଦା ନାଳ, ଭୂଇଁପୁର ମେର୍ମେଦା ନାଳ, କମଣ୍ଡ ମେର୍ମେଦା ନାଳ ଓ ଶିରିକୁଆଁ ମେର୍ମେଦା ନାଳରୁ ମଧ୍ୟ ବେଆଇନ ଭାବେ ବାଲି ଉତୋଳନ କରାଯାଉଛି। ଏହି ସମସ୍ତ ଘାଟ ଓ ନାଳରୁ ରାତି ଅଧିଆ ଚୋରି ହେଉଥିବା ବାଲିକୁ ଟ୍ରାକ୍ଟର ଏବଂ ହାଇୱା ଜରିଆରେ ଝୁମ୍ପୁରା, ଚମ୍ପୁଆ, ଯୋଡା, ବଡ଼ବିଲ ଓ କେନ୍ଦୁଝର ସହରକୁ ଚୋରା ଚାଲାଣ କରାଯାଉଥିବା ସ୍ପଷ୍ଟ ଜଣାପଡିଛି। ନିଜର ଘରକାମ ବା ଗରିବ ଶ୍ରେଣୀର ଲୋକେ ନିଜର ଦରକାରୀ କାମ ପାଇଁ ମୁଠାଏ ବାଲି ପାଇଁ ହନ୍ତସନ୍ତ ହେଉଥିବାବେଳେ, ବାଲି ମାଫିଆମାନେ ରାଜକୋଷକୁ ଚୂନ ଲଗାଇ ମାଲାମାଲ ହେଉଛନ୍ତି। ବେଆଇନ ଭାବେ ଏପରି ମନଇଚ୍ଛା ବାଲି ଉତୋଳନ କରାଯିବା ଯୋଗୁଁ ସ୍ଥାନୀୟ ଅଂଚଳର ପ୍ରାକୃତିକ ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଆଗାମୀ ଦିନରେ ଭୂତଳ ଜଳସ୍ତର ପ୍ରଭାବିତ ହେବାର ଏକ ବଡ଼ଧରଣର ଆଶଙ୍କା ସୃଷ୍ଟି ହୋଇଛି। ପ୍ରାକୃତିକ ସମ୍ପଦର ଏପରି ବେଧଡ଼କ ଲୁଟ୍ କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇବା ସହିତ ପ୍ରଶାସନିକ କଳର ଏପରି ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଜିଲ୍ଲା ପ୍ରଶାସନ, ତହସିଲ ବିଭାଗ, ପୋଲିସ ପ୍ରଶାସନ, ଲଘୁଖଣିଜ ବିଭାଗ ଏବଂ ଚମ୍ପୁଆ ଉପଜିଲ୍ଲାପାଳ ଏହି ସମସ୍ତ ବାଲିଘାଟ ଓ ନାଳଗୁଡ଼ିକରେ ତୁରନ୍ତ ମିଳିତ ଚଢ଼ାଉ କରି ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଧାମନଗର ବଜାରରେ ଟ୍ରାଫିକ୍ ଯନ୍ତ୍ରଣା, ଜବରଦଖଲ ଓ ବେଆଇନ ପାର୍କିଂରୁ ଯାତାୟାତ ବାଧାପ୍ରାପ୍ତ

ଭଦ୍ରକ,୨୫/୧୦ (ନି.ପ୍ର): ଏହି ଜିଲାର ଧାମନଗର ବଜାରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେଉଛି। ବାସନ୍ତୀ ଦୁର୍ଗା ମଣ୍ଡପଠାରୁ ବଡ଼ବଜାର, ଥାନା ଛକ, ହାଟ ଦେଇ ମେଡିକାଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନ ଓ ରାସ୍ତା ଉପରେ ଗାଡ଼ି ପାର୍କିଂ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିଶେଷକରି ସନ୍ଧ୍ୟା ସମୟରେ ଟ୍ରାଫିକ୍ ଜାମ୍ ଯୋଗୁଁ ଲୋକେ ହଇରାଣ ହେଉଛନ୍ତି। ଫାଷ୍ଟଫୁଡ୍ ଓ ଅନ୍ୟ ଖାଦ୍ୟ ଦୋକାନ ନିକଟରେ ଗାଡ଼ି ରଖି ଖାଦ୍ୟ ଖାଉଥିବାରୁ ରାସ୍ତା ସଂକୁଚିତ ହୋଇପଡୁଛି। ଫଳରେ ଭଦ୍ରକରୁ କ୍ଷେଣ୍ଟପୁର ଯାତାୟାତ କରୁଥିବା ବସ୍, ଟ୍ରକ୍ ସମେତ ଅନ୍ୟ ଯାନବାହନ ଜାମ୍‌ରେ ଫସି ରହୁଛନ୍ତି। ରବିବାର ଓ ବୁଧବାର ହାଟବାର ହୋଇଥିବାରୁ ଦିନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବଜାରରେ ଭିଡ଼ ଲାଗି ରହୁଛି। ଏଥିଯୋଗୁଁ ପଥଚାରୀଙ୍କ ଯାତାୟାତ ମଧ୍ୟ କଷ୍ଟକର ହେଉଛି। ପୂର୍ବରୁ ତତ୍କାଳୀନ ତହସିଲଦାର ରମେଶ ଜେନାଙ୍କ ଉଦ୍ୟମରେ ବଜାରରେ ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ ହୋଇଥିଲା। ଏଥିସହ ଆର ଆଣ୍ଡ ବି ବିଭାଗ ପକ୍ଷରୁ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଇ ଖୁଂଟ ପୋତାଯାଇଥିଲା। ମାତ୍ର କିଛି ବର୍ଷ ମଧ୍ୟରେ ଖୁଂଟଗୁଡ଼ିକ ଭାଙ୍ଗିଯିବା ପରେ ପୁନର୍ବାର ଜବରଦଖଲ ବଢ଼ିବାରେ ଲାଗିଛି। କେତେକ ସ୍ଥାନରେ ଘର ଓ ଦୋକାନ ନିର୍ମାଣ ହୋଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି। ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଜବରଦଖଲ ନିୟନ୍ତ୍ରଣ, ଉଠାଦୋକାନ ସ୍ଥାନାନ୍ତର ଓ ବେଆଇନ ନିର୍ମାଣ ଉଚ୍ଛେଦ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ। ମାଷ୍ଟର ପ୍ଲାନ୍ ନଥିବା ଏବଂ ରାସ୍ତା ଉପରେ ପାର୍କିଂ ନିୟନ୍ତ୍ରଣ ହେଉନଥିବାରୁ ସମସ୍ୟା ଜଟିଳ ହେଉଛି। ତେଣୁ ଧାମନଗର ବଜାରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଏନଏସି ଅଧିକାରୀ ଦେବବ୍ରତ ମହାପାତ୍ରଙ୍କୁ ପଚାରିବାରୁ କୁହନ୍ତି ପ୍ରଥମଥର ଉଠା ଦୋକାନୀଙ୍କୁ ନୋଟିସ୍ ଦିଆଯାଇଛି। ୨ୟ ଥର ନୋଟିସ୍ ପ୍ରଦାନ କରାଯିବା ପରେ ଉଠା ଦୋକାନୀ ନାଗଲେ ତାଙ୍କ ଉପରେ ଜୋରିମାନା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅର୍ବାନ କନକ୍ଲେଭ୍‌ରେ ବନ୍ଧୁ ଯୋଜନା, ନୀତିଗତ ସଂସ୍କାର ଓ ଅଭିନବ ଗୃହନିର୍ମାଣ ମଡେଲ୍ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ସହରାଂଚଳରେ ଗୃହର ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ସହ ସମସ୍ତଙ୍କ ପାଇଁ ସୁଲଭ ଗୃହ ଉପଲବ୍ଧ କରାଇବା ଦିଗରେ ଓଡ଼ିଶା ସରକାରଙ୍କ ପଦକ୍ଷେପ ଦ୍ୱିତୀୟ ଜାତୀୟ ସହରାଂଚଳ ସମ୍ମିଳନୀ-୨୦୨୬ରେ ଉପସ୍ଥାପିତ ହୋଇଛି । ଭୁବନେଶ୍ୱରଠାରେ ଆୟୋଜିତ 'ସୁଲଭ ଗୃହନିର୍ମାଣ–ଚାହିଦା ଓ ଯୋଗାଣର ଗତିଶୀଳତା' ଶୀର୍ଷକ ଅଧିବେଶନରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ରାଜ୍ୟର ସମନ୍ୱିତ ଗୃହନିର୍ମାଣ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ 'ବନ୍ଧୁ' ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା । ଏହି ପଦକ୍ଷେପ ପାଇଁ ପାଂଚ ବର୍ଷରେ ୧,୬୧୫ କୋଟି ଟଙ୍କା ବରାଦ କରାଯାଇଛି । ଏହା ଗୃହନିର୍ମାଣ ପ୍ରକଳ୍ପକୁ ସହାୟତା, ନିର୍ମାଣ ଶ୍ରମିକଙ୍କୁ ପ୍ରୋତ୍ସାହନ ଏବଂ ଯୋଗ୍ୟ ପରିବାରଙ୍କ ପାଇଁ ଗୃହ ସହାୟତାର ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛି । ଜମିହୀନ ଓ ଅନ୍ୟାନ୍ୟ ବଂଚିତ ପରିବାରଙ୍କ ପାଇଁ ସୁଲଭ ଗୃହ, ଭଡ଼ା ଗୃହ ଓ ଅସ୍ଥାୟୀ ଆଶ୍ରୟ ବ୍ୟବସ୍ଥାକୁ ମଧ୍ୟ ଏହା ଗୁରୁତ୍ୱ ଦେଉଛି । ରାଜ୍ୟର ଗୃହନିର୍ମାଣ ମଡେଲ୍‌ରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ଗୃହନିର୍ମାଣ, ସୁଲଭ ଗୃହ ପ୍ରକଳ୍ପ, ବସ୍ତିର ସ୍ଥାନୀୟ ପୁନର୍ବିକାଶ, ପୁନର୍ବାସ ଓ ଭଡ଼ା ଗୃହ ଅନ୍ତର୍ଭୁକ୍ତ । ସହରାଂଚଳରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ପ୍ରାୟ ୧.୪ ଲକ୍ଷ ଘର ନିର୍ମାଣ ଶେଷ ହୋଇ ଲୋକମାନେ ସେଥିରେ ବସବାସ କରୁଛନ୍ତି । ଏଥିସହ 'ବନ୍ଧୁ' ଅଧୀନରେ ରାଉରକେଲା, ଢେଙ୍କାନାଳ, ପାରାଦୀପ ଓ ଝାରସୁଗୁଡ଼ାରେ ଭଡ଼ା ଗୃହର ପୁନରୁଦ୍ଧାର ପ୍ରକଳ୍ପକୁ ସହାୟତା ଦିଆଯାଉଛି । ସୁଲଭ ଗୃହନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ହ୍ରାସ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଓ ନିମ୍ନ ଆୟ ବର୍ଗ ପାଇଁ ଗୃହ ବ୍ୟବସ୍ଥା, ଅତିରିକ୍ତ ଫ୍ଲୋର୍ ଏରିଆ ରେସିଓ ଓ ଟ୍ରାନ୍ସଫରେବଲ୍ ଡେଭଲପମେଂଟ ରାଇଟ୍ସ ଭଳି ନୀତିଗତ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହା ସହ ପ୍ରସ୍ତାବିତ 'ଭୂମି' ଢାଂଚା ସମ୍ପର୍କରେ ତଥ୍ୟ ଦିଆଯାଇଥିଲା। ଏଥିରେ ଗୃହନିର୍ମାଣ ଓ ସହରାଂଚଳ ଭିତିଭୂମି ବିକାଶ ପାଇଁ ଜମି ବ୍ୟାଙ୍କ, ଜିଆଇଏସ୍ ଆଧାରିତ ଜମି ତଥ୍ୟଭଣ୍ଡାର ଏବଂ ଜମି ଆବଂଟନ ବ୍ୟବସ୍ଥାର ପରିକଳ୍ପନା ରହିଛି । ଏହି ନୀତିର ଚିଠା ପ୍ରକ୍ରିୟାଧୀନ ଥିବାବେଳେ ଏହାକୁ ଅନୁମୋଦନ ପାଇଁ ରାଜ୍ୟ କ୍ୟାବିନେଟ୍ ରେ ଉପସ୍ଥାପନ କରିବାକୁ ପ୍ରସ୍ତାବ ରହିଛି ।

ସମନ୍ୱିତ ଆଂଚଳିକ ଯାତାୟାତ ଯୋଜନା ସୁଗମ ଓ ସ୍ଥାୟୀ ସହର ବିକାଶର ଆଧାର

ୟୁ ଏମ୍ ଆଇର ସ୍ୱତନ୍ତ୍ର ଅଧିବେଶନରେ ସମନ୍ୱିତ ଜନପରିବହନ ଓ ଶେଷ ପର୍ଯ୍ୟାୟର ସଂଯୋଗ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଯାତାୟାତକୁ ସୁଗମ କରିବା ଏବଂ ସ୍ଥାୟୀ ସହର ବିକାଶକୁ ଆଗେଇ ନେବା ପାଇଁ ସହର ସହିତ ଏହାର ଆଖପାଖ ଅଂଚଳକୁ ମିଶାଇ ସମନ୍ୱିତ ଯାତାୟାତ ଯୋଜନା ପ୍ରସ୍ତୁତ କରିବା ଅତ୍ୟନ୍ତ ଜରୁରୀ । ଭୁବନେଶ୍ୱରରେ ଆୟୋଜିତ ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬ରେ ଅକ୍ଟୋବର ୨୩ ତାରିଖରେ ଅନୁଷ୍ଠିତ ସମନ୍ୱିତ ଆଂଚଳିକ ଯାତାୟାତ ଯୋଜନା ସମ୍ପର୍କିତ ସ୍ୱତନ୍ତ୍ର ଅଧିବେଶନରେ ଏହି ମତ ପ୍ରକାଶ ପାଇଥିଲା । ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏହି ଅଧିବେଶନରେ ଅଧକ୍ଷତା କରିଥିଲେ । ଏଥିରେ ବରିଷ୍ଠ ସରକାରୀ ଅଧିକାରୀ ଓ ପରିବହନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ ସହର ଓ ଏହାର ଆଖପାଖ ଅଞ୍ଚଳ ମଧ୍ୟରେ ସମନ୍ୱିତ ଯାତାୟାତ ବ୍ୟବସ୍ଥାର ବିକାଶ ଏବଂ ନାଗରିକଙ୍କ ଦୈନନ୍ଦିନ ଯାତ୍ରାକୁ ଅଧିକ ସହଜ ଓ ସୁବିଧାଜନକ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ଏଆରୟୁପିର ସହର ଯୋଜନା ଓ ଡିଜାଇନ୍ ମୁଖ୍ୟ ଜିଗ୍ନେଶ ମେହେଟ୍ଟା, ସିଷ୍ଟାରା ଇଣ୍ଡିଆର ସିଇଓ (ପ୍ରୋଜେକ୍ଟ ସର୍ଭିସେସ୍) ସନ୍ଦୀପ ଫୁଲର, ନାସନାଲ କ୍ୟାପିଟାଲ ରିଜନ ଟ୍ରାନ୍ସପୋର୍ଟ (ଏନସିଆରଟିସି)ର ପରିଚାଳନା ନିର୍ଦ୍ଦେଶକ ଶଲଭ ଗୋଏଲ, ଓଡ଼ିଶା ସରକାରଙ୍କ ପରିବହନ ଆୟୁକ୍ତ _1 ଅମିତାଭ ଠାକୁର, ସିଙ୍ଗାପୁରର ଲାଣ୍ଡ ଟ୍ରାନ୍ସପୋର୍ଟ ଅଥରିଟି ଏକାଡେମୀର ପୂର୍ବତନ ଡିନ୍ ମୋହିନ୍ଦର ସିଂହ ଏବଂ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଆଲୋଚନାରେ ସହର ଓ ଏହାର ଆଖପାଖ ଅଂଚଳକୁ ଏକ ସଂଯୁକ୍ତ ଯାତାୟାତ କ୍ଷେତ୍ର ଭାବେ ବିଚାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଲୋକମାନେ ରହୁଥିବା, କାର୍ଯ୍ୟ କରୁଥିବା ଓ ଶିକ୍ଷା ତଥା ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଯାତାୟାତ କରୁଥିବା ଅଂଚଳଗୁଡ଼ିକ ମଧ୍ୟରେ ସୁଗମ ସଂଯୋଗ ସ୍ଥାପନ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ପରିବହନ ନେଟୱର୍କ, ଭିତିଭୂମି ବିକାଶ ଓ ଭୂମି ବ୍ୟବହାର ଯୋଜନା ମଧ୍ୟରେ ସମନ୍ୱୟ ସହିତ ବିଭିନ୍ନ ପରିବହନ ସଂସ୍ଥା ଓ ସହରାଂଚଳ ସ୍ଥାନୀୟ ନିକାୟ ମଧ୍ୟରେ ସହଯୋଗ ଆବଶ୍ୟକ। ଏକ ଦକ୍ଷ ଓ ସମାବେଶୀ ଯାତାୟାତ ବ୍ୟବସ୍ଥା ପାଇଁ ସମନ୍ୱିତ ଜନପରିବହନ, ଶେଷ ପର୍ଯ୍ୟାୟର ଯାତାୟାତ ସଂଯୋଗ, ପଥଚାରୀ ଅନୁକୂଳ ରାସ୍ତା ଏବଂ ସାଇକେଲ୍ ଭଳି ଅ ଣ-ମୋଟର ଯାନର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପରିବହନ ଭିତିଭୂମି ଓ ଭୂମି ବ୍ୟବହାର ଯୋଜନା ମଧ୍ୟରେ ସମନ୍ୱୟ ରହିଲେ ଉପଲବ୍ଧ ସମ୍ବଳର ସଠିକ୍ ଉପଯୋଗ ହେବା ସହିତ ଆଂଚଳିକ ବିକାଶ ଅଧିକ ସନ୍ତୁଳିତ ହୋଇପାରିବ। ନାଗରିକଙ୍କ ଦୃଷ୍ଟିରୁ ଏଭଳି ଯୋଜନା ଦୈନନ୍ଦିନ ଯାତ୍ରାକୁ ସହଜ କରିବା ସହିତ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଜରୁରୀ ସେବା ପର୍ଯ୍ୟନ୍ତ ପହଞ୍ଚକୁ ସୁଗମ କରିବ। ଏହା ସୁରକ୍ଷିତ ରାସ୍ତା, ଅଧିକ ଯାତାୟାତ ବିକଳ୍ପ ଓ ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରି ସହରଗୁଡ଼ିକୁ ଅଧିକ ବାସଯୋଗ୍ୟ କରିବାରେ ସହାୟକ ହେବ। ୟୁ ଏମ୍ ଆଇ ୨୦୨୬ର ଏହି ଅଧିବେଶନରେ ସହର ଓ ଏହାର ଆଖପାଖ ଅଂଚଳ ମଧ୍ୟରେ ସମନ୍ୱିତ ଯାତାୟାତ ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏଭଳି ଯୋଜନା ମାଧ୍ୟମରେ ଅଂଚଳଗୁଡ଼ିକୁ ଉନ୍ନତ ଭାବେ ଯୋଡ଼ିବା, ନାଗରିକଙ୍କ ପାଇଁ ସୁଯୋଗ ବୃଦ୍ଧି କରିବା ଏବଂ ସ୍ଥାୟୀ ସହର ବିକାଶକୁ ଆଗେଇ ନେବା ଦିଗରେ ସମନ୍ୱିତ ପଦକ୍ଷେପର ଆବଶ୍ୟକତା ରହିଛି ।



ଲୁଣ ମିଶ୍ରିତ ସ୍ନାନ ପ୍ରତି ବଢୁଛି ରୁଚି

ବ୍ୟସ୍ତବହୁଳ ଜୀବନରେ, ଚାପ, ଥକ୍କାପଣ ଏବଂ ଶାରୀରିକ ଯନ୍ତ୍ରଣା ଭଳି ସମସ୍ୟା କିଛିବର୍ଷ ହେବ ଅତ୍ୟନ୍ତ ସାଧାରଣ ହୋଇଗଲାଣି। ଲୋକମାନେ ପ୍ରତ୍ୟେକ ଛୋଟଛୋଟ ଶାରୀରିକ ସମସ୍ୟା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରୁଛନ୍ତି। ଏହା ଠିକ। କାରଣ ଆଜିକାଲି ଶରୀରରେ ଯେଭଳି ଭାବେ ରୋଗ ଦେଖା ଦେଉଛି ପ୍ରଥମରୁ ସଚେତନ ହୋଇଯିବା ଉଚିତ।

ଏହି କ୍ରମରେ ଦେଖିବାକୁ ଗଲେ ଶରୀରରେ ଏପରି କିଛି ସମସ୍ୟା ଅଛି ଯାହାକୁ ଘରୋଇ ଉପଚାର ଦ୍ୱାରା ବି ଠିକ କରାଯାଇପାରେ। ଏପରି ଏକ ପଦ୍ଧତି ହେଉଛି ଲୁଣ ପାଣିରେ ସ୍ନାନ କରିବା। ଲୁଣ ପାଣିରେ ସ୍ନାନ କରିବା ଦ୍ୱାରା ଏହାର ଲାଭ ଏବଂ ଏହା କରିବାର ଠିକ୍ ଉପାୟ କ'ଣ ରହିଛି ଆସନ୍ତୁ ଜାଣିବା।

ସ୍ନାନ ପାଇଁ ସମୁଦ୍ର ଲୁଣକୁ ଅପଣାଇବା ଭଲ। ସମୁଦ୍ରରେ ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଜିଙ୍କ୍ ଭଳି ଅଧିକ ଖଣିଜ ପଦାର୍ଥ ରହିଥାଏ। ଏହି ଖଣିଜ ପଦାର୍ଥଗୁଡ଼ିକ ଆମର ଚର୍ମ, ମାଂସପେଶୀ ଏବଂ ଗଣ୍ଠି ପାଇଁ ବହୁତ ଲାଭଦାୟକ।

ଲୁଣ ପାଣିରେ ଗାଧୋଇବା ଦ୍ୱାରା ଚର୍ମକୁ ଅନେକ ଲାଭ ମିଳିଥାଏ। ଏହା ମୃତ ଚର୍ମ କୋଷଗୁଡ଼ିକୁ ଦୂର କରେ ଏବଂ ନୂତନ କୋଷ ଗଠନରେ, ଚର୍ମକୁ ହାଇଡ୍ରେଟେଡ୍ ଏବଂ ନରମ ରଖିବାରେ ସାହାଯ୍ୟ କରେ।

ଅନେକ ସମୟ ଧରି କାମ କରିବା ପରେ କ୍ଲାନ୍ତ ଲାଗିଥାଏ। ମାଂସପେଶୀରେ ଯନ୍ତ୍ରଣା ହୋଇଥାଏ। ଏସବୁ ଯନ୍ତ୍ରଣା ନିବାରକ ପାଇଁ ଲୁଣ ପାଣିରେ ଗାଧୋଇବା ରାମବାଣ ସାବ୍ୟସ୍ତ ହୋଇଥାଏ। ଏହା ରକ୍ତ ସଞ୍ଚାଳନ ବୃଦ୍ଧି କରେ, ମାଂସପେଶୀ ଯନ୍ତ୍ରଣା କମ କରେ ଏବଂ କ୍ଲାନ୍ତ ପାଦକୁ ଆରାମ ଦିଏ।ଉଷୁମ ପାଣିରେ ଲୁଣ ମିଶାଇ ଗାଧୋଇବା ଦ୍ୱାରା ଏହା ଚାପକୁ କମ କରେ ଏବଂ ରାତିରେ ନିଦ ଭଲ ହୋଇଥାଏ। ଶୋଇବା ପୂର୍ବରୁ ଲୁଣ ସ୍ନାନ ବିଶେଷ ଭାବରେ ଲାଭଦାୟକ ସାବ୍ୟସ୍ତ ହୋଇଛି।

ଲୁଣ ପାଣି ସ୍ନାନର ଠିକ୍ ଉପାୟ କ'ଣ ?

ପାଣିରେ ପ୍ରାୟ ୨ କପ୍ ସମୁଦ୍ର ଲୁଣ ମିଶାନ୍ତୁ ଏବଂ ଏହାକୁ ଉଷୁମ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ପାଣି ଉଷୁମ ହୋଇଗଲେ ଏବଂ ଲୁଣ ସମ୍ପୂର୍ଣ୍ଣ ଭାବରେ ଦ୍ରବୀଭୂତ ହୋଇଗଲେ ୧୫-୨୦ ମିନିଟ୍ ପାଇଁ ପାଣିରେ ଆରାମରେ ବସନ୍ତୁ।

ଶେଷରେ ଖାଲି ପାଣିରେ ଆପଣଙ୍କ ଶରୀରକୁ ଧୋଇ ଦିଅନ୍ତୁ ଏବଂ ଗାଧୋଇବା ପରେ ପ୍ରଚୁର ପରିମାଣରେ ମଇଶ୍ଚରାଇଜର ଲଗାନ୍ତୁ।ଏହି ପଦ୍ଧତିର ତୁରନ୍ତ ଫଳାଫଳ ମିଳିଥାଏ। ତଥାପି, ଯଦି ଆପଣଙ୍କର ଚର୍ମରେ କୌଣସି କ୍ଷତ ବା ସଂକ୍ରମଣ ଅଛି, କିମ୍ବା ଯଦି ଆପଣଙ୍କର ଲୁଣ ପ୍ରତି ଆଲର୍ଜି ଅଛି, ତେବେ ଲୁଣ ସ୍ନାନରୁ ଦୂରେଇ ରୁହନ୍ତୁ।

ଯୁବକମାନଙ୍କ ପାଖରେ ଏହି ୫ ଗୁଣ ଥିଲେ ଝିଅମାନେ ହୋଇଥାନ୍ତି ପ୍ରଭାବିତ

ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ।

ପ୍ରାୟ ପୁଅମାନେ ସେମାନଙ୍କର ଗର୍ଲଫ୍ରେଣ୍ଡମାନଙ୍କୁ ପ୍ରଭାବିତ କରିବା ପାଇଁ କିଛି ନା କିଛି କରନ୍ତି। ଅନେକ ସମୟରେ କିନ୍ତୁ ଦେଖାଯାଏ ଅନେକ ଯୁବକ ଝିଅମାନଙ୍କୁ ପ୍ରଭାବିତ କରିପାରନ୍ତି ନାହିଁ। କିନ୍ତୁ ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି।

ତେବେ ଏହିସବୁ ଯୁବକମାନଙ୍କ ପାଖରେ ଏମିତି କିଛି ଗୁଣ ଥାଏ ଯାହା ପ୍ରତି ଝିଅମାନେ ଚୁମ୍ବକ ଭଳି ଆକର୍ଷିତ ହୁଅନ୍ତି।

ତେବେ ଏହା ପଛରେ କିଛି ମୁଖ୍ୟ କାରଣ ରହିଛି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ ଏବଂ ସେମାନଙ୍କ ବନ୍ଧୁ କରିବାକୁ ଚାହିଁବେ। ଆସନ୍ତୁ ଏହି ୫ଟି ଗୁଣ ବିଷୟରେ ଜାଣିବା।


ଯୁବକଙ୍କ ୫ ଗୁଣ:

ଝିଅମାନଙ୍କୁ ପ୍ରଭାବିତ କରିବା ପାଇଁ ସର୍ବପ୍ରଥମେ ଯୁବକମାନେ ସେମାନଙ୍କ ଶରୀର ପ୍ରତି ଧ୍ୟାନ ଦେବା ଉଚିତ। ଯେଉଁମାନଙ୍କର ଫିଟ୍ ଶରୀର ଥାଏ ସେମାନେ ପ୍ରାୟତଃ ଖୁବ ଆକର୍ଷଣୀୟ ଦେଖାଯାଆନ୍ତି।

ଯେଉଁ ଯୁବକମାନେ ଏକ ଲକ୍ଷ୍ୟ ରଖିଥାନ୍ତି ଏବଂ ସେ ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ସଜୋଟ ରୁହନ୍ତି, ପ୍ରାୟ ଝିଅମାନେ ସେମାନଙ୍କୁ ଅଧିକ ପସନ୍ଦ କରନ୍ତି।

କଥାବାର୍ତ୍ତାର ଶୈଳୀ, କଥାବାର୍ତ୍ତାରେ ଭଦ୍ରତା ଏବଂ ସାମ୍ନା ଲୋକଙ୍କୁ ସମ୍ମାନ ଦେଇ ନିଜର ମତ ପ୍ରକାଶ କରିବା ଭଳି ଗୁଣକୁ ଝିଅମାନେ ଖୁବ ଭଲ ପାଆନ୍ତି।


ସଫା-ସୁତୁରା ଖାଇବା ଏକ ଭଲ ଅଭ୍ୟାସ। ଏହା ନିଜ ଶରୀର ପ୍ରତି ଏକ ସଚେତନତା ଦର୍ଶାଏ। ଏହି ସତର୍କତା ଜଣଙ୍କୁ ଏକ ଆକର୍ଷଣୀୟ ମଣିଷ କରିଥାଏ ଏବଂ ତେହେରାରେ ଚମକ ଆଣିଥାଏ। ଏହି କାରଣରୁ ଜଣେ ସୁନ୍ଦର ଦେଖାଯାଆନ୍ତି ଏବଂ ଲୋକମାନେ



ଆକର୍ଷିତ ହୁଅନ୍ତି।

ଦେଖାଯାଏ ଯେ କ୍ରୀଡା ପ୍ରତି ଆଗ୍ରହୀ ଯୁବକମାନେ କ୍ରୀଡ଼ାରେ ବହୁତ ଭଲ ପ୍ରଦର୍ଶନ କରନ୍ତି। ଏହା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ଝିଅମାନେ ସେମାନଙ୍କ ପ୍ରତି ଅଧିକ ଆଗ୍ରହ ଦେଖାନ୍ତି।

ଚାପଗ୍ରସ୍ତ ଜୀବନ ବିପଦର କାରଣ



ଆଜିକାଲି କାହାକୁ ସମୟ ମିଳୁନି ନିଜ କାମରୁ । ଅଫିସ ଚାପ ସହ ବିଭିନ୍ନ ଟେନସନ । ଭିନ୍ନ ଭିନ୍ନ କାରଣ ନେଇ ଆଜିର ଜୀବନଶୈଳୀ ଅତ୍ୟନ୍ତ ଜଟିଳ ହୋଇଛି, ଯେଉଁଥିପାଇଁ ଲୋକ ଚାପଗ୍ରସ୍ତ ରହୁଛନ୍ତି । କିନ୍ତୁ ଛୋଟ କାରଣ ଭାବରେ ବିଚାର କରି ଟେନସନକୁ ଅଣଦେଖା କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଆପଣଙ୍କର ସମସ୍ୟା ଆହୁରି ବଢ଼ିବ । ଟେନସନ ଦୂର କରିବାର ଅର୍ଥ ନୁହେଁ ଯେ ଆପଣ ପ୍ରତିଯୋଗିତାର ଦୌଡ଼କୁ ଛାଡ଼ିଦିଅନ୍ତି । କିନ୍ତୁ କିଛି ଜୀବନଶୈଳୀରେ ପରିବର୍ତ୍ତନ ସହିତ, ଆପଣ ଆପଣଙ୍କ ଚାପକୁ ହ୍ରାସ କରି ଖୁସି ଏବଂ ଟେନସନ ମୁକ୍ତ ଜୀବନ ବିତାଇବାରେ ସହାଯ୍ୟ କରିବ । ଅନ୍ୟଥା ଷ୍ଟ୍ରେସ୍ ଭିତରେ ମୂଲ୍ୟବାନ ଜୀବନ ଛନ୍ଦି ହୋଇପଡ଼ିବ , ଆପଣ ଅସ୍ତବ୍ୟସ୍ତ ଭଳି ଅନୁଭବ କରିବେ । କାରଣ ଟେନସନ୍ ଶରୀର ପାଇଁ ସ୍ଲୋ ପଏଜନ୍ ଭଳି କାମ କରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି ।

ନିଜର ଯତ୍ନ ନିଅନ୍ତୁ : ନିଶା ସେବନ ଯେପରି ମଦ୍ୟପାନ, ନିଦ୍ରା ଜନିତ ଔଷଧ ନେବାରୁ ନିଜକୁ ଦୂରେଇ ରଖନ୍ତୁ । ବରଂ ସନ୍ତୁଳିତ ଆହାର ଗ୍ରହଣ କରିବା ସହ ୬ରୁ ୭ ଘଣ୍ଟା ଶୋଇବାକୁ ସମୟ ଦିଅନ୍ତୁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିୟମିତ ବ୍ୟାୟାମ କରନ୍ତୁ ।

ଆତ୍ମବିଶ୍ୱାସକୁ ଆଧାର କରନ୍ତୁ : ଦୁଶ୍ଚିନ୍ତାରୁ ଦୂରେଇ ରହିବାକୁ ତଥା ମାଂସପେଶୀଗୁଡ଼ିକୁ ଆରାମ ଦେବାକୁ ଧ୍ୟାନ, ଯୋଗ , ପ୍ରାଣାୟାମ କରିବା ସହ ପ୍ରାକୃତିକ ପରିବେଶରେ ସମୟ ବିତାନ୍ତୁ । ସଠିକ୍ ବାଟ ବତାଉଥିବା ଜଣେ ବା କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା ହୋଇ ସମୟ କାଟନ୍ତୁ । କିନ୍ତୁ ସବୁବେଳେ ଜଣେ ଭଲ ସାଙ୍ଗକୁ ବାଛିବା ବି ଗୁରୁତ୍ୱପୂର୍ଣ୍ଣ ।

ବ୍ରେକ୍ ନିଅନ୍ତୁ : ଲଗାତାର କାମ କରିବା ଅପେକ୍ଷା କାମ ମଝିରେ କିଛି ସମୟର ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ । କାରଣ ଏପରି କଲେ ଆପଣଙ୍କ ମସ୍ତିଷ୍କକୁ ଆରାମ ମିଳିବା ସହ ତାର ରଚନାତ୍ମକ କ୍ଷମତା ବଢ଼ିଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି ।

ସାମାଜିକ ବ୍ୟବସ୍ଥାରେ ରୁହନ୍ତୁ : ଏହା କହିବାର ଅର୍ଥ ଆଜିକାର ବ୍ୟସ୍ତ ବହୁଳ ଜୀବନଶୈଳୀ ଅନେକ ସମୟରେ ଦୁଶ୍ଚିନ୍ତାକୁ ବରଣ କରୁଛି । କାମ ବ୍ୟସ୍ତତା ଯୋଗୁଁ କାହା ସହିତ ମିଳିମିଶା କରିବା ସାକ୍ଷାତ କରିବାକୁ ସମୟ ରହୁନି । କେବଳ କାମର ଚାପ ମସ୍ତିଷ୍କକୁ ଚାପଗ୍ରସ୍ତ କରୁଛି , ଅନେକ ସମୟରେ କାମର ଚାପ ହେଉ କି ବ୍ୟକ୍ତିଗତ କିଛି ସମସ୍ୟା ମଣିଷକୁ ଏଭଳି ଚାପଗ୍ରସ୍ତ କରେ ଯେ କିଛି ଜଣ ଆତ୍ମହତ୍ୟାର ବାଟ ବାଛିବା ଦେଖିବାକୁ ମିଳୁଛି । କିନ୍ତୁ ସମାଜିକ ବ୍ୟବସ୍ଥା ଭିତରେ ରହିଲେ ଅର୍ଥାତ୍ ଲୋକଙ୍କ ସହ ମିଳାମିଶା ଓ କଥାବାର୍ତ୍ତାରେ ଆପଣଙ୍କୁ ହୁଏତ ଏସବୁରୁ ମୁକୁଳିବାର ବାଟ ମିଳିଯିବ । ଏହା ବ୍ୟତୀତ କାହା ସହ ଟିକେ କଥାବାର୍ତ୍ତା ହୋଇଗଲେ ମନ ଅନେକ ମାତ୍ରାରେ ହାଲକା ହୋଇଯାଏ ।

ସାମାନ୍ୟ ଦିନଚର୍ଯ୍ୟା ପାଳନ କରନ୍ତୁ : ଜୀବନକୁ ଜଟିଳ କରନ୍ତୁ ନାହିଁ । ସବୁବେଳେ ଏକ ସାମାନ୍ୟ ଜୀବନଚର୍ଯ୍ୟାକୁ ପାଳନ କରିବାକୁ ଚେଷ୍ଟା କରନ୍ତୁ ।ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ ଏବଂ ରାତିରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଶୋଇବାକୁ ଚେଷ୍ଟା କରନ୍ତୁ । ଏହାସହ ଠିକ ସମୟରେ ନିଜର ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ । ଖାଲି ଏତିକି ନୁହେଁ ଆଉ ଏକ ଭଲ ଟିପ୍ସ ହେଉଛି କିଛି ସାମାଜିକ ହିତକର କାମରେ ନିଜକୁ ନିୟୋଜିତ ରଖନ୍ତୁ । ଯେମିତି ଗରୀବଙ୍କୁ ଖାଇବାକୁ ଦେବା, ବୁଲା ପଶୁଙ୍କ ସେବା କରିବା , ଗଛ ରୋପଣ କରିବା ଏଭଳି କାମ କରିବା ଦ୍ୱାରା ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ ।

ଅଙ୍ଗୁରରେ ଏଭଳି ତତ୍ତ୍ୱ ରହିଛି ଯାହା କ୍ୟାନ୍ସର ଆଶଙ୍କାକୁ କେତେକାଂଶରେ ଦୂର କରିପାରେ । ଏଭଳି ମତବ୍ୟକ୍ତ କରିଛନ୍ତି ଇଂଲଣ୍ଡର କ୍ୟାନ୍ସର ବିଶେଷଜ୍ଞମାନେ । ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟରେ 'କ୍ୟାନ୍ସର ଏବଂ ଅଙ୍ଗୁର' ବିଷୟକୁ ନେଇ ଏକ ସର୍ଭେ



କରାଯାଇଥିଲା । ଏହି ସର୍ଭେ ସମୟରେ ଏହାର ପରିସରଭୁକ୍ତ କ୍ୟାନ୍ସର ଆକ୍ରାନ୍ତ କେତେକ ବ୍ୟକ୍ତିଙ୍କୁ ନିୟମିତ ଅଙ୍ଗୁର ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଅପରପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ କ୍ୟାନ୍ସର ଉପରେ କିପରି ରହୁଛି ତାହାକୁ ବିଶେଷଜ୍ଞମାନେ ତର୍ଜମା କରି ଏକଥା ଜାଣିପାରିଛନ୍ତି । ଏଥିରେ ରେସ୍ଭେରାଟ୍ରୋଲ୍ ନାମକ ଏକ ତତ୍ତ୍ୱ ରହିଛି ଯାହା କ୍ୟାନ୍ସର ଆଶଙ୍କାକୁ କେତେକ ମାତ୍ରାରେ କମାଇଦିଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । କେବଳ ସେତିକି ନୁହେଁ, ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟର ମାତ୍ରା ଅଧିକ ରହିଛି । ଏଥିରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ ।

ଚିନି ଖାଇବା କମାଇବେ କିପରି ?

ଅଧିକ ଚିନି ଖାଇଲେ ଟାଇପ୍-୨ ମଧୁମେହ, ହୃଦ୍‌ରୋଗ, ମେଦବହୁଳତା ଓ ନିର୍ଦ୍ଦିଷ୍ଟ ପ୍ରକାରର କର୍କଟ ପରି ରୋଗ ହେବାର ଆଶଙ୍କା ବଢ଼ିଥାଏ। ମିଠା ଲାଗୁଥିବା ଖାଦ୍ୟଗୁଡ଼ିକରେ ମଧ୍ୟ ବିଭିନ୍ନ ପ୍ରକାର ଭିଟାମିନ୍, ଖଣିଜ ଓ ତନ୍ତୁର ଅଭାବ ଥାଏ। ଅଧିକ ଚିନିମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ଆମ ଖାଦ୍ୟସାରରେ ସନ୍ତୁଳନ ନ ରହି ନାନା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ତେଣୁ ସେଭଳି ଖାଦ୍ୟର ପରିମାଣ କିପରି କମାଇହେବ, ସେ ସମ୍ପର୍କରେ ଆଲୋଚନା କରିବା।କୌଣସି କିଣା ଖାଦ୍ୟରେ କେତେ ପରିମାଣର ଚିନି ମିଶିଛି, ତାହା ଜାଣିବା ପାଇଁ ପ୍ୟାକେଟ୍ ଉପରେ ଦର୍ଶାଯାଇଥିବା ବିଭିନ୍ନ ଖାଦ୍ୟସାର ପରିମାଣ ବାବଦରେ ଜାଣନ୍ତୁ। ପ୍ୟାକେଟ୍ ଖାଦ୍ୟ ବା ପ୍ରକ୍ରିୟାକୃତ ଖାଦ୍ୟରେ ସାଧାରଣତଃ ଅଧିକ ପରିମାଣର ଚିନି ମିଶିଥାଏ। ତେଣୁ ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ଫଳମୂଳ, ପନିପରିବା ପରିପୂର୍ଣ୍ଣ ଖାଦ୍ୟ ଖାଇବା ଦରକାର।

ପରିଷ୍କୃତ ଧଳା ଚିନି ବଦଳରେ ମହୁ, ମ୍ୟାପଲ୍ ସିରପ୍ କି ଷ୍ଟିଭିଆ ପରି ପ୍ରାକୃତିକ ମଧୁକାରୀ ଗ୍ରହଣ କରିବା ଉଚିତ। ଭୋଜନରେ ଅଧିକ ପରିମାଣର ପୁଷ୍ଟିସାର ଓ ସ୍ୱାସ୍ଥ୍ୟପ୍ରଦ ସ୍ନେହସାର ସାମିଲ କଲେ ଚିନି ପ୍ରତି କ୍ଷୁଧା ଓ ଦୁର୍ବଳତା କମିଥାଏ।

ଶୋଷ ମେଣ୍ଟାଇବା ଲାଗି ସୋଡ଼ାପାଣି, ଶକ୍ତିବର୍ଦ୍ଧକ ପାନୀୟ ବା ଫଳରସ ପିଇବା ବଦଳରେ ପ୍ରଚୁର ପରିମାଣର ସାଦା ପାଣି ପିଇବା ଉଚିତ।

ସମୟ ଅଭାବରୁ ସୁବିଧାରେ ଉପଲବ୍ଧ ମିଠାଳିଆ ସ୍ନାକ୍ସ ଉପରେ ନିର୍ଭର ନକରି ଯଥେଷ୍ଟ ଆଗରୁ ଭୋଜନର ଯୋଜନା କରି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତ କରିବା ଶ୍ରେୟସ୍କର।

ପାଟିକୁ ଅରୁଚି ଲାଗୁଥିଲେ କୌଣସି ମିଠା କି ଚକୋଲେଟ୍ ଗ୍ରହଣ ନକରି ତଟକା ଫଳ ଗ୍ରହଣ କରନ୍ତୁ। ବିଭିନ୍ନ ଫଳରେ ପ୍ରାକୃତିକ ଶର୍କରା ସହ ପ୍ରଚୁର ତନ୍ତୁ ଓ ଅନ୍ୟାନ୍ୟ ପୋଷକ ରହିଛି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ।

ନିୟମିତ ବ୍ୟାୟାମ ମଧ୍ୟ ଚିନି ବା ଶର୍କରା ପ୍ରତି ଦୁର୍ବଳତା କମାଇଦେଇଥାଏ। ବ୍ୟାୟାମ ମଧ୍ୟ ଆମ ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରଣ କରେ।

ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେଲେ ଆମେ ନିଜ ଖାଦ୍ୟରେ ଶର୍କରା ପରିମାଣକୁ ଯଥେଷ୍ଟ କମାଇପାରିବା ଏବଂ ବିଭିନ୍ନ ରୋଗର ଆଶଙ୍କାକୁ ମଧ୍ୟ ଦୂରେଇ ଦେଇପାରିବା।

ଯଦି ଏକମାସ ପର୍ଯ୍ୟନ୍ତ ଆଳୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...



ପରିବାର ରାଜା ଆଳୁ । ଅଧିକାଂଶ ପନିପରିବା ସହିତ ମିଶାଇ ଆଳୁକୁ ରୋଷେଇ କରାଯାଏ । ସବୁ ଭାରତୀୟଙ୍କ ପ୍ରିୟ ଖାଦ୍ୟ ଆଳୁ । ପ୍ରତିଘରେ ଏହାକୁ ପ୍ରଚୁର ପରିମାଣରେ ଖିଆଯାଏ । କିନ୍ତୁ ଯଦି ଏକମାସ ପର୍ଯ୍ୟନ୍ତ ଆଳୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...

ମାସକ ପାଇଁ ଯଦି ଆଳୁ ଖାଇବା ଛାଡି ଦିଅନ୍ତି ତେବେ ଓଜନ ନିୟନ୍ତ୍ରଣ ହୋଇପାରିବ । କାରଣ ଅଧିକାଂଶ ଆଳୁ ତେଲରେ ରନ୍ଧା ଯାଇଥାଏ ଏବଂ ଏହି କାରଣରୁ କ୍ୟାଲୋରୀ ବଢିଯାଇଥାଏ । କିଛି ଲୋକ ଆଳୁ ଖାଇବା ପରେ ପେଟରେ ଗ୍ୟାସ୍ ଏବଂ ଏସିଡିଟି ପରି ସମସ୍ୟା ଦେଖାଯାଇଥାଏ । ଯଦି ଏସିଡିଟି ସମସ୍ୟା ରହିଛି ତେବେ ଆଳୁ ଖାଆନ୍ତୁନି । ଆଳୁ ଖାଇବା ବନ୍ଦ କରିବା ଫଳରେ ହାଇ ବ୍ଲଡ୍ ସୁଗର କଣ୍ଟ୍ରୋଲ୍ କରିହେବ । ଏଥିପାଇଁ ମଧୁମେହ ରୋଗୀଙ୍କୁ ଆଳୁ ନ ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଯଦି ସଂପୂର୍ଣ୍ଣ ଭାବେ ଆଳୁ ନଖାଆନ୍ତି, ତେବେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇପାରେ । ତେବେ ଆଳୁ ବଦଳରେ ଆପଣ ଅନ୍ୟ ଖାଦ୍ୟ ଖାଇପାରିବେ । ଆଳୁ ମଧ୍ୟ ପୁଷ୍ଟିକର ଖାଦ୍ୟରେ ଭରପୂର । କିନ୍ତୁ ଏହାକୁ ସୀମିତ ପରିମାଣରେ ଏବଂ ଅଳ୍ପ ତେଲରେ ଖାଇବା ଉଚିତ୍ ।



ଗୋଟିଏ କିଡନୀରେ କେତେଦିନ ବଞ୍ଚିପାରିବ ମଣିଷ

ସାଧାରଣତଃ, ଜଣେ ବ୍ୟକ୍ତି ଗୋଟିଏ କିଡନୀ ସହିତ ବଞ୍ଚି ରହିପାରିବେ। ତଥାପି, କିଛି ସମସ୍ୟା ଦେଖାଦେଇପାରେ। ସମୟ ସହିତ, ଗୋଟିଏ କିଡନୀ ଚାପ ବୃଦ୍ଧି ପାଇବା ଆରମ୍ଭ କରିପାରେ। ଉଚ୍ଚ ରକ୍ତଚାପ, ମଧୁମେହ, କିମ୍ବା ଦୀର୍ଘକାଳୀନ କିଡନୀ ରୋଗ ବୃକକ କାର୍ଯ୍ୟକୁ ପ୍ରଭାବିତ କରିପାରେ। ଏହା ବ୍ୟତୀତ, ହାଲୁକା ପ୍ରୋଟିନୁରିଆ ଭଳି ପରିସ୍ଥିତି ମଧ୍ୟ ଦେଖାଦେଇପାରେ। ତଥାପି, ଏହି ବିପଦଗୁଡ଼ିକୁ ଏଡାଇବା



ପାଇଁ ନିୟମିତ ଯାଞ୍ଚ ଏବଂ ଏକ ସୁସ୍ଥ ଜୀବନଶୈଳୀ ଜରୁରୀ। ଗୋଟିଏ କିଡନୀ ସହିତ ଏକ ସୁସ୍ଥ ଜୀବନଯାପନ କରିବାକୁ ହେଲେ ପ୍ରଚୁର ପାଣି ପିଇବାକୁ ପଡେ। କାରଣ ବୃକକ ସଠିକ କାର୍ଯ୍ୟ ପାଇଁ ହାଇଡ୍ରେଟେଡ ରହିବା ଅତ୍ୟନ୍ତ ଜରୁରୀ। ଏହା ସହିତ, ପ୍ରତିଦିନ ଏକ ସନ୍ତୁଳିତ ଖାଦ୍ୟ ଖାଅ, ଫଳ, ପନିପରିବା, ଶସ୍ୟ ଏବଂ ପ୍ରୋଟିନ ଯୁକ୍ତ ଖାଦ୍ୟକୁ ପ୍ରାଥମିକତା ଦିଆଯିବା ଉଚିତ୍। ଏହାବ୍ୟତୀତ, ନିୟମିତ ବ୍ୟାୟାମ କର, ଧୂମପାନ କରିବା ପରିହାର କର ଏବଂ ଡାକ୍ତରଙ୍କଠାରୁ ନିୟମିତ ଯାଞ୍ଚ କରାଇ ନେବା ଉଚିତ୍।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପ୍ରାଇଭେଟ୍ କି ମାତ୍ର '୪': ଇ-ମୁଦ୍ରାର ହାସ୍ୟାସ୍ପଦ ତ୍ରୁଟି

ଆଜିର ଡିଜିଟାଲ ଯୁଗରେ ଇଣ୍ଟରନେଟ୍ ସୁରକ୍ଷା ଏବଂ ବିଶ୍ୱାସ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ ଅଟେ । ଆମେ ଯେତେବେଳେ କୌଣସି ୱେବସାଇଟ୍ ବ୍ୟବହାର କରୁ, ସେତେବେଳେ ଆମର ତଥ୍ୟ ସୁରକ୍ଷିତ ଅଛି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ଏସଏସଏଲ (SSL) ଏବଂ ଟିଏଲଏସ (TLS) ସାର୍ଟିଫିକେଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ନିକଟରେ ଭାରତର ଅଗ୍ରଣୀ ଡିଜିଟାଲ୍ ସାର୍ଟିଫିକେଟ୍ ପ୍ରଦାନକାରୀ ସଂସ୍ଥା ଇ-ମୁଦ୍ରା ଏକ ବଡ଼ ସାଇବର ସୁରକ୍ଷା ତ୍ରୁଟି କାରଣରୁ ନିଜର ଗ୍ଲୋବାଲ୍ ଏସଏସଏଲ ଏବଂ ଟିଏଲଏସ ସାର୍ଟିଫିକେଟ୍ ବ୍ୟବସାୟ ବନ୍ଦ କରିବାକୁ ଘୋଷଣା କରିଛି । ୨୦୨୬ ମସିହା ଅକ୍ଟୋବର ୨୨ ତାରିଖରେ ବେଙ୍ଗାଲୁରୁ ସ୍ଥିତ ଏହି କମ୍ପାନୀ ପକ୍ଷରୁ ଏହି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି ଯାହା ସମଗ୍ର ବିଶ୍ୱର ସାଇବର ସୁରକ୍ଷା ବିଶେଷଜ୍ଞମାନଙ୍କ ମଧ୍ୟରେ ବ୍ୟାପକ ଆଲୋଡ଼ନ ସୃଷ୍ଟି କରିଛି । ଏହି ଘଟଣା କେବଳ ଗୋଟିଏ କମ୍ପାନୀର ବ୍ୟବସାୟିକ ନିଷ୍ପତ୍ତି ନୁହେଁ, ବରଂ ଏହା ବିଶ୍ୱସ୍ତରୀୟ ଇଣ୍ଟରନେଟ୍ ଭିତ୍ତିଭୂମିର ଦୁର୍ବଳତାକୁ ପଦାରେ ପକାଇଛି । ଏହି ସମ୍ପାଦକୀୟରେ ଆମେ ଏହି ଘଟଣାର ବୈଷୟିକ, ଆର୍ଥିକ ଏବଂ ସୁରକ୍ଷା ଦିଗଗୁଡ଼ିକୁ ବିସ୍ତୃତ ଭାବରେ ବିଶ୍ଳେଷଣ କରିବା ସହିତ ଭବିଷ୍ୟତର ଡିଜିଟାଲ୍ ନିରାପତ୍ତା ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିବା ।

ସର୍ବପ୍ରଥମେ ଆମକୁ ବୁଝିବାକୁ ହେବ ଯେ ଏହି ସୁରକ୍ଷା ତ୍ରୁଟି ପ୍ରକୃତରେ କଣ ଥିଲା ଏବଂ ଏହା କିପରି ଲୋକଲୋଚନକୁ ଆସିଲା । ଅକ୍ଟୋବର ୧୭ ତାରିଖରେ ୱେନ୍ ନାମକ ଜଣେ ସ୍ୱାଧୀନ ସୁରକ୍ଷା ଗବେଷକ ଇ-ମୁଦ୍ରାର ସିଷ୍ଟମରେ ଏକ ଭୟଙ୍କର ତ୍ରୁଟି ଠାବ କରିଥିଲେ । ଇ-ମୁଦ୍ରା ଦ୍ୱାରା ଜାରି କରାଯାଇଥିବା ଆଠଟି ଇଣ୍ଟରମିଡିଏଟ୍ ସାର୍ଟିଫିକେଟ୍ ଅଥରିଟି ସାର୍ଟିଫିକେଟର ପ୍ରାଇଭେଟ୍ କି ଗୁଡ଼ିକ ଅତ୍ୟନ୍ତ ଦୁର୍ବଳ ଥିଲା । ସାଧାରଣତଃ ଏହି ପ୍ରାଇଭେଟ୍ କି ଗୁଡ଼ିକ ପି-୩୮୪ ଏଲିପ୍ଟିକ୍ କର୍ଭ କ୍ରିପ୍ଟୋଗ୍ରାଫି ବ୍ୟବହାର କରି ପ୍ରସ୍ତୁତ କରାଯାଏ, ଯାହାକି ଶହ ଶହ ଅଙ୍କ ବିଶିଷ୍ଟ ଏକ ଜଟିଳ ଏବଂ ଅନୁମାନ ବାହାରେ ଥିବା ଏକ ଲମ୍ବା ସଂଖ୍ୟା ହୋଇଥାଏ। ଏହାକୁ ଭାଙ୍ଗିବା ବା ହ୍ୟାକ୍ କରିବା ପାଇଁ ସୁପର କମ୍ପ୍ୟୁଟରକୁ ମଧ୍ୟ ବର୍ଷ ବର୍ଷ ସମୟ ଲାଗିଯିବ ବୋଲି ବିଶ୍ୱାସ କରାଯାଏ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ଇ-ମୁଦ୍ରାର ଏହି କି ଗୁଡ଼ିକର ମୂଲ୍ୟ ୨୫୬ ରୁ କମ୍ ଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଗୋଟିଏ ସାର୍ଟିଫିକେଟର ପ୍ରାଇଭେଟ୍ କି କେବଳ '୪' ସଂଖ୍ୟା ଥିଲା । ଏହାର ଅର୍ଥ ହେଉଛି, ଯେକୌଣସି ସାଧାରଣ କମ୍ପ୍ୟୁଟର ବ୍ୟବହାର କରି ମାତ୍ର କିଛି ସେକେଣ୍ଡ ମଧ୍ୟରେ ଏହି କି ଗୁଡ଼ିକୁ ସହଜରେ ହ୍ୟାକ୍ କରାଯାଇପାରିବ । ଏହି ତ୍ରୁଟି ଯୋଗୁଁ ସାଇବର ଅପରାଧୀମାନେ ନକଲି ୱେବସାଇଟ୍ ତିଆରି କରି ଲୋକଙ୍କ ବ୍ୟକ୍ତିଗତ ତଥ୍ୟ, ପାସୱାର୍ଡ ଏବଂ ବ୍ୟାଙ୍କିଙ୍ଗ୍ ବିବରଣୀ ଚୋରି କରିବାର ଏକ ବଡ଼ ଆଶଙ୍କା ସୃଷ୍ଟି ହୋଇଥିଲା । ଏହାକୁ ବୈଷୟିକ ଭାଷାରେ ମ୍ୟାନ୍-ଇନ୍-ଦି-ମିଡିଲ୍ ଆକ୍ରମଣ କୁହାଯାଏ ଯେଉଁଠାରେ ହ୍ୟାକର ଦୁଇ ଜଣଙ୍କ ମଧ୍ୟରେ ହେଉଥିବା ଡିଜିଟାଲ୍ ବାର୍ତ୍ତାଳାପକୁ ଗୋପନରେ ପଢ଼ିପାରେ କିମ୍ବା ପରିବର୍ତ୍ତନ କରିପାରେ।

ଏହି ସମ୍ବେଦନଶୀଳ ଖବର ପ୍ରକାଶ ପାଇବା ମାତ୍ରେ ସମଗ୍ର ଟେକ୍ ଜଗତରେ ହଲଚଲ ସୃଷ୍ଟି ହୋଇଥିଲା । ଗୁଗଲ, ଆପଲ, ମାଇକ୍ରୋସଫ୍ଟ ଏବଂ ମୋଜିଲା ଭଳି ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ତୁରନ୍ତ ପଦକ୍ଷେପ ନେଇଥିଲେ । ସେମାନେ ନିଜ ନିଜର ୱେବ୍ ବ୍ରାଉଜର ଯଥା କ୍ରୋମ୍, ସଫାରି, ଏଜ୍ ଏବଂ ଫାୟାରଫକ୍ସରେ ଇ-ମୁଦ୍ରାର ପ୍ରଭାବିତ ସାର୍ଟିଫିକେଟ୍ ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବ୍ଲକ୍ କରିଦେଇଥିଲେ । କ୍ଲାଉଡ୍ ?ଫ୍ଲେୟାର୍ ଭଳି ୱେବ୍ ଭିତ୍ତିଭୂମି କମ୍ପାନୀ ମଧ୍ୟ ନିଜର ସିଷ୍ଟମକୁ ଅପଡେଟ୍ କରିଥିଲେ ଯାହା ଦ୍ୱାରା କୋଟି କୋଟି ଇଣ୍ଟରନେଟ୍ ବ୍ୟବହାରକାରୀମାନେ ସୁରକ୍ଷିତ ରହିପାରିବେ । ଭାରତର ସର୍ବୋଚ୍ଚ ସାଇବର ସୁରକ୍ଷା ଏଜେନ୍ସି ସିଇଆରଟି-ଇନ୍ ମଧ୍ୟ ଏକ ଜରୁରୀକାଳୀନ ଆଡଭାଇଜରୀ ଜାରି କରି ୱେବସାଇଟ୍ ଇମ୍ପର୍ସୋନେସନ୍ ବା ନକଲି ୱେବସାଇଟ୍ ବିପଦ ସମ୍ପର୍କରେ ସତର୍କ କରାଇଥିଲା । ଏହା ସହିତ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି । ଏହି ଘଟଣା ପ୍ରମାଣିତ କରେ ଯେ ଇଣ୍ଟରନେଟ୍ ଦୁନିଆରେ ଗୋଟିଏ ଛୋଟ ବୈଷୟିକ ତ୍ରୁଟି କିପରି ସମଗ୍ର ବିଶ୍ୱର ଡିଜିଟାଲ୍ ସୁରକ୍ଷା ପାଇଁ ଏକ ଅଦୃଶ୍ୟ ବିପଦ ସୃଷ୍ଟି କରିପାରେ।

ଏହି ସୁରକ୍ଷା ତ୍ରୁଟିର ସିଧାସଳଖ ଏବଂ ତୀବ୍ର ପ୍ରଭାବ ଇ-ମୁଦ୍ରାର ଆର୍ଥିକ ସ୍ଥିତି ଏବଂ ସେୟାର ବଜାର ଉପରେ ପଡ଼ିଥିଲା । ଖବର ପ୍ରକାଶ ପାଇବା ପରେ ବୁଧବାର ଦିନ କମ୍ପାନୀର ସେୟାର ମୂଲ୍ୟରେ ୨୦ ପ୍ରତିଶତର ବଡ଼ ଧରଣର ହ୍ରାସ ଦେଖାଦେଇଥିଲା ଏବଂ ଏହା ସିଧାସଳଖ ଲୋୟର ସର୍କିଟ୍ ସ୍ତରକୁ ଖସି ଆସିଥିଲା । ପରବର୍ତ୍ତୀ ସମୟରେ ଅକ୍ଟୋବର ୨୨ ତାରିଖ ସୁଦ୍ଧା ଏହା ପ୍ରାୟ ୧୩ ପ୍ରତିଶତ ହ୍ରାସ ସହିତ ୩୭୩ ଟଙ୍କା ପାଖାପାଖି କାରବାର କରୁଥିଲା, ଯାହା ଫଳରେ କମ୍ପାନୀର ବଜାର ପୁଞ୍ଜିକରଣ ପ୍ରାୟ ୩୫୭୪ କୋଟି ଟଙ୍କାକୁ ଖସି ଆସିଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇ-ମୁଦ୍ରା ହେଉଛି ଭାରତର ସବୁଠାରୁ ବଡ଼ ଡିଜିଟାଲ୍ ସିଗ୍ନେଚର୍ ସାର୍ଟିଫିକେଟ୍ ପ୍ରଦାନକାରୀ କମ୍ପାନୀ, ଯାହାର ଭାରତୀୟ ବଜାରରେ ପ୍ରାୟ ୩୭.୯ ପ୍ରତିଶତ ବିଶାଳ ଅଂଶ ରହିଛି। କମ୍ପାନୀ ଆଧାର ପରିଚାଳନାକାରୀ ସଂସ୍ଥା ୟୁଆଇଡିଏଆଇ ଏବଂ ଆୟକର ବିଭାଗ ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ସଂସ୍ଥାଗୁଡ଼ିକୁ ନିଜର ସେବା ଯୋଗାଇଥାଏ । ତେଣୁ ଏଭଳି ଏକ ସୁରକ୍ଷା ତ୍ରୁଟି କମ୍ପାନୀର ନିର୍ଭରଯୋଗ୍ୟତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦିଓ କମ୍ପାନୀ ବାରମ୍ବାର ସ୍ପଷ୍ଟ କରିଛି ଯେ ଭାରତୀୟ ବ୍ୟବସାୟ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ, ତଥାପି ସାଧାରଣ ନିବେଶକ ଏବଂ ଗ୍ରାହକମାନଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି ଯାହାକୁ ଏତେ ଶୀଘ୍ର ଦୂର କରିବା ସମ୍ଭବ ନୁହେଁ ।

ନିଜର ପକ୍ଷ ରଖି ଇ-ମୁଦ୍ରାର ଅଧ୍ୟକ୍ଷ ଭି ଶ୍ରୀନିବାସନ୍ କହିଛନ୍ତି ଯେ ୨୦୨୫ ମସିହା ଏପ୍ରିଲ ୩୦ ତାରିଖରେ ହୋଇଥିବା ଏକ କି ଜେନେରେସନ୍ ସେରିମନି ସମୟରେ ଏକ ସ୍କ୍ରିପ୍ଟିଂ ତ୍ରୁଟି ଯୋଗୁଁ ଏହି ଦୁର୍ବଳ କି ଗୁଡ଼ିକ ଭୁଲବଶତଃ ସୃଷ୍ଟି ହୋଇଥିଲା । କମ୍ପାନୀ ଦାବି କରିଛି ଯେ ସେମାନେ ଏହି ତ୍ରୁଟି ବିଷୟରେ ଜାଣିବାର ମାତ୍ର ୧୪ ଘଣ୍ଟା ମଧ୍ୟରେ ପ୍ରଭାବିତ ସାର୍ଟିଫିକେଟ୍ ଗୁଡ଼ିକୁ ରଦ୍ଦ କରିଦେଇଥିଲେ ଏବଂ କୌଣସି ବ୍ୟକ୍ତିଗତ ବା ସରକାରୀ ତଥ୍ୟ ଚୋରି ହୋଇନାହିଁ । ଏହା ସହିତ କମ୍ପାନୀ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରି କହିଛି ଯେ ଗ୍ଲୋବାଲ୍ ଏସଏସଏଲ ଏବଂ ଟିଏଲଏସ ବ୍ୟବସାୟ ସେମାନଙ୍କ ମୋଟ ଆୟରେ ମାତ୍ର ୧ ପ୍ରତିଶତ ଅଟେ । ସାମାଜିକ ଗଣମାଧ୍ୟମରେ ଏହି ଘଟଣାକୁ ଅତ୍ୟଧିକ ବଢ଼ାଇଚଢ଼ାଇ ପ୍ରଦର୍ଶନ କରାଯାଉଥିବାରୁ ଏବଂ ବିଶ୍ୱସ୍ତରରେ ଡାଟା ସାର୍ବଭୌମତ୍ୱ ନିୟମାବଳୀ ଦିନକୁ ଦିନ କଠୋର ହେଉଥିବାରୁ କମ୍ପାନୀ ନିଜ ଇଚ୍ଛାରେ ଏହି ବ୍ୟବସାୟରୁ ସବୁଦିନ ପାଇଁ ଓହରିଯିବାକୁ ନିଷ୍ପତ୍ତି ନେଇଛି । ବର୍ତ୍ତମାନ ବଜାରରେ ଅନେକ ବଡ଼ କମ୍ପାନୀ ବିନା ମୂଲ୍ୟରେ ଏସଏସଏଲ ସାର୍ଟିଫିକେଟ୍ ପ୍ରଦାନ କରୁଥିବାରୁ ଏହି ବ୍ୟବସାୟ ଆଉ ଆର୍ଥିକ ଦୃଷ୍ଟିକୋଣରୁ ଲାଭଜନକ ହୋଇ ରହିନାହିଁ ବୋଲି ଇ-ମୁଦ୍ରା ଯୁକ୍ତି ବାଢ଼ିଛି । ତେବେ କମ୍ପାନୀର ଭାରତୀୟ ସେବା ଯେପରିକି ଡିଜିଟାଲ୍ ସିଗ୍ନେଚର୍ ଏବଂ ଇ-ସାଇନ୍ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି ଏବଂ ଏହା ଏକ ସମ୍ପୂର୍ଣ୍ଣ ଅଲଗା ଭିତ୍ତିଭୂମିରେ ପରିଚାଳିତ ହେଉଛି ବୋଲି ଦୃଢ଼ ଆଶ୍ୱାସନା ଦିଆଯାଇଛି ।

ଏହି ସମଗ୍ର ଘଟଣାକ୍ରମକୁ ଗଭୀର ଭାବରେ ବିଶ୍ଳେଷଣ କଲେ ଏହା ସ୍ପଷ୍ଟ ହୁଏ ଯେ ସାଇବର ସୁରକ୍ଷା କ୍ଷେତ୍ରରେ ଟିକିଏ ବି ଖାମଖିଆଲି ମନୋଭାବ ବା ଆତ୍ମସନ୍ତୋଷ ପାଇଁ କୌଣସି ସ୍ଥାନ ନାହିଁ। ଏକ ସାର୍ଟିଫିକେଟ୍ ଅଥରିଟିର ମୂଳ ଏବଂ ପ୍ରାଥମିକ ଲକ୍ଷ୍ୟ ହେଉଛି ଡିଜିଟାଲ୍ ପ୍ଲାଟଫର୍ମରେ ଲୋକଙ୍କ ବିଶ୍ୱାସ ସ୍ଥାପନ କରିବା । ଯେତେବେଳେ ସେହି ସଂସ୍ଥାର ନିଜସ୍ୱ ସୁରକ୍ଷା ବ୍ୟବସ୍ଥା ଏତେ ହାସ୍ୟାସ୍ପଦ ଭାବରେ ଦୁର୍ବଳ ପ୍ରମାଣିତ ହୁଏ, ସେତେବେଳେ ସମଗ୍ର ଡିଜିଟାଲ୍ ବ୍ୟବସ୍ଥା ଉପରୁ ଲୋକଙ୍କ ବିଶ୍ୱାସ ସମ୍ପୂର୍ଣ୍ଣ ରୂପେ ତୁଟିଯାଏ । ଏକ କମ୍ପାନୀ ଯାହା କି ସୁରକ୍ଷା ଅଡିଟ୍ ପାସ୍ କରିଥିଲା ଏବଂ ଯାହାର ସାର୍ଟିଫିକେଟକୁ ବିଶ୍ୱର ସର୍ବବୃହତ ବ୍ରାଉଜରଗୁଡ଼ିକ ଗ୍ରହଣ କରିଥିଲେ, ତାର ପ୍ରାଇଭେଟ୍ କି ମାତ୍ର '୪' ହେବା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଚିନ୍ତାଜନକ ବିଷୟ ଅଟେ । ଏହା କେବଳ କମ୍ପାନୀର ବୈଷୟିକ ଦକ୍ଷତା ଉପରେ ପ୍ରଶ୍ନ ଉଠାଉନାହିଁ, ବରଂ ବିଶ୍ୱସ୍ତରୀୟ ଅଡିଟ୍ ପ୍ରକ୍ରିୟାର ସ୍ୱଚ୍ଛତା ଏବଂ ଗୁଣବତ୍ତା ଉପରେ ମଧ୍ୟ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହି କି ଗୁଡ଼ିକ ଦୀର୍ଘ ଏକ ବର୍ଷ ଧରି ବ୍ୟବହାର ହେଉଥିଲା ଏବଂ କୌଣସି ଅଡିଟର ଏହାକୁ ଧରିପାରିନଥିଲେ ଯାହାକି ଆହୁରି ଆଶ୍ଚର୍ଯ୍ୟଜନକ ଅଟେ ।

ଯଦିଓ ଇ-ମୁଦ୍ରା ପାଇଁ ଏହା ଆର୍ଥିକ ଦୃଷ୍ଟିକୋଣରୁ ଏକ ଛୋଟ କ୍ଷତି ହୋଇପାରେ କାରଣ ଏହା ମୋଟ ଆୟର ମାତ୍ର ୧ ପ୍ରତିଶତ ଥିଲା, କିନ୍ତୁ ଏହାର ବ୍ରାଣ୍ଡ୍ ମୂଲ୍ୟ ଏବଂ ସୁନାମ ଉପରେ ଲାଗିଥିବା କଳଙ୍କ ଏତେ ସହଜରେ ଲିଭିବ ନାହିଁ । ଏକ ସାଇବର ସୁରକ୍ଷା କମ୍ପାନୀ ପାଇଁ ବିଶ୍ୱାସ ହିଁ ତାର ସବୁଠାରୁ ବଡ଼ ପୁଞ୍ଜି ଅଟେ । ଥରେ ସେହି ବିଶ୍ୱାସ ଭାଙ୍ଗିଗଲେ ତାହାକୁ ପୁନର୍ବାର ହାସଲ କରିବା ଅତ୍ୟନ୍ତ କଠିନ ହୋଇପଡ଼େ । ଆଗାମୀ ଦିନରେ ସରକାର, ଟେକ୍ନୋଲୋଜି କମ୍ପାନୀ ଏବଂ ନିୟାମକ ସଂସ୍ଥାଗୁଡ଼ିକୁ ଡିଜିଟାଲ୍ ସାର୍ଟିଫିକେଟ୍ ପ୍ରଦାନକାରୀ କମ୍ପାନୀଗୁଡ଼ିକର ନିୟମିତ ଏବଂ କଠୋର ଯାଞ୍ଚ କରିବାକୁ ପଡ଼ିବ । ଏହା ସହିତ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ (AI) ର ବ୍ୟବହାର ବଢୁଥିବାରୁ ହ୍ୟାକରମାନେ ନୂଆ ନୂଆ ଉପାୟରେ ଆକ୍ରମଣ କରିବାର ସମ୍ଭାବନା ରହିଛି, ଯେପରିକି ଏହି ଘଟଣାରେ ଗବେଷକ ଜଣକ ଏଆଇର ସାହାଯ୍ୟ ନେଇଥିବାର ଅନୁମାନ କରାଯାଉଛି । ତେଣୁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ସେହି ଅନୁପାତରେ ଉନ୍ନତ କରିବାକୁ ହେବ । ଶେଷରେ ଏତିକି କୁହାଯାଇପାରେ ଯେ କେବଳ ବ୍ୟବସାୟିକ ଲାଭ କିମ୍ବା ବ୍ୟବସାୟର ସମ୍ପ୍ରସାରଣ ନୁହେଁ, ବରଂ କୋଟି କୋଟି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ତଥ୍ୟର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା ଅଟେ ।



ଆମେ କଣ ମୀରାବାଇଙ୍କ ପରି ଈଶ୍ୱରଙ୍କୁ ଭଲ ପାଇପାରିବା...?

ଜୋସ୍ନା ମିଶ୍ର/ପାଣିଗ୍ରାହୀ

ଷୋଡ଼ଶ ଶତାବ୍ଦୀର ଶ୍ରେଷ୍ଠ ଭକ୍ତ ମାନଙ୍କ ମଧ୍ୟରେ ସନ୍ଥ ମୀରା ବାଈଙ୍କ ଭକ୍ତି, ଅନନ୍ୟ ଅନିର୍ବଚନୀୟ....

ସେ ଥିଲେ ରାଜକୁମାରୀ, ପୁଣି ହେଲେ ରାଜବଧୂ .....

ମାତ୍ର ଯୁଗଯୁଗକୁ ଅଜରଅମର ହୋଇଗଲେ ସେ ମହାଯୋଗିନୀ ଭାବରେ.....

ସନ୍ଥ ଶିରୋମଣି ମହାନଭକ୍ତ ଭାବରେ ......।

ସେ ହେଉଛନ୍ତି ଶ୍ରୀକୃଷ୍ଣଙ୍କ ପ୍ରାଣପ୍ରିୟା ମୀରାବାଈ..

ଯୋଧପୁରର ରାଠୋର ରତନସିଂହଙ୍କର ଏକମାତ୍ର କନ୍ୟା ଥିଲେ ମୀରାବାଇ । ସେ ଖ୍ରୀଷ୍ଟାବ୍ଦ ୧୪୯୮ରେ ରାଜସ୍ଥାନର ଯୋଧପୁରଠାରେ ରାଜା ରତନସିଂହ ରାଠୋର ଓ ବୀର ବାଇଙ୍କ କନ୍ୟା ଭାବରେ ଜନ୍ମଗ୍ରହଣ କରିଥିଲେ । ବିଷ୍ଣୁଭକ୍ତ ପିତାମାତାଙ୍କ ପ୍ରଭାବ ତାଙ୍କ ଉପରେ ତ ପଡିଥିଲା ।ପିଲାଟି ଦିନରୁ ସେ ତାଙ୍କ ପିତା ଓ ମାତାଙ୍କର ନୀତି ନିଷ୍ଠ ଜୀବନ ଚର୍ଯ୍ୟା, ବିଷ୍ଣୁ ନାରାୟଣଙ୍କ ପ୍ରତି ଅଗାଧ ଭକ୍ତି କୁ ଖୁବ୍ ପାଖରୁ ଦେଖୁଥିଲେ ।

କ୍ରମଶଃ ସେ ମଧ୍ୟ ଈଶ୍ୱରଙ୍କ ପ୍ରତି ଗଭୀର ଭକ୍ତି ଆଉ ଭାବରେ ସମୟ ଅଟେଇଥିଲେ । ମାତ୍ର ଥରେ ଛୋଟ ଘଟଣାଟିଏ, ଓ ପଦେ କଥା ତାଙ୍କ ଜୀବନର ଗତିନିର୍ଦ୍ଧାରଣ କରିଦେଇଥିଲା ।

କୁନିବାଳିକାଟି ନଗର ରାସ୍ତାରେ ଯାଉଥିବା 'ବାରାତ୍'କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା ଓ ଏହା କଣ ବୋଲି ମାଙ୍କୁ ପଚାରିଛନ୍ତି । ମା ତାଙ୍କୁ ଏହା ତାଙ୍କ ପଡ଼ିଶାଘର ଝିଅକୁ ବାହାହେବାକୁ ଆସୁଥିବା ବର ଓ ବରଯାତ୍ରୀ ମାନଙ୍କ ପଟୁଆର ବୋଲି କହିଛନ୍ତି । ଏହା ଶୁଣି କୁନି ଝିଅଟି ମାଙ୍କୁ ଯେତେବେଳେ ପଚାରିଛି' -ମୋ ବର କିଏ', ମା ଶ୍ରୀକୃଷ୍ଣଙ୍କ ଫଟୋ ଦେଖେଇ କହିଦେଇଛନ୍ତି ଏଇ ତୋ ବର ବାସ୍ ....ଏଇଠୁ ଆରମ୍ଭ ହୋଇଛି ମୀରାଙ୍କ ସାଧନା....

୮ବର୍ଷର ବାଳିକା ମାଙ୍କ କଥାରେ ଶ୍ରୀକୃଷ୍ଣଙ୍କୁ ହିଁ ନିଜର ସ୍ୱାମୀ ବୋଲି ମାନିନେଇଛନ୍ତି । ତାଙ୍କରି ସେବା ଅର୍ଚ୍ଚନାରେ ସମୟ ଅତିବାହିତ କରିଛନ୍ତି।

କାଳକ୍ରମେ ପିତା ତାଙ୍କର ବିବାହ ଚିତୋରଗଡର ମହାରାଣା ସଂଗାଙ୍କ। ସୁପୁତ୍ର ଭୋଜରାଜମହାରାଣା କୁମ୍ଭାଙ୍କ ସହ କରାଇଦେଇଛନ୍ତି । ଶ୍ୱଶୁରାଳୟରେ ମୀରା ଅନେକ ନିର୍ଯ୍ୟାତନା ର ଶରବ୍ୟ ହୋଇଛନ୍ତି ହେଲେ ନିଜ' ଶ୍ରୀକୃଷ୍ଣ-ପ୍ରେମ' ସାଧନାରୁ ତିଳେ ବି ବିଚ୍ୟୁତ ହୋଇନାହାନ୍ତି।

ମହାରାଣା କୁମ୍ଭା ନିଜ ପତ୍ନିଙ୍କ ଅଲୌକିକ ପ୍ରେମକୁ ବୁଝିପାରିଥିଲେ, ତେଣୁ ସେ ମୀରାଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରୁଥିଲେ । ହେଲେ ତାଙ୍କର ସୁଖମୟ ବୈବାହିକ ଜୀବନ କ୍ଷଣସ୍ଥାୟୀ ଥିଲା । ମାତ୍ର ଅଳ୍ପ କେତେ ବର୍ଷର (୧୫୧୬ରୁ୧୫୨୧) ଦାମ୍ପତ୍ୟ ଜୀବନ ସ୍ୱାମୀ ମହାରାଣା ଭୋଜରାଜା ଙ୍କ ଅକାଳ ମୃତ୍ୟୁ ରେ ଶେଷ ହୋଇଥିଲା । ମହାରାଣା ଙ୍କର ଅକାଳବିୟୋଗରେ ମୀରାଙ୍କ ଜୀବନ କଣ୍ଟକମୟ ହୋଇଛି। ଦେବର ରାଣାବିକ୍ରମ ଓ ନଣନ୍ଦ ଉଦାବାଇ ତାଙ୍କୁ ଅନେକ ଯାତନା ଦେଇଛନ୍ତି ।

ହେଲେ, ସର୍ବଦା ସେଇ ଗିରିଧର ହିଁ ତାଙ୍କୁ ରକ୍ଷା କରିଛନ୍ତି।

କେବେ ଫୁଲଭରା ଟୋକେଇ ଭିତରେ ଥିବା ସର୍ପକୁ ଶ୍ରୀକୃଷ୍ଣ ବିଗ୍ରହ କରିଛନ୍ତି ତ କେବେ କଣ୍ଟକର ଶଯ୍ୟାକୁ ପୁଷ୍ପଶଯ୍ୟାରେ ବଦଳାଇଛନ୍ତି । ମୀରାବାଇ ସବୁଦିନ ଶ୍ରୀକୃଷ୍ଣ ମନ୍ଦିର ରେ ଅନେକ ସମୟ ଭଜନକୀର୍ତ୍ତନରେ ଅତିବାହିତ କରୁଥିଲେ । ଗଭୀରରାତ୍ରୀର ନିର୍ଜନ ପ୍ରହରରେ ସେ ଘଣ୍ଟା ଘଣ୍ଟା ଶ୍ରୀକୃଷ୍ଣଙ୍କ ସହ ବାର୍ତ୍ତାଳାପ ରେ ସମୟ କାଟୁଥିଲେ।


ଉତକ୍ଷିପ୍ତ ରାଣା ବିକ୍ରମ, ମୀରା ବାଇଙ୍କୁ ବ୍ୟଭିଚାରିଣୀର ଆଖ୍ୟା ଦେଇ ରାଜସଭାରେ ତାଙ୍କୁ ବିଷର ପିଆଲା ଦେଇଛନ୍ତି ପିଇବାକୁ ।

ସର୍ବସମ୍ମୁଖରେ ତାହା ପାନ କରିଥିଲେ ମଧ୍ୟ ମୀରାଙ୍କର କିଛି ହୋଇନି କାରଣ, 'ମେରେ ତୋ ଗିରିଧର ଗୋପାଲ, ଦୁସରା ନକୋଇ'ର ରଚୟିତ୍ରୀଙ୍କର ରକ୍ଷାକର୍ତ୍ତା ତ ସ୍ୱୟଂ ଗିରିଧର ...... ।

କ୍ରମଶଃ ପ୍ରଜାମାନେ ମୀରାଙ୍କର ଅଲୌକିକ ଦିବ୍ୟଶକ୍ତି କୁ ବୁଝିଛନ୍ତି ।

ସମସ୍ତଙ୍କର ଅତିପ୍ରିୟ ସେ ହୋଇଛନ୍ତି।

ମାତ୍ର ପରିବାରପ୍ରିୟଜନଙ୍କଠାରୁ ସେ ଏତେ ଯନ୍ତ୍ରଣା ପାଇଛନ୍ତି ଯେ ସେ ଶେଷରେ ସନ୍ଥ ତୁଳସୀଦାସ ତାଙ୍କୁ ଦେଇଥିବା ଉପଦେଶ ମାନି ପରିବାର, ଘର, ନଗର ଛାଡି ବୃନ୍ଦାବନ ଚାଲିଯାଇଛନ୍ତି । ସେଠାରେ ସେ। ଅନେକ ଜଣାଣ ରଚନା କରି ବାଙ୍କେବିହାରୀଲାଲ ମନ୍ଦିରରେ ଗାଉଥିଲେ। ମୀରାଭଜନ ନାମରେ ଆଜିବି ଆମେ ଏହାଶୁଣୁଛୁ । ଥରେ ସନ୍ଥ ଜୀବଗୋସ୍ୱାମୀଙ୍କୁ ଦେଖା କରିବାକୁ ମୀରା ଚାହିଁଲେ। ଏଥିରେ ଗୋସ୍ୱାମୀଜୀ ଖବର ପଠାଇଲେ ଯେ ସେ କୌଣସି ନାରୀଙ୍କୁ ଦର୍ଶନ ଦିଅନ୍ତିନାହିଁ ।



ପ୍ରତ୍ୟୁତ୍ତରରେ ମୀରା କହିଲେ 'ଜଣେ ମାତ୍ର ପୁରୁଷ ଅଛନ୍ତି(ଶ୍ରୀକୃଷ୍ଣ)ବୋଲି ଜାଣିଥିଲି, ଆଉ ସମସ୍ତେ ପ୍ରକୃତି ହେଲେ ଆଜି ଜାଣିଲି ଦିତ୍ୱୀୟ ପୁରୁଷ ଅଛନ୍ତି' । ବିଦୂଷୀ ମୀରାଙ୍କ ଜ୍ଞାନ ର ଗଭୀରତା ଜାଣି ଗୋସ୍ୱାମୀଜୀ ସ୍ୱୟଂ ତାଙ୍କୁ ଦେଖା କରିବାକୁ ଆସିଥିଲେ । ଏହାପରେ ମୀରା ଦ୍ୱାରକାରେ ରହିଥିଲେ। କୁହାଯାଏ ସେଇ ଠାରେ ହିଁ ସେ ୧୫୪୭ ଖ୍ରୀଷ୍ଟାବ୍ଦରେ ଦ୍ୱାରକାଧୀଶଙ୍କ ବିଗ୍ରହରେ ବିଲୀନ ହୋଇଥିଲେ........

ଅସାଧାରଣ...........

ଅନନ୍ୟ.......

ଅଲୌକିକ,

ଭକ୍ତିର ଅଧିକାରିଣୀ ଥିଲେ ମୀରା ବାଇ। ଅଭୂତପୂର୍ବ ଥିଲା ତାଙ୍କର କୃଷ୍ଣ-ପ୍ରେମ। ନିଜର ଗଭୀର ପ୍ରେମ ଦ୍ୱାରା ହିଁ ସେ ପରମାତ୍ମାଙ୍କୁ ନିଜର ପ୍ରିୟତମ କରିପାରିଥିଲେ । ପରମାତ୍ମାଙ୍କୁ ନିଜର କରିବା ପାଇଁ ବିଦ୍ୟା, ବୁଦ୍ଧି, ଜ୍ଞାନ, ଧନର ଆବଶ୍ୟକତା ନାହିଁ । କେବଳ ସରଳ ନିଷ୍ପାପ ହୃଦୟଟିଏ ହିଁ ଲୋଡା । ଶିଶୁ ପ୍ରହ୍ଲାଦ ହୁଅନ୍ତୁ ବା ବାଳକ ଧ୍ରୁବ ସେମାନେ ତାଙ୍କର ଶିଶୁସୁଲଭ ସରଳତାରେ ଭଗବାନଙ୍କୁ ନିଜର କରିଥିଲେ । ତେଣୁ ଶିଶୁସୁଲଭ ସରଳ ହେବା ଆମର କାମ୍ୟ ହେଉ । ଯଦି କେବେ ଆପଣଙ୍କୁ କେହି ଛୋଟ ପିଲା ଭଳି ହଉଛ ବୋଲି କହନ୍ତି, ତେବେ ଖୁସି ହୁଅନ୍ତୁ ।

କାରଣ ଶିଶୁର ମନ ନେଇ ପରମାତ୍ମାଙ୍କୁ ତ ଆପଣ ଡାକିପାରିବେ।

ଆମ ଶ୍ରୀମନ୍ଦିରର ଉତ୍ତର ଦିଗରେ ଗୋଟେ କୁନିମନ୍ଦିର ଅଛି, ଦଧିବାମନ ମନ୍ଦିର ବୋଲି । କହନ୍ତି ମୀରାବାଇ ସର୍ବଦା ପାଖରେ ରଖିଥିବା ଶ୍ରୀକୃଷ୍ଣ ବିଗ୍ରହ ହି ସେଇ ଦଧିବାମନ । ମୀରାବାଇଙ୍କ ଦିବ୍ୟ ଭାବକୁ ବି ଅନୁଭବରେ ଆଣିବା । ଆଜି ତାଙ୍କର ଜନ୍ମ ଜୟନ୍ତୀରେ କୋଟି କୋଟି ପ୍ରଣାମ ଓ ବନ୍ଦନା ସେଇ ମହାନ୍ ସାଧିକାଙ୍କୁ ।

ଜୟଶ୍ରୀକୃଷ୍ଣ

+ଫକୀରମୋହନ ନଗର
ବାଲେଶ୍ୱର



'କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଳବେଣୀ..

ଡକ୍ଟର ତପନ କୁମାର ପାଳ


କୁମାରୋତ୍ସବ ବା କୁମାର ପୂର୍ଣ୍ଣିମା ଆଶ୍ୱିନ ମାସ ପୂର୍ଣ୍ଣମୀ ତିଥିରେ ପାଳିତ ହୁଏ । କୁମାରୀଙ୍କ ଏହା ଏକ ବଡ଼ ଉତ୍ସବ ଦିନ । ସେମାନେ ନୂତନ ବସ୍ତ୍ର ପରିଧାନ କରନ୍ତି । ସନ୍ଧ୍ୟା ସମୟରେ ନବୋଦିତ ଚନ୍ଦ୍ରଙ୍କର ଉପାସନା କରିବା ପୂର୍ବରୁ ପ୍ରତ୍ୟୁଷରୁ ଲିଆ, ନଡ଼ିଆ ଓ ବିଭିନ୍ନ ଫଳ ଅଞ୍ଜଳି ଟେକି ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରନ୍ତି। ଏହି ସମୟରେ ଆକାଶରେ ପ୍ରାତଃ ସୂର୍ଯ୍ୟଙ୍କର ଅରୁଣ ଦୀପ୍ତି ଓ ମଳୟଜହ୍ନର ନିଷ୍ପ୍ରଭ ଜ୍ୟୋତି ଉଭୟ ସମାବେଶ ଘଟିଥାଏ । ସନ୍ଧ୍ୟା ସମୟରେ ଆକାଶରୁ ଗୋଧୂଳିର ରକ୍ତିମା ଲିଭିନଥାଏ କିମ୍ବା ପୂର୍ଣ୍ଣମୀ ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ । ଏହିପରି ମଧୁର ସନ୍ଧିବେଳାରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ । ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟଙ୍କର ପୂଜା କରି ଶକ୍ତି ଓ ସାମର୍ଥ୍ୟ ଲାଭ ଏବଂ ସୌଭାଗ୍ୟ କାମନା କରାଯାଏ । 'କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ...' ଗୀତ ଗାଇ ଗାଇ କୁମାରୀ କନ୍ୟାମାନେ ପୁଚି ଖେଳ ଓ ତାସ ଖେଳରେ ରାତି କଟାଇ ଦିଅନ୍ତି ।

କୁମାର ପୂର୍ଣ୍ଣମୀ ରାତ୍ରିରେ ଚୂଡ଼ା ଓ ନଡ଼ିଆରେ ଶ୍ରୀଲକ୍ଷ୍ମୀଙ୍କର ଅର୍ଚ୍ଚନା କରାଯାଏ । ଏହା ମଧ୍ୟ ପୁରାଣରେ ବର୍ଣ୍ଣିତ ଅଛି - 'ନାରିକେଳେଣ୍ଟି ପିଟକେଃ ପିତମ୍ ଦେବାନ୍ ସମର୍ଚ୍ଚୟେତ୍, ବନ୍ଧୁଂଶ୍ଚ ପ୍ରୀନୟେତ୍ତେନ ସ୍ୱୟଂ ତଦଶନୋ ଭବେତ୍' । ଚୂଡ଼ା ନଡ଼ିଆରେ ଲକ୍ଷ୍ମୀ ଦେବୀଙ୍କ ନୈବେଦ୍ୟ ପ୍ରସ୍ତୁତ କରିବାର ତାତ୍ପର୍ଯ୍ୟ ହେଉଛି - ଅନ୍ନହିଁ ଲକ୍ଷ୍ମୀଙ୍କର ରୂପମନ୍ତ ପ୍ରକାଶ । ସେହି ହେତୁରୁ ଧାନ ମଧ୍ୟ ଲକ୍ଷ୍ମୀ ନ୍ୟାୟରେ ପୂଜ୍ୟ । ଏହି ଦିନରେ ପୁଣି ଚନ୍ଦ୍ର ଓ କାର୍ତ୍ତିକଙ୍କର ପୂଜା କରାଯାଏ ।

କୁମାରୀମାନଙ୍କର ଏହା ଏକ ବଡ଼ ଉତ୍ସବ ଦିନ । ଏଥିପାଇଁ ମାସକ ପୂର୍ବରୁ ଏମାନଙ୍କର ପ୍ରସ୍ତୁତି ଚାଲିଥାଏ । ଭାଦ୍ରବ ପୂର୍ଣ୍ଣମୀ ବା ଇନ୍ଦୁ ପୂର୍ଣ୍ଣମୀ ଠାରୁ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ଜହ୍ନି ଫୁଲରେ କୋଠି ତିଆରି କରି, କଳସ ସ୍ଥାପନ କରି, ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି । ସେହି ପୂଜାର ଉଦ୍ୟାପନ ହୁଏ କୁମାର ପୂର୍ଣ୍ଣମୀରେ ।

ଏହି ଦିନରେ ଲକ୍ଷ୍ମୀଦେବୀଙ୍କର ଆରାଧନା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ । ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଶ୍ରୀଲକ୍ଷ୍ମୀ । ଏହି ସମୟରେ ଗଜପୃଷ୍ଠରେ ଲକ୍ଷ୍ମୀଦେବୀଙ୍କର ଆବିର୍ଭାବ ହୋଇଥାଏ । ସୁଖ, ସୌଭାଗ୍ୟ, ଯଶ, ଧନ କାମନା କରି ପୂଜା କରାଯାଏ ଚନ୍ଦ୍ର, ସୂର୍ଯ୍ୟ, ଲକ୍ଷ୍ମୀ ଓ କାର୍ତ୍ତିକେୟଙ୍କୁ । ଓଡ଼ିଶାର କେତେକ ସ୍ଥାନରେ କୁମାର ପୂର୍ଣ୍ଣମୀରେ ଏବେ ବି କୁମାରୀ ବାହାଘର ଆୟୋଜିତ ହୋଇଥାଏ । ସନ୍ଧ୍ୟାର ପୂଜା ଉତ୍ସବ ବେଳେ ମଧ୍ୟ ଆକାଶରୁ ଗୋଧୂଳିର ରକ୍ତିମା ଲିଭି ନଥାଏ କିମ୍ବା ପୂର୍ଣ୍ଣମୀ ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ। ଏହିପରି ମଧୁର ସନ୍ଧିବେଳାରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ । ତେଣୁ ଏମାନେ ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟର ପୂଜା କରି ନିଜର ସୌଭାଗ୍ୟ କାମନା କରିଥାନ୍ତି । କୁମାରୀମାନେ କୌତୁକ କ୍ରୀଡ଼ାକରି କୁମାର ପୂର୍ଣ୍ଣମୀ ରାତ୍ରିଟି ଉଜାଗରରେ କଟାଇ ଦିଅନ୍ତି । ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ ଏବଂ ଏ ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରିଥାନ୍ତି ।

ଭୁବନେଶ୍ୱର,
ମୋ: ୯୯୩୭୬୫୮୩୬୨




ନାହିଁ ମାମୁଁଠାରୁ କଣା ମାମୁଁ ଭଲ

ସୁବ୍ରତ କର

ଆମ ଜିଲ୍ଲା ପାଇଁ ନୂଆ ସରକାର କେତେଦିନ ଆଖି ବନ୍ଦ କରି ରହିଥିବେ? ଏବେ ଏବେ ଆମ ମୁଖ୍ୟମନ୍ତ୍ରୀ ବୟେରୁ ଭଲ ଖବର ନେଇ ଆସିଛନ୍ତି । ପ୍ରାୟ ୫୪ହଜାର କୋଟି ଟଙ୍କାର ନିବେଶ ନେଇ ଭୁବନେଶ୍ୱର ଫେରିଛନ୍ତି । ଯଦି ଏହା ସଫଳ ହୁଏ ତେବେ ଆମ ରାଜ୍ୟର ପ୍ରାୟ ୨୦୨୧୦ ଜଣ ନିଯୁକ୍ତି ପାଇବାରେ ବ୍ୟବସ୍ଥା ରହିଛି । ବୟେରେ ବଡ଼ ବଡ଼ ଶିଳ୍ପ ସଂଖ୍ୟା ସହିତ ଏମ.ଇଭ.ଇ କରି ଫେରିଛନ୍ତି । ସେମାନେ ହେଲେ ପୋସ୍କୋ, ଏଲଆଣ୍ଡଟି ଏବଂ ଜିଏସ୍ଡବ୍ଲ୍ୟୁ ଭଲ ସଂସ୍ଥା । ନିଶ୍ଚିତ ଭଲ ଖବର ଯେ ସରକାର ଏ ପର୍ଯ୍ୟନ୍ତ କେଉଁ କେଉଁ ଜିଲ୍ଲାରେ କଣ ଶିଳ୍ପ ସଂସ୍ଥା ଗଢ଼ି ଉଠିବ ଜଣାଇ ନାହାନ୍ତି । ଆମେ ବାଲେଶ୍ୱର ବାସୀ ନିଶ୍ଚିତ ଭାବରେ ଅପେକ୍ଷା କରିବା କାଳେ ଆମ ଜିଲ୍ଲାକୁ କିଛି ଛିଟିକି ଆସିବ କି? ଏ ପର୍ଯ୍ୟନ୍ତ ଆମ ଜିଲ୍ଲାରେ ସେମିତି ଆଖି ଦୃଶିଆ କିଛି ଶିଳ୍ପ ସଂଖ୍ୟା ଗଢ଼ି ଉଠିନାହିଁ। ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଆମ ଜିଲ୍ଲାର ଲୋକମାନଙ୍କର ସାମନା ସାମନି ହୋଇ ନାହାନ୍ତି । ଏହାର ମୂଳ କାରଣ କାହାକୁ ଜଣା ନାହିଁ । ଏପରିକି ଆମ ଜିଲ୍ଲାବାସୀମାନେ ଗତ କିଛି ବର୍ଷ ହେଲା ପ୍ରଥମେ କୃଷି ବିଶ୍ୱବିଦ୍ୟାଳୟ ପାଇଁ ଚେଷ୍ଟିତ ଥିଲେ । କିନ୍ତୁ ଆମ ଜିଲ୍ଲାର ପ୍ରତିନିଧିମାନଙ୍କ ଠାରୁ ଆହୁରି ବଳବାନ ଜନପ୍ରତିନିଧି ସମ୍ବଲପୁର ଏବଂ ବଲାଙ୍ଗିର ଜିଲ୍ଲାରେ ଅଛନ୍ତି । ଏମାନଙ୍କ ବଳରେ ସମ୍ବଲପୁର ଠାରେ କୃଷି ବିଶ୍ୱବିଦ୍ୟାଳୟ ଏବଂ ସୋନପୁର ଠାରେ ମତ୍ସ୍ୟ ମହାବିଦ୍ୟାଳୟ ସ୍ଥାପନ ହେବାକୁ ଯାଉଛି। ଏହାପରେ ବାରିପଦାଠାରେ କୃଷି ମହା ବିଦ୍ୟାଳୟ ମଧ୍ୟ ହେବା ପାଇଁ ସ୍ଥିରିକୃତ କରା ହୋଇଛି । କିନ୍ତୁ ଦୁଃଖର କଥା ବାଲେଶ୍ୱର ଜିଲ୍ଲା ସାରା ରାଜ୍ୟରେ ଧାନ, ମୀନ ଏବଂ ପାନ ଚାଷ ପାଇଁ ପ୍ରସିଦ୍ଧ ଲାଭ କରିଛି । କିନ୍ତୁ ବଡ଼ ଲୋକଙ୍କୁ ଉତ୍ତର ନାହିଁ। ଗୋଟାଏ କଥା ନିଶ୍ଚିତ ଯେ ଠିକଣା ଜାଗାରେ ମହା ବିଦ୍ୟାଳୟ ହୋଇ ପାରିଲା ନାହିଁ । ଉଦାହରଣ ହେଲା ଯେ ସୋନପୁର ଜିଲ୍ଲାରେ ସମୁଦ୍ର ନାହିଁ ବା ଲୁଣି ପାଣି ମାଛ ମଧ୍ୟ ଚାଷ ହୋଇ ପାରିଲା ଭଳି ପରିବେଶ ନାହିଁ । ତୁଳନାରେ ବାଲେଶ୍ୱର ଠାରେ ମଧୁର ଜଳ, ଲୁଣି ଜଳ ଏବଂ ସମୁଦ୍ରରେ ମାଛ ଚାଷର ସବୁ ପ୍ରକାରର ସୁବିଧା ରହିଥିଲା । ପିଲାମାନେ କଲେଜରୁ ପାଠ ପଢ଼ି ବାହାରିଲା ପରେ ସମୁଦ୍ର ଦେଖି ନଥିବେ ବା ଚିଙ୍ଗୁଡ଼ି ଚାଷର ଅଭିଜ୍ଞତା ମଧ୍ୟ ରହି ନଥିବା । କିନ୍ତୁ ଯେ କୌଣସି ମତ୍ସ୍ୟ ବିଜ୍ଞାନ କଲେଜ ପାଇ ଏହାର ନିହାତି ଆବଶ୍ୟକତା ପଡ଼ିଥାଏ । ଠିକ୍ ଅଛି ଏସବୁ ନ ମିଳିଲେ ନାହିଁ କିନ୍ତୁ ସରକାର ଦୟା ଦେଖେଇ ୯ କୋଟି ଟଙ୍କାର ବାୟୁମଣ୍ଡଳୀୟ ଓ ମହାକାଶ ବିଜ୍ଞାନ ଗବେଷଣା କେନ୍ଦ୍ର ଚାନ୍ଦିପୁର ଠାରେ କରିବା ପାଇଁ ସ୍ଥିର କରିଛନ୍ତି । ଏହାକୁ ୧୫ ମାସ ମଧ୍ୟରେ ଶେଷ କରିବେ । ବାଲେଶ୍ୱର ବାସି ନିଶ୍ଚିତ ଭାବରେ ଏଥିରେ ସନ୍ତୁଷ୍ଟ ରହିବେ ନିଶ୍ଚୟ ।



କବିତା କୋଣାର୍କ



କହିଲେ କହିବ କହୁଛି

ମୋହନ କୁମାର ସ୍ୱାଇଁ

କାହାର କୁକୁର ଆରାମେ ଶୋଇଛି
ତୁଳିତଳ୍ପ ଶେଯ ଉପରେ
ଖାଇବାକୁ ତାକୁ ପରଶା ଯାଉଛି
ଚିକେନ ମଟନ, ଥାଳିରେ ।

ବେକରେ ପିନ୍ଧିଛି ଯେଉଁ ହାରଟି ସେ
ଭରିଏ ସୁନା ଠୁଁ ଦାମିକା
ସାବୁନ ପାନିଆ ଖଞ୍ଜା ଯାଇଆଛି
ଦେଖିଲେ ଲାଗୁଛି ଛନକା।

ବାଳ ବଢିଗଲେ କାଟିବାକୁ ତାକୁ
ବାରିକ ପାଉଣା ହଜାରେ
ମାସକୁ ଥରୁଟେ ପଶୁ ଡାକତର
ଲାଗିଥାଏ ତାର ସେବାରେ ।

ପାଖ ମାଡେନାହି ଭିକାରୀଟିଏ ତା
ଘର ସାମନାକୁ ଯିବାକୁ
କାହାକୁ ମୁଠାଏ ଅନ୍ନ ଦାନ ଦେବା
ଶୁଭି ନାହିଁ କାହା କାନକୁ ।

ଆପଣା ଇଚ୍ଛାରେ ଈଶ୍ୱର ସଭିଏଁ
କହିଲେ କହିବ କହଛି
ବଡ଼ ଲୋକ ମୁହେଁ ଉତ୍ତରଟା ଦେଲେ
ବିଧା ଗଣ୍ଡେ ଯାହା ମିଳୁଛି ।

+ବେଣାପୁର, କଣ୍ଟିଗଡ଼ିଆ,
ଯାଜପୁର
ମୋ : ୮୧୨୮୦୯୯୦୩୮

ପ୍ରାୟଶ୍ଚିତ

ପର୍ଶୁରାମ ଦାସ

ଅହଂକାରର ଅନ୍ଧଗଳିରେ
ହରାଇଦେଲି ଆତ୍ମୀୟତାର ଆଲୋକ;
କିଛି ଅକୁହା ଶବ୍ଦ
ଚିରକାଳ ପାଇଁ ପରିଣତ ହେଲା
ଅନୁତାପର ଅନୁଚ୍ଛେଦରେ।
ଆଜି ନିରବତାର ଆଇନାରେ
ନିଜ ମୁହଁ ଦେଖିଲେ—
ପ୍ରତିଛବି ନୁହେଁ,
ଦୃଶ୍ୟମାନ ହୁଏ
ଏକ ଅପରାଧବୋଧରେ
ଭାରାକ୍ରାନ୍ତ ଅସ୍ତିତ୍ୱ।
ଫେରିବାର ସମସ୍ତ ଦ୍ୱାର
ସମୟ ବନ୍ଦ କରିଦେଇଛି;
କ୍ଷମା ମାଗିବାର ଅଧିକାରଠାରୁ
ଅଧିକ ଗଭୀର ହୋଇଯାଇଛି
ନିଜକୁ କ୍ଷମା
କରିପାରିବାର ଅସମର୍ଥତାର ଯନ୍ତ୍ରଣା।
ଏବେ ଅଶ୍ରୁ ନୁହେଁ—
ପ୍ରତ୍ୟେକ ନିଶ୍ୱାସରେ
ଅନୁତାପର ଅଗ୍ନି ବହନ କରିବା,
ଏବଂ ଭୁଲର ଭସ୍ମରୁ
ମାନବିକତାକୁ ପୁନର୍ଜନ୍ମ ଦେବା—
ଏହି ହିଁ
ମୋର ପ୍ରାୟଶ୍ଚିତ।

+ସୁଆସୁଣୀ, ଭୋଗରାଇ, ବାଲେଶ୍ୱର
-୭୫୬୦୩୬
ମୋ: ୯୩୪୮୬୯୭୪୦୪

ଶ୍ୟାମା ପ୍ରସାଦ ମିଶ୍ର

ଏଇଟା ହି ମୋ ଘର ....





ସୁଦୀପ୍ତା ଦେବୀ ଉପଯୁକ୍ତ ସମୟରେ ନିଜର ଏକମାତ୍ର କନ୍ୟା ସନ୍ତାନ ସୁଲଗ୍ନାର ବିବାହ ସମ୍ପନ୍ନ କଲେ, ନିଜ କର୍ତ୍ତବ୍ୟ ପାଳନରେ ଅବହେଳା ନ କରି । ଝିଅ ବାହାଘର ହେବାର ମାସେ ପରେ ହ୍ୱାଟସଆପରେ ମେସେଜଟିଏ ଦେଇଛି ରାତି ତିନିଟାରେ । ସେ ଦିନ ଗୁରୁବାର ପୂଜିବା ପାଇଁ ସୁଦୀପ୍ତାଦେବୀ ଉଠି ପଡ଼ିଥିଲେ ଏବଂ ଝିଅର ମେସେଜ ପଢ଼ିଲେ-

ମା', ବିବାହ ପୂର୍ବରୁ ମୁଁ ଯେଉଁ ସ୍ୱପ୍ନ ଦେଖିଥିଲି, ତାହା ସ୍ୱପ୍ନରେ ରହିଗଲା । ମୁଁ ଭାବିଥିଲି, ମୁଁ ରାଣୀ ହୋଇ ଏଠାରେ ରାଜୁତି କରିବି ବୋଲି । କିନ୍ତୁ ଏଠାରେ ସମ୍ପୂର୍ଣ୍ଣ ଭିନ୍ନ । ସେଠାରେ ମୁଁ ଦିନ ୯ ଟା ବେଳକୁ ଶେଯ ଛାଡୁ ଥିବାବେଳେ, ଏଠାରେ ସକାଳୁ ସକାଳୁ ୬ଟା ବେଳକୁ ଉଠି ପଡୁଛି । ସେଠାରେ ମୋ ପାଖରେ ତୁ ବେଡ୍ ଟି ଆଣି ଦେଉଥିବା ବେଳେ ଏଠାରେ ମୁଁ ସମସ୍ତଙ୍କୁ ବେଡ୍ ଟି ଦେବା ସମସ୍ତେ ଆଶା କରନ୍ତି । ସେଠାରେ ମୁଁ ୧୦ଟାରେ ସ୍ନାନ କରୁଥିଲି, ଏଠାରେ କିନ୍ତୁ ୭ଟାରେ ତାହା ସମାପନ କରେ । ସେଠାରେ ମୁଁ ହାଫ୍ ପ୍ୟାଣ୍ଟ୍ ଓ ଟି ସାର୍ଟ ପିନ୍ଧୁଥିଲି , ଏଠାରେ ସମସ୍ତେ ଆଶା କରନ୍ତି ଯେ ତାଙ୍କ ବୋହୂ ଶାଢ଼ୀ ପିନ୍ଧୁ, ତଥା ମୁଣ୍ଡ ଉପରେ ଓଢ଼ଣୀ ମଧ୍ୟ, ଅର୍ଥାତ୍ ସମସ୍ତେ ପ୍ରାୟ ଆଶା କରନ୍ତି ତାଙ୍କ ବୋହୂ ଆପାଦମସ୍ତକ ଢ଼ାଙ୍କି ହୋଇ ରହୁ । ସେଠାରେ ମାଛ, ଚିକେନ, ଚିଙ୍ଗୁଡ଼ି, ମଟନ୍, ଅଣ୍ଡା ଆଦି ସବୁ ବାରମାନଙ୍କରେ ତୁ ଆମକୁ ରାନ୍ଧି ନ ଦେଲେ ବି ମୁଁ ନିଜେ ତାକୁ ବାରି ଅଗଣାରେ ରୋଷେଇ କରି ଖାଉଥିଲି କିନ୍ତୁ ଏଠାରେ ଗୁରୁବାର, ଶନିବାର, ଅମାବାସ୍ୟା, ସଂକ୍ରାନ୍ତି ଓ ପୁଣ୍ୟ ପର୍ବରେ କେହି ବି ଆମିଷ ଖାଆନ୍ତି ନାହିଁ । ସମସ୍ତେ ମୋତେ ସ୍ନେହ ତ କରନ୍ତି, ହେଲେ ମୋତେ ନିର୍ଦ୍ଦିଷ୍ଟ ନୀତି ନିୟମ ମାନି ଚଳିବାର ଅପେକ୍ଷା ରଖନ୍ତି । ଏପରି ଅନେକ କଥା । ମୋତେ ଇଚ୍ଛା ହୁଏ, ମୁଁ ପୁଣି ତୋ ପାଖକୁ ଚାଲିଯିବି ଏବଂ ମୋ ଜୀବନରେ ପୁଣି ସେ ଅତୀତର ମନଇଚ୍ଛା ଜୀବନ ଜିଇଁବାର ଦିନ ଗୁଡ଼ିକ ଫେରି ଆସିବେ ।

ସନ୍ଦେଶଟି ସୁଦୀପ୍ତା ଦେବୀ ପଢିଲେ । ସେ ଭାବିଲେ ଲକ୍ଷ୍ମୀ ପୂଜା ଟିକେ ଡେରି କରିବି କିନ୍ତୁ ପ୍ରଥମେ ଝିଅ ପାଖକୁ ପୁନଃ ସନ୍ଦେଶ ଦେବି, ସେ ମେସେଜ କଲେ :

ଝିଅ, ଟିକେ ଚିନ୍ତା କରି ଦେଖେ ଯେଉଁ ଦିନ ମୁଁ ତୋ ବାପା ଘରକୁ ଆସିଥିଲି, ମୁଁ ବି ଠିକ୍ ତୋ ଭଳି ଅନୁଭବ କରିଥିଲି, ତୋ ଆଈ ହାତରନ୍ଧା ଖାଇ, ହାଇ ମାରି ଶୋଇପଡୁଥିଲି । ମୋ ବାହାଘର ପରେ ତୋ ବାପା ଘରକୁ ଆସି ଦେଖିଲି, ଆଜି ତୁ ଯାହା ଅନୁଭବ କରୁଛୁ ଠିକ୍ ସେହିଭଳି ଅନୁଭୂତି ମୁଁ ମଧ୍ୟ ପାଇଥିଲି । ସେ ଦିନ ମୋତେ ଲାଗିଲା ମୋ ଜୀବନଟା ନଷ୍ଟ ହୋଇଯାଇଛି । ଏପରି ମନଦୁଃଖରେ ରହି ରହି ଦିନେ ଭାବିଲି ଆତ୍ମହତ୍ୟା କରିଦେବି ବୋଲି । କିନ୍ତୁ ପୁଣି ଭାବିଲି ମୁଁ କାହିଁକି ଏପରି କରିବି ? ଏପରି କଲେ ତୋ ଅଜା ଆଈ ମଧ୍ୟ ଗଭୀର ମାନସିକ ଆଘାତ ପାଇବେ । ଏଣୁ ଭାବିଲି, ମୁଁ ମୋ ବାପା ଘରକୁ ମାନେ ତୋ ଆଈ ପାଖକୁ ଚାଲିଯିବି ବୋଲି, ସବୁ ଦିନ ପାଇଁ ଏ ଘର ଛାଡ଼ି । ସେତେବେଳେ ତ ଆଜିକାଲି ଭଳି ମୋବାଇଲ୍ ନ ଥିଲା । ତେଣୁ ଚିଠି ଖଣ୍ଡେ ଲେଖିଲି ତୋ ଆଈ ପାଖକୁ ଏବଂ ସେଥିରେ ବାଢିଦେଇଥିଲି ସମସ୍ତ ଆକାଂକ୍ଷା ଓ ଅଭିଯୋଗ, ଏବଂ ମୋତେ ଏଠାରୁ ନେଇଯିବା ପାଇଁ ତୋ ଅଜାଙ୍କୁ ପଠାଇବା ପାଇଁ ।

ତୋ ଅଜାଙ୍କ ଚାଷବାସ କାମ ସାରି ଆସିବା ବେଳକୁ ପ୍ରାୟ ସପ୍ତାହେ ବିଳମ୍ବ ହେଲା ।

ମୁଁ ସେ କିଛି ଦିନ ଧୈର୍ଯ୍ୟ ଧରିଥିଲି, ଭାବିଥିଲି ଅନେକ କଥା । ଏ ଭିତରେ ମୋ ଅନ୍ତରରେ ଆସିଲା ଏକ ପରିବର୍ତ୍ତନ । ଯା ଫଳରେ, ତୋ ବାପାଙ୍କ ସହ ଏ ସୁନ୍ଦର ଜୀବନର ଅଥଳ ସାଗରକୁ ଲଙ୍ଘି ଗଢିପାରିଛି ଏ ଘର । ଯେଉଁ ଘରେ ତୁ ଜନ୍ମ ନେଲୁ । ତୋତେ ଦେଖି ମୁଁ ପାଶୋରି ଦେଇଥିଲି ସବୁ ଅଭିଯୋଗ ଓ ଅଭିମାନ , କିପରି ତୁ ବଡ଼ ହେବୁ ,ପାଠ ପଢ଼ିବୁ , ତୋତେ ବାହା ଦେବି , ଏପରି ଅନେକ କିଛି । ହେଲେ ସେଦିନ ଯଦି ମୁଁ ଆମ ଘରକୁ ଚାଲିଯାଇଥାଆନ୍ତି, ତା ହେଲେ ତୁ ଏ ଦୁନିଆଁକୁ ଆସିଥାନ୍ତୁ ବା କିପରି ? ଏବଂ ତୁ ନ ଆସିଥିଲେ ମୋ ପରିବାର, ମୋ ଜୀବନରେ ଏତେ ଖୁସି ଆସିଥାନ୍ତା କିପରି ? ଏତେ ସୁନ୍ଦର ସୃଷ୍ଟି, ଝରଣାର କୁଳୁକୁଳୁ ନାଦ, ପକ୍ଷୀଙ୍କ କାକଳି, ଜ୍ୟୋତ୍ସ୍ନା ବିଧୌତ ରଜନୀ, ଏ ମଧୁର ଦାମ୍ପତ୍ୟ ଜୀବନ ଓ ସେ ଜୀବନ ପ୍ରାଙ୍ଗଣରେ ତୋ' ଭଳି କମନୀୟ କଳିକା ଆଦି ତା ହେଲେ ଭଗବାନ ଗଢ଼ିଛନ୍ତି କାହା ପାଇଁ , ଏ ମାନବ ଜୀବନ କ'ଣ ବ୍ୟର୍ଥ ? ସେ ଦିନର ଧୈର୍ଯ୍ୟ ବଳରେ ଆଜି ତୋ ମା' ଜଣେ ସୁଗୃହିଣୀ । ତଥାପି ଏ ଦୁଆର ସବୁଦିନ ଖୋଲା ତୋ ପାଇଁ, ତୁ ଯେତେବେଳେ ଚାହିଁବୁ ଆସିପାରିବୁ । ସକାଳୁ ବାପା ଯିବେ , ତୋତେ ନେଇ ଆସିବେ ।

ଇତି

ତୋ ବୋଉ

ସୁଲଗ୍ନା ମା'ଙ୍କର ମେସେଜ୍ ପଢ଼ିବା ପରେ ଅନୁଭବ କରିପାରୁଥିଲା ତା' ନିଜ ସଂକୀର୍ଣ୍ଣ ଚିନ୍ତାଧାରା ଏବଂ ହେଲା ତାର ଏକ ମାନସିକ ବିବର୍ତ୍ତନ ।

ସେ ମନରେ ଭାବୁଥିଲା, ଆଜିକାଲି ଝିଅଟି ବାହାଘର ପରେ ଅଧୈର୍ଯ୍ୟ ହୋଇ ପଡ଼ିଲେ, ତା ପରିବାର ତାକୁ ଉପଯୁକ୍ତ ମାର୍ଗଦର୍ଶନ ଦେବା ବଦଳରେ ତା' ଶ୍ୱଶୁର ଘର କଥାରେ ମୁଣ୍ଡ ପୂରାଇ ତାକୁ ଅଧିକ ବିଚଳିତ କରିଦିଅନ୍ତି କାହିଁକି ? ସାଧାରଣ କଥାରେ ନିଜ ଝିଅକୁ ଉପଯୁକ୍ତ ପରାମର୍ଶ ନ ଦେଇ ତା' ପରିବାରର ସମସ୍ତ ବିଷୟରେ ହସ୍ତକ୍ଷେପ କରନ୍ତି କାହିଁକି ? ଯୌତୁକ ଆଇନ, ଘରୋଇ ହିଂସା ନ ହୋଇଥିଲେ ବି ତାର ଭୟ ଦେଖାଇ ନିଜ ଜାଣତରେ ବା ଅଜାଣତରେ ନିଜ ଝିଅର ଘର ଭାଙ୍ଗିବାରେ ନିର୍ବାହ କରନ୍ତି ମୁଖ୍ୟ ଭୂମିକା । ସବୁ ମା' ଯଦି ନିଜ ଝିଅକୁ ଏଭଳି ଦିଗ୍ ଦର୍ଶନ ଦିଅନ୍ତି, ତେବେ ଆଜି କାଲି ଆମ ସମାଜରେ ଘଟୁଥିବା ବିବାହ ବିଚ୍ଛେଦ, ପାରିବାରିକ କଳହ, ସାମାଜିକ ଅସଙ୍ଗତି ଆଦି ଅଚିରେ ଲୋପ ପାଇଯାନ୍ତା । ସେ ନିଜକୁ ନିଜେ ପଚାରୁଥିଲା, ସେ କିପରି ସମାଜର ମନୋବୃତ୍ତି ପରିବର୍ତ୍ତନ କରିବା ସହ ସମାଜର ଅବକ୍ଷୟମୁଖିତାକୁ ରୋକିପାରିବ ? ତା ଆଖିରୁ ଦୁଇ ଧାର ଲୁହ ଝରି ପଡ଼ିଲା । ଚିଠିଟି ପଢି ପଢି ସେ ଶାନ୍ତ ଚିତ୍ତରେ ଶୋଇପଡ଼ିଛି । ଝରକା ଦେଇ କଅଁଳ ଖରା ତା ମୁହଁରେ ପଡ଼ିବାରୁ ସେ ସ୍ୱପ୍ନ ଦେଖୁଛି; ତା ସ୍ୱାମୀ ତାକୁ ନିଦରୁ ଉଠାଇବାକୁ ଆସିବା ବେଳକୁ ତା ଶାଶୁ ତାଙ୍କୁ କହୁଛନ୍ତି' ଆରେ, ଖବରଦାର ମୋ ବୋହୂ ଯେତେବେଳେ ଇଚ୍ଛା ଉଠିବ, ତା ପରେ ଯାଇ ପୂଜାଫୁଜା ହବ, ତାକୁ ଡିଷ୍ଟର୍ବ ଜମା କରନା । କିଛି ସମୟ ପରେ ସେ ଶୁଣୁଛି ତା ବାପାଙ୍କ କଣ୍ଠସ୍ୱର 'ମା ସୁଲଗ୍ନା, ଉଠ୍, ତୁ ଘରକୁ ଯିବୁ ପରା !' ନିଦରୁ ଉଠି ସେ ଦେଖିଲା, ଯାହା ସେ ସ୍ୱପ୍ନ ଦେଖୁଥିଲା, ତାହା ସ୍ୱପ୍ନ ନୁହେଁ । ସେ ଆଖିରେ ଆଖିଏ ଲୁହ ସହ ବିଭୋର ହୋଇ ବାପାଙ୍କ ପାଖରେ ଆସି କହୁଥିଲା ନା , ବାପା, ମୁଁ ସେଠିକି କାହିଁକି ଯିବି, ଏଠି ହିଁ ରହିବି କାରଣ

ଏଇଟା ହିଁ ତ ମୋ ଘର ....

ଏଇଟା ହିଁ ତ ମୋ ଘର ....

+ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ,
ଭଂଜନଗର, ଗଞ୍ଜାମ,
ମୋ ୯୦୯୦୫୦୭୯୫୫

ସୁଦର୍ଶନ ମହାପାତ୍ର

କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର





ମୋ ଜୀବନରେ ଅତି ଆପଣାର ଲୋକଙ୍କ କଥା କହିଲେ ବନ୍ଧୁ ରାଜେଶ ମୋ ମନକୁ ନିଶ୍ଚୟ ଆସିବ । ଖାଲି ସୁଖରେ ଦୁଃଖରେ ନୁହେଁ ପ୍ରତି କ୍ଷେତ୍ରରେ ତାର ସହଭାଗୀତା, ମତାମତ, ସହାନୁଭୂତି କେବେ ଭୁଲିବାର ନୁହେଁ ।

ପିଲାଦିନରୁ ତା ସହିତ ମୋର ସମ୍ପର୍କ ଖୁବ୍ ସୁନ୍ଦର । ଥରେ ଏମିତି ଆମର କଥାବାର୍ତ୍ତା ଭିତରେ ସେ କହିଥିଲା -'ତୋ ଝିଅ ବାହାଘର ବିଷୟରେ ବ୍ୟସ୍ତ ହେବା ଦରକାର ନାହିଁ । ଆଜିକାଲି ଯେମିତି ଭଲ ଜ୍ୱାଇଁଟିଏ ମିଳିବା କଷ୍ଟ, ସେମିତି ଭଲ ବୋହୂଟିଏ ପାଇବା ତାଠାରୁ ବେଶୀ କଷ୍ଟ କହିଲେ ଚଳେ । ଦେଖିବୁ ଏକ ସେ ଏକ ପାତ୍ର ତୋ ଝିଅ ପାଇଁ ମିଳିବେ । ତୋ ଝିଅ ଇଂରାଜୀ ଅନର୍ସ ନେଇ ଗ୍ରାଜୁଏସନ କରିଛି ଆଉ ତା ସହିତ ବି. ଏଡ୍ ବି କରିଛି । ଯେଉଁଠି ହେଲେ ଚାକିରି ଖଣ୍ଡେ ମିଳିଯିବ । ସେମିତି ସର୍ବଗୁଣ ସମ୍ପନ୍ନ ପାତ୍ରଟିଏ ମିଳିବ ।'

ରାଜେଶଠାରୁ ଏସବୁ କଥା ଶୁଣି ସତକୁ ସତ ମୋ ମନ ଭିତରେ ଝିଅ ବାହାଘର ନେଇ ଗୋଟିଏ ସକରାତ୍ମକ ପ୍ରଭାବ ବିସ୍ତାର କଲା । ସେଇ ଅନୁସାରେ ଝିଅ ବାହାଘର ପାଇଁ ବ୍ୟସ୍ତ ନହେବାକୁ ପତ୍ନୀଙ୍କୁ ବୁଝାଇବାକୁ ଚେଷ୍ଟା କଲି ।

-'ହେଲେ ଆଦୌ ଚେଷ୍ଟା ନକରି, କାହାକୁ ପ୍ରସ୍ତାବ ଦେବା ବିଷୟରେ ନକହି ଏମିତି ଚୁପଚାପ ଘରେ ବସିଲେ କ'ଣ ଆପେ ଆପେ ଝିଅ ବାହାଘର ଠିକ୍ ହୋଇଯିବ ।' ଅଭିମାନ ବଶତଃ କହିଲେ ପତ୍ନୀ ।

-'ଏତେ ସବୁ ମାଟ୍ରିମୋନି ସଂସ୍ଥା କାହିଁକି ଖୋଲିଛି ? ପ୍ରତି ରବିବାର ଦିନ ଖବରକାଗଜ ପୃଷ୍ଠାରେ କାହିଁକି ଝିଅର ବାୟୋଡାଟା ଦେଇ ପାତ୍ର ଆବଶ୍ୟକ ବୋଲି ଲେଖୁଛନ୍ତି ଲୋକେ ? ସେମାନେ କଣ୍ ସବୁ ବୋକା ?' ପୁଣିଥରେ ମୋତେ ବୁଝାଇବାକୁ ଚେଷ୍ଟା କଲେ ପତ୍ନୀ ।

-'ନା,ନା ସେମିତି ନୁହେଁ । ଝିଅ ସରକାରୀ ସ୍କୁଲରେ ଚାକିରି କରିଗଲେ ଆମର ତା ଭବିଷ୍ୟତ ନେଇ ଆଉ ଚିନ୍ତା ରହିବ ନାହିଁ ।' ଧୀରେ କହିଲି ।

-' ହେଲେ ପୋଷ୍ଟ କେବେ ବାହାରିବ କଣ୍ ଠିକ୍ ଅଛି ? ତୁମକୁ ଯାହା ଭଲ ଲାଗୁଛି କର ।' ସାମାନ୍ୟ ଉତ୍ତେଜିତ ହୋଇ କହିଲେ ପତ୍ନୀ ।

ତା ପରଠାରୁ କେହି ଚିହ୍ନା ପରିଚିତ ଲୋକ ଦେଖାହେଲେ କିମ୍ବା ଫୋନ୍ କଲେ ମୁଁ ନିଶ୍ଚୟ ଝିଅ ବାହାଘର ପାଇଁ ପ୍ରସ୍ତାବ ଦେବାକୁ ଅନୁରୋଧ କଲି । ଘରେ ଥିଲେ କେହି ଏ ବିଷୟରେ କଥା ହେଲେ ମୁଁ ଟିକିଏ ଉଚ୍ଚସ୍ୱରରେ କଥାବାର୍ତ୍ତା କଲି । ଉଦ୍ଦେଶ୍ୟ ଥିଲା ପତ୍ନୀଙ୍କୁ ଜଣାଇବାକୁ ଯେ ମୁଁ ଝିଅ ବାହାଘର ବିଷୟରେ ଚିନ୍ତା କରୁଛି ।

ଝିଅ ବାହାଘର ପାଇଁ ପ୍ରଥମ ପ୍ରସ୍ତାବଟି ଦେଇଥିଲେ ମୋର ପରମ ବନ୍ଧୁ ଶାଳକ ମହାଶୟ । ମୁଁ ବୁଝିଲି ପତ୍ନୀ ନିଶ୍ଚୟ ଏ ବିଷୟରେ ତାଙ୍କ ଭାଇଙ୍କୁ କହିଥିବେ । ପିଲାଟି ସରକାରୀ ଚାକିରି କରିଛି ଜାଣି ମୁଁ ଖୁସି ହୋଇଗଲି । ଦ୍ୱିତୀୟତଃ ପିଲାଟି ଆମ ଶଳା ଭାଉଜଙ୍କ ଚିହ୍ନା ଜଣା ।

ଏ ପ୍ରସଙ୍ଗରେ ଝିଅ ସହିତ କଥାବାର୍ତ୍ତା ଆରମ୍ଭ ମାତ୍ରେ ସେ ବାହାଘର ପାଇଁ ଏବେ ଆଦୌ ପ୍ରସ୍ତୁତ ନୁହେଁ ବୋଲି ନିଜର ନାରାଜି ଜଣାଇଲା । ହେଲେ ବହୁତ ବୁଝାସୁଝା ପରେ ସେ ସମ୍ମତି ଜଣାଇଲା । ଆମେ ପ୍ରସ୍ତାବ ନେଇ ଯିବା ଆଗରୁ ସେମାନେ ଝିଅକୁ ଆଗ ଦେଖିବାକୁ ଚାହିଁଲେ ତ ମୋର ଆପତ୍ତି କରିବାର କାରଣ ନଥିଲା ।ଆମ ଘର ଛାଡ଼ିବା ଆଗରୁ ଝିଅ ମନୋନୀତ ବୋଲି ଜଣାଇଦେବା ସଙ୍ଗେ ସଙ୍ଗେ ଆମକୁ ତାଙ୍କ ଘରକୁ ଯିବାକୁ ନିମନ୍ତ୍ରଣ କରିଗଲେ ସେମାନେ ।

ରବିବାର ଦେଖି ଦିନେ ଆମେ ପହଞ୍ଚିଲୁ ପିଲାଟିକୁ ଦେଖିବାକୁ ।

ଯୌଥ ପରିବାରରେ ଘରର ତୃତୀୟ ପିଢ଼ିର ଏଇ ପ୍ରଥମ ପୁଅ ବାହାଘର । ପ୍ରଥମ ପିଢ଼ିର ଜେଜେ ମା ଏବଂ ଦ୍ୱିତୀୟ ପିଢ଼ିରେ ଚାରି ଭାଇ ଓ ଦୁଇ ଝିଅ । ଝିଅ ଦୁଇ ଜଣ ନିଜ ନିଜ ଶାଶୁଘରେ ରହୁଛନ୍ତି । ହେଲେ ଘରର ବଡ଼ପୁଅ ଅର୍ଥାତ୍ ଏଇ ପିଲାଟିର ବାପା ଡାଇବେଟିସ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଚାଲିଯାଇଛନ୍ତି । ବାକି ତିନି ପୁଅଙ୍କର ପରିବାର ସେଇ ଘରେ ମହଜୁଦ ଥିଲେ । ସର୍ବମୋଟ ଜନସଂଖ୍ୟା ପାଖାପାଖି ପନ୍ଦର । ଚୁଲିରେ ରୋଷେଇ । ବୋହୁ ମାନଙ୍କୁ ମୁଣ୍ଡରେ ଓଢଣା ଦେଇ ରହିବାକୁ ଶଣ୍ଢଣା ଶିଖାଯାଇଛି । ଡ୍ରେସ ପିନ୍ଧିବାକୁ କାହାକୁ ଅନୁମତି ନାହିଁ । ଘରର ମୁରବି ମାନେ ନିଜ ନିଜ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଆସିବା ଯାଏ ବୋହୁ ମାନେ ଅପେକ୍ଷା କରିବାକୁ ବାଧ୍ୟ । ସେମାନେ ଖାଇ ସାରିବା ବେଳକୁ ରାତି ଏଗାରଟା ପ୍ରାୟ । କେଉଁଦିନ ଯଦି ରୋଷେଇ ହୋଇଥିବା ତରକାରୀ ସରିଯାଏ ପୁଣି ଥରେ ନୂଆ କରି କିଛି ତରକାରୀ ପ୍ରସ୍ତୁତ କରାଯାଏ । କେବେ ପୁଣି ଏଣୁ ତେଣୁ କିଛି ଲଗାଇ ଖାଇବା ସାରିବାକୁ ବୋହୂ ମାନେ ଉଚିତ୍ ମଣନ୍ତି ।

ସେଠୁ ଫେରିବା ପରେ ବାହାର ସୂତ୍ରରୁ ଶୁଣିବାକୁ ମିଳିଲା ବୋହୂ ମାନଙ୍କ ମଧ୍ୟରେ ମନୋମାଳିନ୍ୟ ସବୁଦିନିଆ । କିଏ କାମ ନକରି ସାହି ବୁଲେ ତ କିଏ ଦେହ ଖରାପର ବାହାନାରେ କାମ କରିବାକୁ ପ୍ରାୟ ଦିନ ପଶ୍ଚାତପଦ ହୁଏ । ସ୍ୱାମୀ ମାନଙ୍କ ରୋଜଗାର ଭିତ୍ତିରେ ଏସବୁର କାରଣ ଲୁକ୍କାୟିତ ବୋଲି ଜଣାପଡ଼ିଲା । ଅତଏବ ସ୍ୱାମୀ ନଥିଲା ବଡ଼ ବୋହୂ ହିଁ ସବୁ କାମ କରିବାକୁ ଶ୍ରେୟସ୍କର ମନେକରେ । ଶାଶୁ ବୁଢ଼ୀ ହିଁ ନିଜର ଆଧିପତ୍ୟ ସେଇ ବଡ଼ ବୋହୂ ଉପରେ ବେଶି ଭାବରେ ଜାହିର କରନ୍ତି ।

ସବୁଠୁ ବଡ଼ କଥା ହେଲା ଘରେ ଆମିଷ ଭୋଜନ ନିଷେଧ । ସେ ପୁଣି କେବଳ ପରିବାରର ସ୍ତ୍ରୀ ଲୋକ ମାନଙ୍କ ପାଇଁ ଉଦ୍ଦିଷ୍ଟ । ପୁରୁଷ ମାନଙ୍କ ପାଇଁ ଗୋଟିଏ ଅଲଗା ଚୁଲିରେ ଆମିଷ ରୋଷେଇ କରିବାକୁ ହୁଏ । ଏଇ କଥାଟି ଶେଷକୁ ମୋତେ ଖଟକା ଲାଗିଲା । ମୋ ଝିଅ ତ ଆଇଁଷ ଡାହାଣୀ, ଏକଦମ୍ ବିଲେଇ । ତାକୁ ଆମିଷ ଛାଡ଼ିବା ଭଳି ଦଣ୍ଡ ଦେବା ନିଶ୍ଚୟ ଅପରାଧ ମନେକଲି ।

ପିଲାଟି ବାହାରେ କେଉଁଠି ଘରଟିଏ ନେଇ ରହିବାର ଅବକାଶ ହିଁ ନଥିଲା । କାରଣ ଓଡ଼ିଶା ସରକାରଙ୍କ ଅଧିନରେ ଜଳ ଯୋଗାଣ ପ୍ରକଳ୍ପରେ କାମ କରୁଥିଲା ସେ । ଘର ପାଖାପାଖି ଅଞ୍ଚଳରେ ତାର କର୍ମଭୂମି । ଅତଏବ ଘରେ ରହି କର୍ମକ୍ଷେତ୍ର ପରିଦର୍ଶନ କରିବା ସୁବିଧା ।

ସେଇ ଆମିଷ ଖାଇବାକୁ ଆୟୁଧ କରି ମୁଁ ବାହାଘର ପାଇଁ ନାରାଜ ହେଲି ।

ଦ୍ୱିତୀୟ ପ୍ରସ୍ତାବ ଦେଇଥିଲେ ଲେଖା ଯୋଖାରେ ପରିଚିତ ଝିଆରୀର ଶାଶୁ । କୌଣସି ଗୋଟିଏ ବାହାଘର ଉତ୍ସବରେ ଦେଖା ହୋଇଥିଲେ ପୁଅଟିର ଆଈ ଆଉ ଝିଆରୀର ଶାଶୁ । ଝିଅର ଫଟୋ ଦେଖି ସେମାନେ ଖୁବ୍ ଖୁସି ବୋଲି କହିଲେ ଏବଂ ଝିଅ ଦେଖିବାକୁ କହିଲେ । ଗୋଟିଏ ବୋଲି ପୁଅ । ସେ ବ୍ରହ୍ମପୁର ଇଞ୍ଜିନିୟରିଂ କଲେଜରେ ଗେଷ୍ଟ ଫ୍ୟାକଲ୍ଟି ହିସାବରେ ପାଠ ପଢଉଥିଲା ଏବଂ ତା ସହିତ ଦୁଇ ଜଣ ପାର୍ଟନରଙ୍କ ସହିତ ମିଶି ଗୋଟିଏ ସଫ୍ଟୱେର ଡିଜାଇନ୍‌ର ଷ୍ଟାର୍ଟ ଅପ୍ ଆରମ୍ଭ କରିଥିଲା । ପିଲାଟିର ବାପା କଲେଜରେ ପ୍ରିନ୍ସିପାଲ ଆଉ ମାଆ ହାଉସ୍ ମେକର । ମନ୍ଦ ନଥିଲା ପ୍ରସ୍ତାବଟି । ଖୁବ୍ ଖୁସି ଲାଗିଲା ।

ସେମାନେ ଝିଅ ଦେଖିବାକୁ ଚାରି ଜଣ ଆସିଥିଲେ । ପୁଅଟି ସହିତ ବାପା, ମାଆ ଏବଂ ପୁଅର ବନ୍ଧୁ ଜଣେ । ଝିଅ ପସନ୍ଦର ବୋଲି ଯଥା ଶୀଘ୍ର ଜଣାଇଦେଲେ ମଧ୍ୟ । ତାପରେ ମୋ ପାଳି । ନୂଆ କରି ତିଆରି ହୋଇଥିବା ଘର ଚକାଚକ ଥିଲା । ସବୁଠୁ ଭଲ ଲାଗିଲେ ପରିବାରର ମୁରବୀ ପ୍ରିନ୍ସିପାଲ ସାର । ଖୁବ୍ ମେଳାପି । ଭାରି ଖୁସି ମିଜାଜର । ମୋଟାମୋଟି ସବୁ କିଛି ଭଲ ଲାଗିଲା ।

ସେମାନେ ପୁଣି ଥରେ ପୁଅର ଆଇଙ୍କୁ ଧରି ଆସିବାକୁ ଚାହିଁଲେ ତ ଆମର ଅମଙ୍ଗ ହେବାର କାରଣ ନଥିଲା । ସେଦିନ ଝିଅ ଯୋଗ ଦେଇଥିବା ଆଦର୍ଶ ବିଦ୍ୟାଳୟରୁ ଛୁଟି ନେଇ ଆସି ଘରେ ଥିଲା । ଯଥାରୀତି ଚର୍ଚ୍ଚା କରିବାକୁ ଚେଷ୍ଟା କରିଥିଲି । ସେମାନେ ଆସି ଫେରିଲେ ଏବଂ ପତ୍ନୀଙ୍କ ସହିତ ତାଙ୍କ ଘରେ ଯାଇ ବୁଲି ଆସିବାକୁ ଅନୁରୋଧ କଲେ ।

ଦ୍ୱିତୀୟ ଥର ଆମେ ତାଙ୍କ ଘରେ ପହଞ୍ଚିଲୁ ତ ସେଇଠି ଜାଣିଲୁ ସେମାନେ ଚାକିରୀ କରୁଥିବା ଝିଅ ନୁହେଁ, ଚାହୁଁଛନ୍ତି ସର୍ବୋତଭାବେ ବୋହୂପଣିଆ କରିବାକୁ ତିଆର ଥିବା ଝିଅଟିଏ । ସେମାନଙ୍କର ପଇସା ପତ୍ରରେ ଅଭାବ ନାହିଁ ତ ବୋହୁ ଚାକିରି କରିବା ସପକ୍ଷରେ ନଥିଲେ । ପରୋକ୍ଷରେ ଏକଥା ମଧ୍ୟ କହିଲେ ଯେ ସେମାନଙ୍କର ଯୌତୁକ କିଛି ଦରକାର ନାହିଁ ବୋଲି । ଏଇ କଥାକୁ ଜୋର ଦେଇ କହିଥିଲେ କାରଣ ସେମାନେ ଜାଣିଥିଲେ ଯେ ମୁଁ ଯେଉଁ ପ୍ରାଇଭେଟ୍ କମ୍ପାନୀରେ ଚାକିରି କରିଥିଲି ସେଇ ଚାକିରି କେବେଠୁ ହାତଛଡ଼ା ହୋଇ ଯାଇଛି ବୋଲି ।

ହେଲେ ଚାକିରି ଛାଡ଼ିବାକୁ ଝିଅ ରାଜି ନଥିଲା ଏବଂ ବାହାଘର ପ୍ରସ୍ତାବ କାଟ ଖାଇଥିଲା ସେଇ ଦୃଷ୍ଟିରୁ..!

ତୃତୀୟ ପ୍ରସ୍ତାବଟି ଦେଇଥିଲେ ନିମାଇଁ ଭାଇ । ସେ ମୋ ଉପର କ୍ଲାସରେ ପଢୁଥିଲେ ହାଇସ୍କୁଲରେ । ପାଖ ଗାଁର । ମୋ ସହିତ ସୁସମ୍ପର୍କ ଥିଲା ତ ଝିଅ ବାହାଘର ବିଷୟରେ କହିଥିଲି ।

ପିଲାଟି ରେଲୱେରେ ଚାକିରୀ କରୁଛି ଏବଂ ବାପା ମାଆଙ୍କର ଏକ ମାତ୍ର ପୁଅ ବୋଲି ମୋତେ ଯେତେବେଳେ ନିମାଇଁ ଭାଇ କହିଲେ ମୁଁ ଖୁସି ହୋଇଗଲି । ପିଲାଟି ଭୁବନେଶ୍ୱର ରେଳ ସଦନରେ କ୍ଲରିକାଲ ଜବ୍ କରୁଛି ଜାଣି ନିଜେ ଯାଇ ପିଲାଟି ବିଷୟରେ ବୁଝାବୁଝି କରିବା ଠିକ୍ ହେବ ବୋଲି ଭାବିଲି ।

ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ ଚାକିରି କରୁଥିବା ପିଲାର ପରିବାର ଝିଅକୁ ପସନ୍ଦ କରିବେ କି ନାହିଁ ଦ୍ୱିଧାରେ ରହିଲି । ମନକଥା ନିମାଇଁ ଭାଇଙ୍କୁ ବି ଜଣାଇଲି । ସେ ମୋ କଥା ସେମାନଙ୍କୁ ମଧ୍ୟ ଜଣାଇଲା ପରେ ମଧ୍ୟ ସେମାନେ ଏ ବାହାଘରରେ ଆଦୌ ଯୌତୁକ ନେବେ ନାହିଁ ବୋଲି ସ୍ପଷ୍ଟ କଲେ । ମୋ ମନରେ ଥିବା ଝିଅର ଚାକିରି କରିବା ବିଷୟରେ ପୁଣି ସେମାନଙ୍କର ମତାମତ ଚାହିଁଲି । ସେ ପିଲାଟିର ବିବାହିତା ବଡ଼ ଭଉଣୀ ମଧ୍ୟ ସରକାରୀ ଚାକିରି କରୁଛି ଏବଂ ଚାକିରିକୁ ନେଇ ସେମାନଙ୍କର କୌଣସି ଅସୁବିଧା ନାହିଁ ବୋଲି ଜଣାଇଲେ । ମୋର ସବୁ ଦ୍ୱିଧା ଦୂର ହୋଇଗଲା ଜାଣି ଖୁସିରେ ସେମାନଙ୍କୁ ଆସି ଝିଅ ଦେଖି ଯିବାକୁ ନିମନ୍ତ୍ରଣ ଜଣାଇଲି ।

ପିଲାଟିର ଭଉଣୀ, ମାଆ ଏବଂ ମାମୁ ଆସିଲେ ହେଲେ ନିଜେ ପିଲା ଆସିଲା ନାହିଁ ସେମାନଙ୍କ ସାଙ୍ଗରେ । ତେବେ କଥା ଆଗେଇବ କେମିତି ? ଯଦିଓ ଏମାନେ ଝିଅ ପସନ୍ଦ ବୋଲି କହିଲେ ହେଲେ ପୁଅ ଝିଅ ପରସ୍ପରକୁ ନଦେଖିଲେ ଆଜିକାଲି ବାହାଘର ହେଉଛି କେଉଁଠି ?

ମାଆ ଭଉଣୀଙ୍କ ପସନ୍ଦରେ ପୁଅର ମଧ୍ୟ ପସନ୍ଦ ବୋଲି ସେମାନେ ଜଣାଇଲେ । ଝିଅକୁ ପିଲାଟିର ଫଟୋ ଦେଖାଇଲୁ ତ ସେ ନିହାତି ଅପସନ୍ଦ ବୋଲି କହିଲା ନାହିଁ । ଅଧିକନ୍ତୁ ଆମ ଉପରେ ନିର୍ଣ୍ଣୟ ଛାଡିଦେଲା ।

ରେଳ ସଦନରେ ମୋ ବନ୍ଧୁ ରାଜେଶର ଜଣେ ଚିହ୍ନା ପିଲା ଥିଲା । ସେ ପିଲାଟି ବିଷୟରେ ଯାହା କହିଲା ଆକାଶରୁ ଛିଣ୍ଡି ପଡ଼ିଲା ଭଳି ଲାଗିଲା । ପିଲାଟିର ମେରୁଦଣ୍ଡ ଜନିତ ସମସ୍ୟା ଅଛି ପିଲାଦିନରୁ ଏବଂ ସେଥିପାଇଁ ଗୋଟିଏ ବେଲ୍ଟ ଅଣ୍ଟାରେ ବାନ୍ଧେ ସବୁବେଳେ । ତଥାପି ଅଳ୍ପ ଛୋଟେଇ ଛୋଟେଇ ଚାଲେ ବୋଲି ଜାଣିଲୁ ମଧ୍ୟ । ଫିଜିକାଲ ହ୍ୟାଣ୍ଡିକାପ କୋଟାରେ ସେ ରେଲୱେରେ ଚାକିରୀ ପାଇଛି ବୋଲି ଜଣାପଡ଼ିଲା ।

ନିର୍ମଳ ଭାଇଙ୍କୁ ସବୁକଥା ଜଣାଇ ଚୁପ୍ ରହିଲି । ସେ ଏସବୁ ବିଷୟରେ ସୁରାକ ପାଇନଥିଲେ ବୋଲି କହି ମନଦୁଃଖ ଅବଶ୍ୟ କଲେ । ଏମିତି କାଟ ଖାଇଥିଲା ତିନି ନମ୍ବର ପ୍ରସ୍ତାବ ।

ଚତୁର୍ଥ ପ୍ରସ୍ତାବ ଦେଇଥିଲେ ବଡ଼ ଭାଇ । ପିଲାଟିର ବାପା ମୋ ବଡ଼ଭାଇଙ୍କ ସାଙ୍ଗ । ଏକା ସାଙ୍ଗରେ ପଢୁଥିଲେ ଦୁହେଁ । ସେଇ ସୂତ୍ରରୁ ସମ୍ପର୍କ । ହେଲେ ସେତେ ସୁଦୃଢ଼ ସମ୍ପର୍କ ନଥିଲା । ଯାହା ହେଉ ଭାଇ ତାଙ୍କ ସାଙ୍ଗଙ୍କ ଫୋନ୍ ନମ୍ବର ଦେଇ କଥାବାର୍ତ୍ତା ହେବାକୁ କହିଲେ । ପିଲାଟି ଖୁବ୍ ବ୍ରିଲିଆଣ୍ଟ ଏବଂ ପୁନେରେ ଆଇଟି ସେକ୍ଟରରେ କାମ କରୁଥିଲା । ତାର ପ୍ୟାକେଜ ଅନୁସାରେ ମାସିକ ଏକ ଲକ୍ଷ ତିରିଶ ହଜାର ବୋଲି ଜାଣିଲି । ତାର ଫରେନ୍ ଯିବାର ପ୍ଲାନିଙ୍ଗ ଅଛି ବୋଲି ମଧ୍ୟ ଭାଇ ଜଣାଇଲେ ।

ଜ୍ୱାଇଁ ଫରେନ୍ ଯିବାର ପ୍ଲାନିଙ୍ଗ ଥିଲେ ଝିଅକୁ ଚାକିରି ଛାଡ଼ିବାକୁ ପଡ଼ିବ ବୋଲି ଜାଣି ମଧ୍ୟ ଏ ପ୍ରସ୍ତାବରେ ମୁଁ ରାଜି ହୋଇଗଲି । ଝିଅକୁ ବି ବୁଝାଇଲି । ଭାଇଙ୍କୁ କହିଲି କଥା ଆଗକୁ ବଢେଇବା ପାଇଁ । ହେଲେ ଭାଇ ସେତେଟା ଆଗ୍ରହ ପ୍ରକାଶ କଲେ ନାହିଁ ବରଂ ନିଜେ ସବୁ କଥା ପଚାରି ବୁଝିବାକୁ ପ୍ରବର୍ତ୍ତାଇଲେ ।

ପୁଅର ବାୟୋଡାଟା ଦେଖିଲି ତ ତାର ବୟସ ସେତେବେଳକୁ ଛତିଶ ବୋଲି ଜାଣିଲି । ଚବିଶ ବର୍ଷର ଝିଅକୁ ଛତିଶ ବର୍ଷର ପୁଅ ଠିକ୍ ହେବ ନାହିଁ ବୋଲି ମନେକଲି । ପୁଣି ଶାରୀରିକ ଅନୁପାତରେ ଦୁହିଁଙ୍କ ଭିତରେ ଖୁବ୍ ଅସମାଞ୍ଜସ୍ୟତା ହୃଦବୋଧ ହେଲା । ପ୍ରସ୍ତାବକୁ ଆଉ ଆଗକୁ ବଢ଼ିବାକୁ ଦେଲି ନାହିଁ ।

ପାଞ୍ଚ ନମ୍ବର ପ୍ରସ୍ତାବ ଦେଇଥିଲେ ଜଣେ ସମ୍ପର୍କୀୟ । ପିଲାଟି ବ୍ୟାଙ୍କରେ ସଦ୍ୟ ଚାକିରି ପାଇଛି । ଗୋଟିଏ ପୁଅ । ଭଉଣୀ ବାହାଘର ହୋଇ ଯାଇଛି । ଆମରି ଗାଁ ପାଖାପାଖି ପିଲାଟିର ଘର । ପୋଷ୍ଟିଙ୍ଗ ଅନୁଗୁଳରେ । ଝିଅ ଚାକିରି ବିଷୟରେ ପରିବାରର ଆପତ୍ତି ନଥିଲା । ଝିଅର ଫଟୋ ଦେଖି ବାପା ମାଆ ଏବଂ ପୁଅ ନିଜେ ପସନ୍ଦ କରିଛନ୍ତି ବୋଲି ଜଣାଇଲେ ସେଇ ସମ୍ପର୍କୀୟ ଜଣକ ।

ପିଲାଟି ସମ୍ପର୍କରେ ସୂଚନା ସଂଗ୍ରହ କରିବାରେ ଲାଗିଲି । ଫଟୋରେ ଦେଖା ଯାଉଥିବା ପିଲାଟିର ରଙ୍ଗ ଭିତରେ କିନ୍ତୁ ଆକାଶ ପାତାଳ ଫରକ ରହିଛି ବୋଲି ଜାଣିଲି । ହଁ, ପୁଅ ପିଲା ତ ମଳିନ ରଙ୍ଗ ହେଲେ ବି ଚଳିବ ବୋଲି ପତ୍ନୀ କହିଲେ ତ ଆମେ ପ୍ରସ୍ତାବକୁ ଆଗକୁ ନେବାକୁ ଚାହିଁଲୁ ।

ସେଇ ଅନୁସାରେ ଆମେ ତାଙ୍କ ଘରକୁ ପ୍ରସ୍ତାବ ନେଇ ଯିବାକୁ ପ୍ରସ୍ତୁତ ହେଲୁ । ଗୋଟିଏ ରବିବାର ଦେଖି ତାରିଖ ଠିକ୍ ହେଲା । ଅଥଚ ହଠାତ୍ ଖବର ଆସିଲା ପୁଅ ଏଇ ରବିବାର ଦିନ ଆସି ପାରିବ ନାହିଁ । ପନ୍ଦର ଦିନ ପରେ ତାରିଖ ଠିକ୍ ହେଲା ତ ଶେଷ ବେଳକୁ ପୁଣି ସେଇ କଥା । ମନରେ ସନ୍ଦେହ ସୃଷ୍ଟି ହେଲେ ବି ସକାରାତ୍ମକ ଭାବନା ନେଇ ଅପେକ୍ଷା କଲୁ । ଏହା ମଧ୍ୟରେ ତିନି ମାସ ଗଡ଼ି ଯାଇଥିଲା । ଶେଷରେ ଦୁର୍ଗାପୂଜା ସମୟରେ ପରସ୍ପରକୁ ଭେଟିବା ପାଇଁ କଥା ହେଲା ।

ହେଲେ ଦୁର୍ଗାପୂଜା ଛୁଟି ସରିଗଲା । ଆଉ କୌଣସି ଖବର ମିଳିଲା ନାହିଁ । ଶେଷରେ ଖୋଳତାଡ଼ କରି ଜଣାଗଲା ଯେ ପୁଅଟି ନିଜେ ଠିକ୍ କରିଥିବା ଝିଅ ସହିତ ଇତି ମଧ୍ୟରେ କୋର୍ଟ ମ୍ୟାରେଜ କରି ନେଇଛି ।

ଶେଷ ପ୍ରସ୍ତାବ ଅଚାନକ ଆସିଲା ଯେଉଁଟା କେବେ ମୁଁ ଚିନ୍ତା କରି ନଥିଲି ।

-'ଶୁଭେନ୍ଦୁ, ତୋ ଝିଅ ପାଇଁ ମୁଁ ଗୋଟିଏ ପ୍ରସ୍ତାବ ଦେବି ।' ଦିନେ ଫୋନ୍ କରି କହିଲା ପ୍ରିୟ ରାଜେଶ । ମୁଁ ରାଜେଶ କଥାରେ ଉତ୍ସାହିତ ହୋଇ ପଡ଼ିଲି । ଆଗ୍ରହରେ ତା କଥା ଶୁଣିବାକୁ ଅପେକ୍ଷା କରି ରହିଲି । ସେ ବୁଝି ପାରିଲା ମୋ ଅନ୍ତରର କଥା, ମୋ ନୀରବତାର ଭାଷା ।

-'ତୋ ଝିଅର ଚତୁର୍ଥ ପ୍ରସ୍ତାବ ପରେ ପଞ୍ଚମ ପ୍ରସ୍ତାବକୁ ମୁଁ ବି ଅପେକ୍ଷା କରିଥିଲି କିଛି ଦିନ ପାଇଁ । ହେଲେ ଏଇ ସମୟ ଭିତରେ ମୁଁ ତୋ ଝିଅ ଆଉ ମୋ ପୁଅ ସହିତ ବାହାଘର ବିଷୟରେ କଥାବାର୍ତ୍ତା କରିଥିଲି । ପ୍ରଥମେ ପ୍ରଥମେ ଉଭୟ ବୋଧହୁଏ ଠିକ୍ କରି ପାରୁନଥିଲେ କଣ କରିବେ ବୋଲି । ହେଲେ ତାପରେ ଉଭୟ ଉଭୟଙ୍କ ସମ୍ପର୍କରେ ଆସିଲେ । ନିଜର ମନକଥା ବୁଝିନେଲେ କିଛି ଦିନ ଭିତରେ ଆଉ ଏବେ ଉଭୟ ବାହାଘର ପାଇଁ ରାଜି ଅଛନ୍ତି ବୋଲି ମୋତେ ଜଣାଇ ଦେଇଛନ୍ତି । ହେଲେ ଏବେ ସବୁ କିଛି ତୋ ଉପରେ ନିର୍ଭର କରୁଛି ।'

ପତ୍ନୀଙ୍କ ସହିତ ଏ ବିଷୟରେ କଥା ହେଲି । ଝିଅ ଏ ବାହାଘରରେ ଖୁବ୍ ଖୁସିରେ ରହିବ ବୋଲି ଆମେ ହୃଦୟଙ୍ଗମ କଲୁ..!!!

+ କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

ଭୁଲ୍ କଷ୍ଟଡି ରିପୋର୍ଟ ପାଇଁ ଅଡୁଆରେ ଜାମିନ ମାମଲା : ଝାରସୁଗୁଡ଼ା ପୋକ୍ସୋ କୋର୍ଟଙ୍କୁ ହାଇକୋର୍ଟଙ୍କ କୈଫିୟତ ତଲବ

ଝାରସୁଗୁଡ଼ା,୨୫/୧୦ (ନି.ପ୍ର): ହାଇକୋର୍ଟଙ୍କ ଜାମିନ ମଞ୍ଜୁର ନିର୍ଦ୍ଦେଶ ସତ୍ତ୍ୱେ ଜଣେ ପୋକ୍ସୋ ମାମଲାର ଦୋଷୀଙ୍କୁ ମୁକ୍ତ କରା ନଯିବା ଘଟଣାକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ଘଟଣାରେ ଝାରସୁଗୁଡ଼ା ସ୍ୱତନ୍ତ୍ର ପୋକ୍ସୋ କୋର୍ଟଙ୍କ ଠାରୁ କୈଫିୟତ ତଲବ କରାଯାଇଥିବା ବେଳେ ଜିଲ୍ଲା ଜେଲ୍ ଅଧୀକ୍ଷକ ଓ ସହକାରୀ ଜେଲରଙ୍କୁ ଆଭାସୀ ମାଧମରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତୀ ଶୁଣାଣି ନଭେମ୍ବର ୨୦ ତାରିଖରେ ହେବ। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ଟିଆର୍ କେସ୍ ନଂ. ୩୪/୨୦୧୮ରେ ବିଚାର ପରେ ଜବାହରଲାଲ ବିଶ୍ୱକର୍ମାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ହୋଇଥିଲା। ଏହି ରାୟ ବିରୋଧରେ ସେ ଜେଲ୍ କ୍ରିମିନାଲ୍ ଅପିଲ୍ ସହ ଜାମିନ ଆବେଦନ କରିଥିଲେ। ଗତ ଅଗଷ୍ଟ ୧୭ ତାରିଖରେ ଜାମିନ ଆବେଦନର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜେଲ୍ କର୍ତ୍ତୃପକ୍ଷଙ୍କ କଷ୍ଟଡି ସାର୍ଟିଫିକେଟ୍ ଦାଖଲ କରାଯାଇଥିଲା। ଏଥିରେ ଆବେଦନକାରୀ ୧୪ ବର୍ଷ ୫ ମାସ ଜେଲ୍ ରେ ରହିସାରିଥିବା ଦର୍ଶାଯାଇଥିଲା। ଅପିଲ୍ ର ଶୀଘ୍ର ଶୁଣାଣି ହେବାର ସମ୍ଭାବନା କମ୍ ଥିବା ଏବଂ ଦୀର୍ଘ ସମୟ ଧରି ଜେଲ୍ ରେ ରହିଥିବା ଆଧାରରେ ହାଇକୋର୍ଟ ତାଙ୍କୁ ସର୍ତମୂଳକ ନିୟମିତ ଜାମିନ ପ୍ରଦାନ କରିଥିଲେ। ତେବେ ଆଦେଶର ପ୍ରମାଣିତ ନକଲ ମିଳିବା ପରେ ଆବେଦନକାରୀଙ୍କ ଓକିଲ ସିଦ୍ଧାର୍ଥ ଶଙ୍କର ରାୟ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଜଣାଇଥିଲେ ଯେ, ଜେଲ୍ ରେ ରହିବାର ସମୟସୀମା ସମ୍ପର୍କରେ ଦାଖଲ ତଥ୍ୟ ଠିକ୍ ନୁହେଁ। ଆବେଦନକାରୀ ୧୦ ସେପ୍ଟେମ୍ବର ୨୦୧୮ରୁ ଜେଲ୍ ରେ ଅଛନ୍ତି। ଏହାପରେ ରାଜ୍ୟ ସରକାର ମଧ ଜେଲ୍ କର୍ତ୍ତୃପକ୍ଷଙ୍କ ରିପୋର୍ଟରେ ତ୍ରୁଟି ଥିବା ସ୍ୱୀକାର କରିଥିଲେ। ପ୍ରକୃତରେ ଆବେଦନକାରୀ ୮ ବର୍ଷ ୨ ମାସ ୧୧ ଦିନ ଜେଲ୍ ରେ ରହିଥିବା ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ତତ୍କାଳୀନ ଜେଲ୍ ଅଧୀକ୍ଷକ ଛୁଟିରେ ଥିବାରୁ ଭାରପ୍ରାପ୍ତ ସହକାରୀ ଜେଲର ଭୁଲ୍ ରିପୋର୍ଟ ଦେଇଥିବା ଦର୍ଶାଇ ଜାମିନ ଆଦେଶ ପ୍ରତ୍ୟାହାର ପାଇଁ ସରକାର ନିବେଦନ କରିଥିଲେ।

ଅନ୍ୟପକ୍ଷରେ, ହାଇକୋର୍ଟଙ୍କ ଜାମିନ ଆଦେଶ ଝାରସୁଗୁଡ଼ା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଦାଖଲ ହୋଇଥିଲେ ମଧ ଆବେଦନକାରୀ ୨୦୧୮ରୁ ଜେଲ୍ ରେ ଥିବା ଦର୍ଶାଇ ତାଙ୍କୁ ମୁକ୍ତ କରିବାକୁ ନିମ୍ନ ଅଦାଲତ ମନା କରିଦେଇଥିଲେ। ଏହାପରେ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଜଣାଯାଇଥିଲା। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ଜାମିନ ଆଦେଶ କାର୍ଯ୍ୟକାରୀ ନହେବାର କାରଣ ସମ୍ପର୍କରେ ଝାରସୁଗୁଡ଼ା ସ୍ୱତନ୍ତ୍ର କୋର୍ଟଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ଏଥିସହ ଜିଲ୍ଲା ଜେଲ୍ ଅଧୀକ୍ଷକ ଓ ସହକାରୀ ଜେଲରଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଆଦେଶ ଦିଆଯାଇଛି।

ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ରାୟ ମାମଲା ପରିଚାଳନା କରୁଥିବା ବେଳେ ସରକାରଙ୍କ ପକ୍ଷରୁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ୍ ସାରଥୀ ଜ୍ୟୋତି ମହାନ୍ତି ଯୁକ୍ତି ଉପସ୍ଥାପନ କରିଥିଲେ।

ଏନ୍‌ସିସିର ବାର୍ଷିକ ପ୍ରଶିକ୍ଷଣ

ଜୟପୁର,୨୫/୧୦ (ନି.ପ୍ର): ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ୧୫ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଆୟୋଜିତ ୧୮ତମ ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର(ସିଏଟିସିରେ ବ୍ୟାଙ୍କିଂ ସଚେତନତା ଓ ସତର୍କତା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଜୟପୁର ଏସ୍ୱିଆଇ ମୁଖ୍ୟ ଶାଖାର ଅଧିକାରୀ ଗୌରବ କୁମାର ମିଶ୍ର ଓ ଆଲୋକ ରଞ୍ଜନ ବୈରାଗୀ ଯୋଗଦେଇ ବ୍ୟାଙ୍କିଂ ବ୍ୟବସ୍ଥା, ଡିଜିଟାଲ୍ କାରବାର ଏବଂ ଅନ୍ଲାଇନ୍ ଠକେଇରୁ ସୁରକ୍ଷା ସମ୍ପର୍କରେ କ୍ୟାଡେଟମାନଙ୍କୁ ସଚେତନ କରିଥିଲେ। ଓଟିପି, ଏଟିଏମ୍ ପିନ୍ ଓ ବ୍ୟାଙ୍କିଂ ସମ୍ପର୍କିତ ଗୋପନୀୟ ତଥ୍ୟର ସୁରକ୍ଷା ସହ ସଚ୍ଚୋଟତା ଓ ନୈତିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ବହୁଜନ ସମାଜ ପାର୍ଟିର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

କେନ୍ଦ୍ରାପଡ଼ା,୨୫/୧୦ (ନି.ପ୍ର): କେନ୍ଦ୍ରାପଡା ବହୁଜନ ସମାଜ ପାର୍ଟି ଶାଖା ତରଫରୁ ଏକ ଜିଲ୍ଲାସ୍ତରୀୟ କର୍ମକର୍ତା ସମ୍ମିଳନୀ ଜିଲ୍ଲା ସଭାପତି କ୍ଷୀରୋଦ ମଲ୍ଲିକଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବହୁଜନ ସମାଜ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ମଧୁସୁଦନ ଯାଦବ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ଆଇନଜିବୀ ରାଜ୍ୟ ସାଧାରଣ ସମ୍ପାଦକ ତଥା ଭଦ୍ରକ ଜୋନ୍ ମୁଖ୍ୟ ପ୍ରଭାରୀ ରଞ୍ଜନ କୁମାର ମଲ୍ଲିକ ମୁଖ୍ୟବକ୍ତା, ଆଇନଜିବୀ ପୂର୍ବତନ ରାଜ୍ୟ ସମ୍ପାଦକ ଲୋକସଭା ପ୍ରଭାରୀ କେନ୍ଦ୍ରାପଡା ଅକ୍ଷୟ କୁମାର ମଲ୍ଲିକ ସମ୍ମାନୀତ ଅତିଥି, ଅଶୋକ କୁମାର ସେଠୀ, ମଳୟକେତନ ଦାସ, ସମ୍ପାଦିକା ରଶ୍ମିତା ବିଶ୍ୱାଳ, ଦିଲ୍ଲୀପ ରାଉତରାୟ, ଜିଲ୍ଲା ଉପସଭାପତି, ପାକଟୁରା ବିଧାନସଭା ପ୍ରଭାରୀ କିଶୋର ମଲ୍ଲିକ, ମଧୁସୁଦନ ହୋତା (ମହାକାଳପଡାବିଧାନସଭା ପ୍ରଭାରୀ) ପ୍ରମୁଖ ଯୋଗଦେଇ ବହୁଜନ ସମାଜ ପାର୍ଟିର କର୍ମକର୍ତାମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ କରାଯାଇଥିଲା । ଦଳକୁ ଆଗେଇନେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବହୁଜନ ସମାଜ ପାର୍ଟି ଦଳିତ ଓ ସଂଖ୍ୟାଲଘୁମାନଙ୍କ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟକରି ଆସୁଛି । ଦଳର ଉନ୍ନତି ନିମନ୍ତେ ସମସ୍ତ କର୍ମକର୍ତା ନିଜ ସ୍ତରରେ ଚେଷ୍ଟା କରିବା ପାଇଁ ମୁଖ୍ୟବକ୍ତା ଶ୍ରୀ ମଲ୍ଲିକ ଆହ୍ୱାନ ଦେଇଥିଲେ । ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବିଦୁର ବିଶ୍ୱାଳ, ଧୀରେନ୍ଦ୍ର ମଲ୍ଲିକ, ପ୍ରଦୀପ ମଲ୍ଲିକ, ଅନିଲ୍ ଘଡାଇ, ଚର୍ତୁଭୁଜ କାଣ୍ଡି, ମିନତୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିବାବେଳେ ଶୁଶାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

୧୨ ଲକ୍ଷ ଟଙ୍କା ହେରଫେର: ୨ ଗିରଫ

ଜୟପୁର,୨୫/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ଅନ୍ତର୍ଗତ ବାନୁଆଗୁଡ଼ା ଗ୍ରାମ ପଂଚାୟତର ସହକାରୀ ଡାଟା ଏଂଟ୍ରି ଅପରେଟର ଏବଂ ଗ୍ରାମ ମେଟ୍ ଙ୍କୁ ୧୨.୩୩ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବାନୁଆଗୁଡ଼ା ଗ୍ରାମ ପଂଚାୟତର ପୂର୍ବତନ ସହକାରୀ ଡାଟା ଏଂଟ୍ରି ଅପରେଟର ତଥା ପୂର୍ବତନ ଗ୍ରାମ ରୋଜଗାର ସେବକ - ଯିଏ ବର୍ତମାନ ଲାମ୍ତାପୁଟ ବ୍ଲକରେ ଭାବେ କାର୍ଯ୍ୟରତ ଜି. ଶଙ୍କର ଏବଂ ବାନୁଆଗୁଡ଼ା ଗ୍ରାମ ପଂଚାୟତର ଗ୍ରାମ ମେଟ୍ ଲାଇଖାନା ନାୟକଙ୍କୁ ଗିରଫ କରାଯାଇଛି। ୧୨,୩୩,୪୩୫ ଟଙ୍କାର ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗରେ ସେମାନଙ୍କୁ ଜୟପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଅଦାଲତରେ ହାଜର କରାଯାଇଛି ।ଅଭିଯୁକ୍ତମାନେ ବିଭିନ୍ନ ସରକାରୀ ଅନୁଦାନ ପ୍ରାପ୍ତ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିବା ନେଇ କାଗଜପତ୍ରରେ ମିଥ୍ୟା ତଥ୍ୟ ଦର୍ଶାଇ ଏବଂ ରେକର୍ଡରେ ଜାଲିଆତି କରି ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗ ରହିଛି। ବାସ୍ତବରେ କ୍ଷେତ୍ରସ୍ତରରେ ଏହି କାର୍ଯ୍ୟଗୁଡ଼ିକ କରାଯାଇ ନଥିଲା। ଏହି ଅର୍ଥ ହେରଫେର ଘଟଣାଟି କୋରାପୁଟ ଜିଲ୍ଲାର କୁନ୍ଦ୍ରା ବ୍ଲକ ଅନ୍ତର୍ଗତ ବାନୁଆଗୁଡ଼ା ଗ୍ରାମ ପଂଚାୟତର ଚାରୋଟି ପ୍ରମୁଖ ପ୍ରକଳ୍ପ ସହ ଜଡ଼ିତ। ଏହି ଘଟଣାରେ, ଓଡ଼ିଶା ଭିଜିଲାନ୍ସ ପକ୍ଷରୁ କୋରାପୁଟ ଭିଜିଲାନ୍ସ ଥାନା କେସ୍ ନଂ. ୨୩ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାନୁଆଗୁଡ଼ା ଗ୍ରାମ ପଂଚାୟତର ପୂର୍ବତନ ତଥା ପୂର୍ବତନ (ବର୍ତମାନ ଲମତାପୁଟ ବ୍ଲକର ଜି. ଶଙ୍କର ଏବଂ ବାନୁଆଗୁଡ଼ା ଗ୍ରାମ ପଂଚାୟତର ଗ୍ରାମ ମେଟ୍ ଲାଇଖାନା ନାୟକ। ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ର ଧାରା ୩୧୬(୫)/୩୩୬(୩)/୩୪୦(୨)/୩୪୪/୬୧(୨) ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ନେଇ ଜୟପୁର ଭିଜିଲାନ୍ସ ତରଫରୁ ସୂଚନା ଦିଆଯାଇଛି ।

ମଦ ବିକ୍ରି ବନ୍ଦ ନହେଲେ ପଂଚାୟତ ନିର୍ବାଚନରେ ଭୋଟ ବର୍ଜନର ଚେତାବନୀ

ଜୟପୁର,୨୫/୧୦ (ନି.ପ୍ର): କୋରାପୁଟ ଜିଲ୍ଲାରେ ଏବେ ଜୋର୍ ଧରିଛି ମଦ ବିରୋଧୀ ଆନ୍ଦୋଳନ। ନିଜ ନିଜ ପଂଚାୟତକୁ ନିଶାମୁକ୍ତ ପଂଚାୟତ ଗଠନ କରିବା ପାଇଁ ଅଂଟା ଭିଡିଛନ୍ତି ମହିଳା। କେତେବେଳେ ହଜାର ହଜାର ସଂଖ୍ୟାରେ ମହିଳା ମାନେ ଏକଜୁଟ ହୋଇ ଥାନା ଘେରାଉ କରୁଛନ୍ତି ତ କେତେବେଳେ ମଦ ଗାଡ଼ିକୁ ଗୋଡ଼ାଇ ଗୋଡ଼ାଇ ଧରି ଥାନାରେ ଅଟକ ରଖୁଛନ୍ତି, ଆଉ ଘରେ ଘରେ ପଶି ପୋଚ ବାହାର କରି ଗାଁ ଦାଣ୍ଡରେ ପୋଚ ଏବଂ ମଦ ହାଣ୍ଡିକୁ ଭାଙ୍ଗି ନଷ୍ଟ କରୁଛନ୍ତି। ସେହିପରି ଆଜି ବୋରିଗୁମ୍ମା ଥାନା ଅନ୍ତର୍ଗତ ଜାମୁଣ୍ଡା ପଂଚାୟତ ଏବଂ ଝିଲିମିଲି ଗାଁର ଶହ ଶହ ମହିଳା ଏକଜୁଟ ହୋଇ ହାତରେ ଲାଠି ଧରି ମଦ ବିକ୍ରିକୁ ବିରୋଧ କରି ମଦ ନିଶାମୁକ୍ତ ପଂଚାୟତ ଗଠନ କରିବା ପାଇଁ ଅଂଟା ଭିଡ଼ିଛନ୍ତି। ସମସ୍ତ ମହିଳା ମାନେ ‘ମାଆ ଭଉଣୀଙ୍କ ହାତରେ ଉଠିବ ଲାଠି ଯଦି ବନ୍ଦ ନହେବ ମଦ ଭାଟି’ସ୍ଲୋଗାନ ଦେଇ ବୋରିଗୁମ୍ମା ଥାନାରେ ପହଂଚି ବୋରିଗୁମ୍ମା ଥାନା ଅଧିକାରୀ ରାମାନନ୍ଦ ସାହୁଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଗାଁ ଗାଁ ରେ ଅବାଧ ମଦ ବିକ୍ରି କରୁଛନ୍ତି ଆଉ ସେହି ମଦ ପିଇ ସ୍କୁଲ ଛାତ୍ର ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ଘରେ ଘରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ରୋଗାକ୍ରାନ୍ତ ହୋଇ ଅକାଳରେ ଜୀବନ ଯାଉଛି। ଅଳ୍ପ ବୟସରେ ମହିଳା ମାନେ ବିଧବା ହୋଇ ଜୀବନ କାଟୁଛନ୍ତି। ମଦ ପିଇ ଅନେକ ସମୟରେ ସଡ଼କ ଦୁର୍ଘଟଣାରେ ଜୀବନ ଯାଉଛି। ଯଦି ଆଗାମୀ ଦିନରେ ମଦ ବିକ୍ରି ବନ୍ଦ ନହୁଏ ତେବେ ଆନ୍ଦୋଳନ ତୀବ୍ରତର ହେବ ଏବଂ ଆଗାମୀ ପଂଚାୟତ ନିର୍ବାଚନରେ ଭୋଟ ବର୍ଜନ ହେବ ବୋଲି ଚେତାବନୀ ଦେଇଛନ୍ତି ଝିଲିମିଲି ଗାଁ ଏବଂ ଜାମୁଣ୍ଡା ପଂଚାୟତର ମହିଳାମାନେ । ବୋରିଗୁମ୍ମା ବ୍ଲକ ବିଜେଡ଼ି ସଭାପତି ଲାଡ଼ି ନାରାୟଣ ଏବଂ ବାଲିଙ୍କି ରାଓ ସହଯୋଗ କରିଥିଲେ।

ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ମିଶ୍ରଙ୍କ ପରଲୋକ

ବଲାଙ୍ଗିର,୨୫/୧୦ (ନି.ପ୍ର): ବଲାଙ୍ଗିର ତେଲିଗୋଠ ପଡ଼ା ମୂଳ ନିବାସୀ ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ଅଶ୍ୱିନୀ କୁମାର ମିଶ୍ର (୭୮)ଙ୍କ ଆଜି ଦିନବେଳା ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ଗତ କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରିଥିଲେ । ଚିକିତ୍ସା ଚାଲିଥିବା ସମୟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ତାଙ୍କ ଦେହାନ୍ତ ସମୟରେ ସ୍ତ୍ରୀ ମାଧୁରୀ ମିଶ୍ର, ପୁଅ ଅଭିନାଶ ମିଶ୍ର, ବୋହୂ ଅର୍ଚନା ମିଶ୍ର, ବଡ଼ଝିଅ ରଂଜିତା ମିଶ୍ର, ଜ୍ୱାଇଁ ସାମ୍ବାଦିକ ରିତୁରାଜ ସିଂହ, ସାନଝିଅ ସିପ୍ରା ପାଢ଼ୀ, ଜ୍ୱାଇଁ ସନ୍ତୋଷ ପାଢ଼ୀ, ନାତୁଣୀ ଆଦ୍ୟାଶା, ଆରାଧା, ସାଇଲି, ସାଇସା, ନାତୀ ସୋମୁଙ୍କ ସମସ୍ତ ପରିବାର ଏବଂ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ।

ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ

ଧର୍ମଶାଳା,୨୫/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜାରକା ଅଂଚଳର ଆଗୁଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ଅନଗ୍ରସର ଓ ଅଭାବୀ ଲୋକମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ ଏହି ଟ୍ରଷ୍ଟ ଦୀର୍ଘ ବର୍ଷ ହେଲା ଅସହାୟ ଓ ଗରିବମାନଙ୍କୁ ସେବା ଯୋଗାଇ ଆସୁଛି । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଗରିବ ଓ ଅସହାୟ ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ବିଧାୟକ ଶ୍ରୀ ସାହୁ ଟ୍ରଷ୍ଟର ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ଦୁର୍ଘଟଣାରେ ପୀଡ଼ିତ ଜେନାପୁର ପଂଚାୟତର ଅର୍ଜୁନ ରାଉତ, ଆର୍ଥିକ ଅନାଟନରେ ଚଳୁଥିବା ଜେନାପୁର ପଂଚାୟତ ପଣସପଡିଆ ଗ୍ରାମର ସୀତା ଭଞ୍ଜ, ଆର୍ଥିକ ଅଭାବରେ ଚଳୁଥିବା ଜେନାପୁର ପଂଚାୟତ ପଣଷପଡିଆ ଗ୍ରାମର ବସନ୍ତ ମଞ୍ଜରୀ ସାହୁ, ମସ୍ତିଷ୍କ ବିକୃତ ଜେନାପୁର ପଂଚାୟତ ପଣଷପଡିଆ ଗ୍ରାମର ସୁବାସ କବିଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହୟତା ପ୍ରଦାନ କରାଯାଇଛି । ସେହିପରି ଅଭାବରେ ଚଳୁଥିବା ରସୁଲପୁର ପଂଚାୟତ ଖୋସାଲପୁର ଗ୍ରାମର ସୁରେଶ ଚନ୍ଦ୍ର ମହାନ୍ତି, ଅଭାବରେ ଚଳୁଥିବା ରସୁଲପୁର ପଂଚାୟତ ଖୋସାଲପୁର ଗ୍ରାମର ସତ୍ୟଭାମା ନାୟକ ଏବଂ ଚଂଚଳା ଦାସ, ପ୍ରଣିତ କରଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆର୍ଥିକ ଅନଗ୍ରସର ରାହାମ୍ବା ପଂଚାୟତ ସଦାନନ୍ଦପୁର ଗ୍ରାମର ସଖି ବେହୁଆ ଓ ଏହି ପଂଚାୟତ କୋଳଥଳ ଗ୍ରାମର ବୋଧି ମଳିକ, ସରୋଜ ମଳିକଙ୍କୁ ଟ୍ରଷ୍ଟ ପକ୍ଷରୁ ଅର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଭାବ ଅନାଟନରେ ଚଳୁଥିବା ଅରେଇକଣା ପଂଚାୟତ ହଳଦିଆମୂଳ ଗ୍ରାମର ଉମାକାନ୍ତ ମଳିକ ଓ ଏହି ଗ୍ରାମର ଗୋପାଳ ମଳିକ, ନେପାଳ ମଳିକ ଏବଂ ଆର୍ଥିକ ଅନାଟନରେ ଥିବା ମଙ୍ଗଳପୁର ପଂଚାୟତ ବାଙ୍କସାହି ଗ୍ରାମର ମାତାଜୀ ନାୟକଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅନୁରୂପ ଭାବେ ଅଭାବରେ ଥିବା ମଙ୍ଗଳପୁର ପଂଚାୟତ ବାଙ୍କସାହି ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ, ଅଭାବରେ ଥିବା ରାହାମ୍ବା ପଂଚାୟତ କୋଳଥଳ ଗ୍ରାମର ମମତା ବାରିକଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ଘରେ ପହଁଚି ଏହି ସହାୟତା ପ୍ରଦାନ କରିଛନ୍ତି । ଗରିବ, ଖଟିଖିଆ, ଅସହାୟ ଲୋକମାନଙ୍କୁ ଚିହ୍ନଟ କରାଯାଇ ଟ୍ରଷ୍ଟ ମାଧମରେ ପୂର୍ବରୁ ଯେଉଁଭଳି ଭାବେ ସହାୟତା ଯୋଗେଇ ଦିଆଯାଉଥିଲା ସମାନ ଭାବରେ ଏଭଳି ପରିବାରକୁ ଚିହ୍ନଟ କରାଯାଇ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି ।

ଗାଁଗଣ୍ଡାରେ କୁମାର ପୂର୍ଣ୍ଣିମା ଉତ୍ସବ: ଆଗ ଭଳି ନାହିଁ ପୁଚିଖେଳ କି ଫୁଲ ବଉଳବେଣୀ ଗୀତର ମଉଜ

ଖୋର୍ଦ୍ଧା, ୨୫/୧୦ (ନି.ପ୍ର): ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଲାଗି ରବିବାର ଉତ୍ସବ ମୁଖର ହୋଇଉଠିଛି। କୁମାରୀମାନେ ଓଷା କରିବା ସହ ନୂତନ ବସ୍ତ୍ର ପରିଧାନ କରି କୁମାର ପୂର୍ଣ୍ଣିମା ଉତ୍ସବ ପାଳନ କରିଥିଲେ। ଗାଁ ଦାଣ୍ଡ ଚଉଁରା ମୂଳେ ମା’ ବୃନ୍ଦାବତୀଙ୍କ ପାଖରେ କୁଆଁରୀମାନେ ଭୋଗ ଲଗାଇବା ସହ ଚାନ୍ଦ ପୂଜା କରିଥିଲେ। ଏଥର ପୂଜା ଲାଗି ସବୁଠି କଇଁଫୁଲର ଅଭାବ ପରିଲକ୍ଷିତ ହୋଇଥିଲା। ବଜାରରେ କଇଁଫୁଲ ଗୋଟା ୧୦ ରୁ ୨୦ ଟଙ୍କାରେ ବିକ୍ରି ହୋଇଥିଲା। ଗୃହିଣୀ ପ୍ରମିଳା ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆଧୁନିକ ସଭ୍ୟତା ପ୍ରଭାବରେ ଦିନକୁ ଦିନ ପାରମ୍ପରିକ ପୂଜା ଓ ଓଷା ହଜିବାକୁ ବସିଲାଣି । ଗୃହିଣୀ ଅର୍ଚ୍ଚନା ଆନ୍ଦିଆ ଅନୁରୂପ ମତ ପ୍ରକାଶ କରି କହିଛନ୍ତି, ଆଗରୁ କୁମାର ପୂର୍ଣ୍ଣିମା ଉତ୍ସବରେ ଝିଅମାନେ ଚାନ୍ଦ ପୂଜା କରି ପୁଚି ଖେଳିବା ସହ ଗୀତ ବୋଲୁଥିଲେ। ବର୍ତ୍ତମାନ ଆଉ ସେଭଳି ଦେଖିବାକୁ ମିଳୁ ନାହିଁ । ସେହିପରି ସସ୍ମିତା ସାହୁ କହିଛନ୍ତି, ଆମେ ପିଲାବେଳେ ଧୁମ୍ ?ଧାମରେ ଏହି ଉତ୍ସବ ପାଳୁଥିଲୁ। ଏବେକାର ନୀତି ଭିନ୍ନ। ଆଗରୁ କୁଆଁରୀ ମାନେ ରଙ୍ଗବେରଙ୍ଗ ଫୁଲ ପାଖୁଡାରେ ସାଜସଜ୍ଜା କରୁଥିବାରୁ ଘର ସମେତ ଗାଁ ଦାଣ୍ଡ ଓ ଚଉଁରା ମୂଳ ହସି ଉଠୁଥିଲା। କଇଁଫୁଲରେ ମା’ ବୃନ୍ଦାବତୀଙ୍କୁ ସଜାଯାଉଥିଲା। ‘କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଳ ବେଣୀ’ ଗୀତରେ ପରିବେଶ ଚହଟି ଉଠୁଥିଲା। ଏବେ ଗାଁ ପୋଖରୀ ଓ ରାସ୍ତପାଖ ନାଳରେ କଇଁଫୁଲ ଫୁଟୁ ନ ଥିବା ଓ ବଜାରରେ ଆବଶ୍ୟକ ପରିମାଣର ଫୁଲ ମିଳୁ ନ ଥିବାରୁ କୁଆଁରୀମାନଙ୍କ ମଧରେ ଏହି ପୂଜା ଲାଗି ଆଗ୍ରହ ରହୁ ନାହିଁ । ତେଣୁ ଆଗଭଳି କୁମାର ପୂର୍ଣ୍ଣିମା ପାଳନର ସରସତା ଆଉ କେଉଁଠି ଦେଖିବାକୁ ମିଳୁନି। କେବଳ କାମଚଳା ନ୍ୟାୟରେ ବିଧି ପାଳନ କରାଯାଉଛି।

ବିଶ୍ୱ ପୋଲିଓ ଦିବସ ଅବସରରେ ରୋଟାରୀ ଜିଲ୍ଲା ୩୨୬୨ ପକ୍ଷରୁ ବିଶାଳ ମାରାଥନ୍ ଆୟୋଜିତ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ବିଶ୍ୱ ପୋଲିଓ ଦିବସ ଅବସରରେ ରୋଟାରୀ ଜିଲ୍ଲା ୩୨୬୨ ପକ୍ଷରୁ ସଚେତନତା ସୃଷ୍ଟି କରିବା ପାଇଁ ଭୁବନେଶ୍ୱରଠାରେ ଏକ ବିଶାଳ ମାରାଥନ୍ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ପ୍ରେରଣାଦାୟୀ ବକ୍ତବ୍ୟ ସହ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ମାରାଥନ୍‌ଟି ଭୁବନେଶ୍ୱରର ରାମମନ୍ଦିର ଛକରୁ ଆରମ୍ଭ ହୋଇ ରୋଟାରୀ ଭବନଠାରେ ପହଂଚି ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅନିଲ ସାମଲ, ପ୍ରାକ୍ତନ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି, ଯଜ୍ଞାଂଶିଷ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ରୋଟାରିଆନ୍, ରୋଟାରାକ୍ଟର୍ସ ଏବଂ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

ଜାତୀୟ ମଞ୍ଚରେ ଓଡ଼ିଶାର ଜୟଗାନ: ୟୁଏମ୍ଆଇ ଏକ୍ସପୋ-୨୦୨୬ରେ କୁଟ୍‌ର ହ୍ୟାଟ୍ରିକ୍ ସଫଳତା



ଭୁବନେଶ୍ୱର,୨୫/୧୦ (ନି.ପ୍ର): ସ୍ମାର୍ଟସିଟି ଭୁବନେଶ୍ୱର ପାଇଁ ଏହା ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ। ଅକ୍ଟୋବର ୨୪ ଓ ୨୫ ତାରିଖରେ ରାଜଧାନୀରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ଏକ୍ସପୋ ଏବଂ ନ୍ୟାସନାଲ୍ ଅର୍ବାନ୍ କନ୍‌କ୍ଲେଭ୍-୨୦୨୬। ଆଉ ସହରାଞ୍ଚଳ ପରିବହନର ଏହି ଜାତୀୟ ମହାକୁମ୍ଭରେ ଓଡ଼ିଶାର ନିଜସ୍ୱ ପରିବହନ ସଂସ୍ଥା ‘କୁଟ୍’ ନିଜର ଦବ୍‌ଦବା ଜାହିର କରିଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ମନୋହର ଲାଲ ଖଟ୍ଟରଙ୍କ ଉଦ୍‌ଯାପନୀ ଉପସ୍ଥିତିରେ କୁଟ୍ ଏକାଥରକେ ତିନୋଟି ମର୍ଯ୍ୟାଦାଜନକ ପୁରସ୍କାର ହାତେଇ ଇତିହାସ ରଚିଛି। ପୂର୍ବ ଭାରତରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ମେଗା ଇଭେଣ୍ଟରେ କୁଟ୍‌ର ପ୍ୟାଭିଲିୟନ୍ ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହାର ଶୈଳୀ ଆଉ ପ୍ରଭାବଶାଳୀ ଉପସ୍ଥାପନା ଯୋଗୁଁ କୁଟ୍‌କୁ ମିଳିଛି ‘ଶ୍ରେଷ୍ଠ ପ୍ରଦର୍ଶକ’ର ମୁକୁଟ। କେବଳ ସେତିକି ନୁହେଁ, ପରିବେଶ ଅନୁକୂଳ ଯାତାୟାତ ପାଇଁ ‘ଶ୍ରେଷ୍ଠ ସବୁଜ ପରିବହନ ପଦକ୍ଷେପ’ ବର୍ଗରେ ଉତ୍କର୍ଷ ପୁରସ୍କାର ଏବଂ ଉନ୍ନତ ସହରାଞ୍ଚଳ ପରିବହନ ସଂସ୍କାର ପାଇଁ ପ୍ରଶଂସାମୂଳକ ସ୍ୱୀକୃତି ମଧ ଓଡ଼ିଶା ଖାତାକୁ ଆସିଛି। ଦର୍ଶକ ଓ ପ୍ରତିନିଧିମାନେ କୁଟ୍‌ର ଅଭିନବ ଚିନ୍ତାଧାରା ଓ ସ୍ଥାୟୀ ଦୂରଦୃଷ୍ଟି ଦେଖି ବିମୋହିତ ହୋଇଥିଲେ। କେନ୍ଦ୍ର ସରକାରଙ୍କ ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ ଏହି ଏକ୍ସପୋ ପ୍ରମାଣିତ କରିଛି ଯେ, ଦକ୍ଷ, ସବୁଜ ଓ ସ୍ଥାୟୀ ସାର୍ବଜନୀନ ପରିବହନ କ୍ଷେତ୍ରରେ ଓଡ଼ିଶା କେବଳ ଏକ ଉଦାହରଣ ନୁହେଁ, ବରଂ ଏକ ନୂତନ ମାର୍ଗଦର୍ଶକ। ଜାତୀୟ ସ୍ତରରେ କୁଟ୍‌ର ଏହି ଐତିହାସିକ ତଥା ଉଲ୍ଲେଖନୀୟ ସଫଳତା ଆଜି ପ୍ରତିଟି ଓଡ଼ିଆଙ୍କ ଛାତିକୁ ଗର୍ବରେ କୁଣ୍ଢେମୋଟ କରିଦେଇଛି।

କେନ୍ଦ୍ରାପଡ଼ା ହତ୍ୟାକାଣ୍ଡ ମାମଲା: ଅଭିଯୁକ୍ତ ବୁଲୁ ବେହେରାକୁ ଆଜୀବନ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୫/୧୦ (ନି.ପ୍ର): କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ଟାଉନ୍ ବଳରାମପୁର ଅଂଚଳରେ ଘଟିଥିବା ଚର୍ଚ୍ଚିତ ଅକ୍ଷୟ କୁମାର ଖଟୁଆ ହତ୍ୟା ମାମଲାରେ କେନ୍ଦ୍ରାପଡ଼ା ଜିଲ୍ଲା ଓ ଦୌରାଜଜ୍ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଆଦିତ୍ୟ ପ୍ରସାଦ ବେହେରା ଓରଫ୍ ବୁଲୁ(୩୨)କୁ ଆଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ଅଭିଯୁକ୍ତ ଉପରେ ୫,୦୦୦ ଟଙ୍କାର ଆର୍ଥିକ ଜରିମାନା ମଧ ଲାଗୁ କରାଯାଇଛି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ବିବରଣୀରୁ ପ୍ରକାଶ ଯେ, ୨୦୨୪ ମସିହା ଏପ୍ରିଲ ୧୮ ତାରିଖ ରାତି ପ୍ରାୟ ୯ଟା ସମୟରେ କେନ୍ଦ୍ରାପଡ଼ା ସାରଙ୍ଗ ଗ୍ରାମର ଅକ୍ଷୟ କୁମାର ଖଟୁଆ ଏବଂ ବଳରାମ ମହାରଣା ଟାଉନ୍ ବଳରାମପୁରସ୍ଥିତ ଏକ ପାନ ଦୋକାନ ନିକଟରେ ସଉଦା କରୁଥିଲେ। ସେହି ସମୟରେ ସ୍ଥାନୀୟ ଆଦିକନ୍ଦ ବେହେରାଙ୍କ ପୁଅ ଆଦିତ୍ୟ ବେହେରା(ବୁଲୁ) ହଠାତ୍ ଏକ ଛୁରୀ ଧରି ବଳରାମ ମହାରଣାଙ୍କ ଉପରକୁ ଆକ୍ରମଣ କରିଥିଲା। ଏହାଦେଖି ଅକ୍ଷୟ କୁମାର ଖଟୁଆ ଘଟଣାରେ ହସ୍ତକ୍ଷେପ କରି ବଳରାମଙ୍କୁ ବଂଚାଇବାକୁ ଚେଷ୍ଟା କରିବା ସହ ଆକ୍ରମଣର ପ୍ରତିବାଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବୁଲୁ ଅତି ନିର୍ମମ ଭାବେ ଏକ ଧାରୁଆ ଛୁରୀରେ ଅକ୍ଷୟଙ୍କ ଶରୀରରେ ବାରମ୍ବାର ଆଘାତ କରିଥିଲା। ଛୁରାମାଡ଼ ଯୋଗୁଁ ରକ୍ତ ଜୁଡୁବୁଡୁ ହୋଇ ଅକ୍ଷୟ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ମୃତକଙ୍କ ସାନଭାଇ ଶରତ କୁମାର ଖଟୁଆ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ ୭୯/୨୦୨୪ ଅନୁଯାୟୀ ଭାରତୀୟ ଦଣ୍ଡବିଧି ଆଇନ୍‌ର ଧାରା ୩୦୨ ଏବଂ ୩୦୭ ଅଧିନରେ ମାମଲା ରୁଜୁ କରିଥିଲା। ମାମଲାର ତଦନ୍ତ ଦାୟିତ୍ୱ ଇନ୍ସପେକ୍ଟର ଦିଲ୍ଲୀପ କୁମାର ସାହୁ ଗ୍ରହଣ କରିଥିଲେ। ସେ ତଦନ୍ତ ଆରମ୍ଭ କରି ମାତ୍ର ୧୧୭ ଦିନ ମଧ୍ୟରେ ଅର୍ଥାତ୍ ୨୦୨୪ ଅଗଷ୍ଟ ୧୩ ତାରିଖରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏହାପରେ ୧୪୭ ଦିନ ପରେ ୨୦୨୫ ଜାନୁଆରୀ ୭ ତାରିଖରେ ଅଦାଲତରେ ଅଭିଯୁକ୍ତ ବିରୋଧରେ ବିଚାର ପାଇଁ ଅଭିଯୋଗ ଫର୍ଦ୍ଦ ବା ଚାର୍ଜ ଫ୍ରେମିଂ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଶ୍ରୀମତୀ ଏସ୍.ଏ. ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ଚାର୍ଜ ଫ୍ରେମିଂ ହେବାର ୬୪୭ ଦିନ ଧରି ଚାଲିଥିବା ଟ୍ରାଏଲ୍‌ରେ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଏବଂ ତଦନ୍ତକାରୀ ଅଧିକାରୀଙ୍କ ତଥ୍ୟ-ପ୍ରମାଣକୁ ତର୍ଜମା କରାଯାଇଥିଲା। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ୨୦୨୬ ଅକ୍ଟୋବର ୧୬ ତାରିଖରେ କେନ୍ଦ୍ରାପଡ଼ା ସେସନ୍ସ ଜଜ୍ ଅଭିଯୁକ୍ତ ବୁଲୁ ବେହେରାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଆଇପିସି ଧାରା ୩୦୨ରେ ଆଜୀବନ କାରାଦଣ୍ଡ ଦିଆଯାଇଥିବାରୁ ଧାରା ୩୨୪ ପାଇଁ ଅଲଗା ଭାବେ କୌଣସି ଦଣ୍ଡ ବିହିତ କରାଯାଇ ନାହିଁ। ଏହି ରାୟ ପରେ ପୀଡ଼ିତଙ୍କ ପରିବାରକୁ ନ୍ୟାୟ ମିଳିଥିବା ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି।

ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ୨୦୨୬ ଅନୁଷ୍ଠିତ

ସୁବର୍ଣ୍ଣପୁର,୨୫/୧୦ (ନି.ପ୍ର): ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ମାନଙ୍କୁ ନେଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ କ୍ରୀଡ଼ା ଉତ୍ସବ ଉତ୍ସାହ - ୨୦୨୬ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଉତ୍ସାହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଦେବାଶିଷ ସିଂହ ଶିଶୁମାନଙ୍କୁ କ୍ରୀଡ଼ା ପ୍ରତି ରୁଚି ରଖିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର, ଶିଶୁ ମଙ୍ଗଳ କମିଟି ଅଧକ୍ଷା ଲିନା ବାବୁ ଯୋଗଦେଇ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କରୁ ଆସିଥିବା ଶିଶୁ ମାନେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡିଆଁ, କେରମ, ଚେଶ୍ ଆଦି ଖେଳରେ ଭାଗ ନେଇଥିଲେ। ସମସ୍ତ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ଅତିଥିମାନେ ମାନପତ୍ର ଓ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ।

କଂଗ୍ରେସର ସାମ୍ବାଦିକ ଓ କର୍ମୀ ସମ୍ମିଳନୀ

ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ଜ୍ଞାନେଶ: ରୋହିତାସ ବୋସୋୟା

ଭଦ୍ରକ, ୨୫/୧୦ (ନି.ପ୍ର): ଭାରତର ଗଣତନ୍ତ୍ରକୁ ବିପଦରେ ପକାଇଥିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସାରାରେ କାର୍ଯ୍ୟ କରୁଥିବା ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ରୋହିତାସ ବୋସେୟା କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେଯେ; ଅବୈଧ ଏସଆଇଆର ବାତିଲ, କଟିଥିବା ସମସ୍ତ ଭୋଟରଙ୍କ ନାମ ତୁରନ୍ତ ଯୋଡ଼ିବା, ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକା ସଂଶୋଧନ, ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କୀତ ଆଇନ ବାତିଲ, ନିର୍ବାଚନ ଆୟୋଗଙ୍କ ସ୍ୱାଧିନତା ଓ ସ୍ୱାୟତତା ସୁନିଶ୍ଚିତ କରିବା ଉଚିତ। ଆନୁପତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ, ନିର୍ବାଚନରେ ଅର୍ଥ ଓ ବାହୁବଳର ପ୍ରଭାବ ବନ୍ଦ, ନିର୍ବାଚନ ପାଇଁ ସରକାରୀ ପାଣ୍ଠିରୁ ଆର୍ଥୀକ ସହାୟତାକୁ ପ୍ରଥମିକତା ଦେବାକୁ ଶ୍ରୀ ବୋସେୟା ଦାବି କରିଥିଲେ। ବିଶେଷକରି ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବିବାଦୀୟ କାର୍ଯ୍ୟ ପାଇଁ ଆଜି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ଭାରତରେ ଏହି ପରମ୍ପରା ବିପଦରେ। କେହି ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। କେହି ବି ଜାଣି ନାହାନ୍ତି ସେମାନଙ୍କ ନାମ ଭୋଟର ତାଲିକାରେ ଥିବ କି ନାହିଁ। ତେଣୁ ଭୋଟର ତାଲିକା ସଂଶୋଧନ ଓ



ଏସଆଇଆରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଜରୁରୀ ବୋଲି ସେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି କହିଥିଲେ। ପିସିସି ଉପ ସଭାପତି ତଥା ଭଦ୍ରକ ଲୋକସଭା ପ୍ରଭାରୀ ଜିଆ ଉଲ ହକ୍, ପିସିସି ସାଧାରଣ ସଂପାଦକ ତଥା ଜିଲ୍ଲା ପ୍ରଭାରୀ ମାନସ ଆଚାର୍ଯ୍ୟ, ପିସିସି ସଂପାଦକ ମହେନ୍ଦ୍ର ଦାସ, ରଂଜିତା ହେମ୍ବ୍ରମ, ଦେବାଶିଶ ମହାପାତ୍ର, ଶୁଭଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ରର ସୁରକ୍ଷା ପାଇଁ ସମ୍ମିଳିତ ସଂଗ୍ରାମର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ସମ୍ବିଧାନର ଅନୁଚ୍ଛେଦ ୩୨୬ ପାଠ କରିବା ସହ ଜାତୀୟ ସଂଗୀତ ଗାନ କରାଯାଇଥିଲା। ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି, ଗୋଲକ ଚନ୍ଦ୍ର ବେହେରା, ଅବଦୁଲ ମୋକିତ ଖାନ, ଦିଗମ୍ବର ଦାସ, ପିତବାସ ଧଳ, ପ୍ରଦ୍ୟୁମ୍ନ କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ଯେନା, ଅଭିଷେକ ରାଉତ, ରଜନୀକାନ୍ତ ଚାନ୍ଦ, ଅଜୟ ସାହୁ, ନିରଂଜନ ପଲେଇ, ଯୁବସଭାପତି ବଳରାମ ରାଉତ, ବିଜୟ ବାରିକ, ସନ୍ଦିପ ଜେନା, ରଜକିଶୋର ପଣ୍ଡା, ଦେବବ୍ରତ ମହାନ୍ତି, ଭରତ ତ୍ରିପାଠୀ, ସରୋଜ ଦାସ, ସରୋଜ ନାୟକ, ସୁବାଶିଶ ମଲ୍ଲିକ, ରମେଶ ଚନ୍ଦ୍ର ନାୟକ, ଶର୍ମିଷ୍ଠା ପଣ୍ଡା, ଅରବିନ୍ଦ ନାୟକ, ବିଦ୍ୟାଧର ଯେନା, ଆଶିଷ କୁମାର ମଲ୍ଲିକ, ଜାନକୀ ମଲ୍ଲିକ, ପ୍ରମିଳା ମାଝୀ, ସୁଶାନ୍ତ ମହାକୁଡ଼, ରାଜୁ ପ୍ରସାଦ ରାୟ, ସୁଶାନ୍ତ ବାରିକ, ବିଜୟ ଶଙ୍କର ମହାନ୍ତି, ଗରେଶ ମଲିକ, ଗୋଲାମ ମହିଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

ତୋରଣ, ଗେଟ୍ ଓ ହୋଡିଂ ହଟାଇବାକୁ ପୂଜାକମିଟି ଅମଙ୍ଗ

କେନ୍ଦ୍ରାପଡ଼ା, ୨୫/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଅସୁରକ୍ଷିତ ଗେଟ୍ ଓ ହୋଡିଂ ହଟାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂଜା କମିଟିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୪୮ ଘଂଟା ମଧ୍ୟରେଏହି ଅସୁରକ୍ଷିତ ଗେଟ୍ ଓ ହୋଡିଂକୁ ହଟାଇବା ପାଇଁ ପୌର ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯାଇଛି। ଜନସାଧାରଣଙ୍କର ଧନ ଜୀବନ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏହି ପଦକ୍ଷେପ ନେଇଛନ୍ତି। ବାତ୍ୟା ସମୟର ପବନ ହେବା ଫଳରେ ଏହି ଗେଟ୍ ଓ ତୋରଣଗୁଡ଼ିକ ପବନ ଦ୍ୱାରା ଓଲଟିବାର ସମ୍ଭାବନା ଥାଏ। ଏହାଦ୍ୱାରା ଅନେକ ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପୂଜା କମିଟିକୁ ୪୮ ଘଂଟା ମଧ୍ୟରେ ଏହାକୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପୂଜା କମିଟି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହି ତୋରଣ ଓ ଗେଟ୍ ନିର୍ମାଣ କରିବା ପାଇଁ ପ୍ରାୟ ୫ଦିନ ଲାଗିଥାଏ। ସମ୍ଭାବ୍ୟ ବାତ୍ୟା ଦୃଷ୍ଟିରୁ ଏହି ଗେଟ୍‌କୁ ଯଦି ଖୋଲାଯାଏ ତେବେ ପୁନର୍ବାର ଏହା ନିର୍ମାଣ କରିବା ସମ୍ଭବପର ହେବ ନାହିଁ। ତେଣୁବିଭିନ୍ନ ପୂଜାକମିଟି ପକ୍ଷରୁଏହିଗେଟ୍ ଓ ହୋଡିଂକୁ ଖୋଲିବା ପାଇଁ ଅମଙ୍ଗ ପ୍ରକାଶ କରିଛନ୍ତି।

ବାତ୍ୟା ମୁକାବିଲା ନିମନ୍ତେ ଖୋରଧା ଜିଲ୍ଲା ପ୍ରଶାସନର ପ୍ରାକ୍ ପ୍ରସ୍ତୁତି ଓ ସମୀକ୍ଷା

ଖୋରଧା , ୨୫/୧୦ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁ ଚାପ ସମ୍ଭାବ୍ୟ ବାତ୍ୟା ରୂପ ନେବା ଭାରତୀୟ ପାଣିପାଗ ବିଭାଗ ର ସଦ୍ୟତମ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଖୋରଧା ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆଭାସିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳମାନେ, ଉପଜିଲ୍ଲାପାଳ ମାନେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବ୍ଲକ ଉନ୍ନୟନ ଅଧିକାରୀମାନେ, ତହସିଲଦାର ମାନେ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପଦକ୍ଷେପ ଗୁଡ଼ିକ ଉପରେ ନ୍ୟସ୍ତ ଦାୟିତ୍ୱ ସମ୍ବନ୍ଧରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଶୂନ୍ୟ ମୃତ୍ୟୁ ହାର ବଜାୟ ନିମନ୍ତେ ଜିଲ୍ଲାପ୍ରଶାସନ ର ଭିଜନ କୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଭାଗ ତତ୍ପରତା ସହ କାର୍ଯ୍ୟ କରିବା ନିମନ୍ତେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଏବଂ ଅଧୀନସ୍ଥ କାର୍ଯ୍ୟାଳୟ ଗୁଡ଼ିକରେ ନିୟନ୍ତ୍ରଣ କକ୍ଷଗୁଡ଼ିକୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ୫୧ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହିତ ଅତିରିକ୍ତ ୩୭୯ଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକର ସୁପରିଚାଳନା ନିମନ୍ତେ ସ୍ଥାନୀୟ ଲୋକ ପ୍ରତିନିଧି ଓ ସ୍ଥାନୀୟ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନେଇ ଆଶ୍ରୟସ୍ଥଳୀ ପରିଚାଳନା କମିଟି ଗଠନ କରାଯାଇଛି। ପାନୀୟ ଜଳ, ପରିମଳ, ବିଦ୍ୟୁତ୍ ଯୋଗାଣ ଏବଂ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ସହ ଆଶ୍ରୟସ୍ଥଳୀଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରାଯାଇଛି। ତଳିଆ ଓ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଥିବାବେଳେ ଆବଶ୍ୟକ ସ୍ଥଳେ, ବିଶେଷକରି ଅସୁରକ୍ଷିତ ସ୍ଥାନ ରେ ରହୁଥିବା ବ୍ୟକ୍ତିମାନଙ୍କୁ ସ୍ଥାନାନ୍ତରଣ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ୮ଟି ମୋଟରଚାଳିତ ଡଙ୍ଗାକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଆବଶ୍ୟକ ପଡ଼ିଲେ ଘରୋଇ ଡଙ୍ଗାଗୁଡ଼ିକୁ ମଧ୍ୟ ନିୟୋଜିତ କରାଯାଇପାରିବ ବୋଲି କୁହାଯାଇଛି। ରାସ୍ତା ଅବରୋଧ ହଟାଇ ଯାତାୟାତ ସ୍ୱାଭାବିକ କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଯାନ୍ତ୍ରିକ ସାଧନଗୁଡ଼ିକୁ ପ୍ରସ୍ତୁତ ରଖାଯାଆଇଛି। ଜଳ ପ୍ରବେଶ, ପଚ୍ଛୁଆ ଜଳପ୍ରବାହ ଏବଂ ଜଳବନ୍ଦୀ ସମସ୍ୟାର ଆଶଙ୍କା ଥିବା ଅଞ୍ଚଳଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକତା ଅନୁଯାୟୀ ଓଡରାଫ ଏବଂ ଅଗ୍ନିଶମ ସେବା ଦଳଗୁଡ଼ିକୁ ଆବଶ୍ୟକ ସ୍ଥାନରେ ମୁତୟନ କରାଯିବ। ୨୩ ଅକ୍ଟୋବର ୨୦୨୬ ତାରିଖର ମହଜୁଦ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ପାଞ୍ଚଟି ଗୋଦାମ/ସଂରକ୍ଷଣ କେନ୍ଦ୍ରରେ ପ୍ରାୟ ୧,୧୨,୫୩୮ କୁଇଣ୍ଟାଲ ଚାଉଳ ମହଜୁଦ ରହିଛି। ଏହା ବ୍ୟତୀତ ରିଲିଫ୍ କାର୍ଯ୍ୟ ପାଇଁ ୨୫୨ କୁଇଣ୍ଟାଲ ଚୁଡ଼ା ଓ ୧୯୭ କୁଇଣ୍ଟାଲ ଗୁଡ଼ ଉପଲବ୍ଧ ରହିଛି। ଜରୁରୀକାଳୀନ ବ୍ୟବହାର ପାଇଁ ଜିଲ୍ଲାରେ ୨,୩୮୩ ପ୍ୟାକେଟ୍ ପଲିଥିନ୍ ମଧ୍ୟ ମହଜୁଦ ଅଛି। ସୁରକ୍ଷିତ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସେବାର ଦ୍ରୁତ ପୁନରୁଦ୍ଧାର, ଦୁର୍ଗମ ଅଞ୍ଚଳରେ ଖାଦ୍ୟଶସ୍ୟ ମହଜୁଦ ରଖିବା ଏବଂ ପଶୁଖାଦ୍ୟ, ପ୍ରାଣୀ ଚିକିତ୍ସା ସେବା ଓ ଗୃହପାଳିତ ପଶୁଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ସ୍ୱାସ୍ଥ୍ୟ ସେବା ପ୍ରସ୍ତୁତିର ଅଂଶସ୍ୱରୂପ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା, ଡାକ୍ତରଖାନା ଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ ଓ ସାପ କାମୁଡ଼ା ପ୍ରତିରୋଧୀ ଔଷଧର ଉପଲବ୍ଧତା ଏବଂ ଜିଲ୍ଲା ଡାକ୍ତରଖାନା ଓ ପ୍ରଭାବିତ ନହୋଇଥିବା ବ୍ଲକଗୁଡ଼ିକରୁ ଜଣେ ଡାକ୍ତର ଓ ଜଣେ ପାରାମେଡିକ୍‌ଙ୍କୁ ନେଇ ମୋବାଇଲ୍ ସ୍ୱାସ୍ଥ୍ୟ ଦଳ ନିୟୋଜନ ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ହେବାର ସମ୍ଭାବ୍ୟ ତାରିଖ ଥିବା ୫୩୯ ଜଣ ଗର୍ଭବତୀ ମହିଳାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି, ଯାହାଦ୍ୱାରା ସେମାନଙ୍କୁ ସମୟୋଚିତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇପାରିବ। ଖୋରଧା ଓ ଜଟଣୀ ପୌରପାଳିକା ଏବଂ ଟାଙ୍ଗୀ, ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଜଳ ନିଷ୍କାସନ ପମ୍ପ, ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳ, ଆଶ୍ରୟସ୍ଥଳୀ ଓ ଯାନବାହନର ଉପଲବ୍ଧତା ସମୀକ୍ଷା କରାଯିବା ସହ ଅସୁରକ୍ଷିତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ସର୍ବଦା ସତର୍କ ରହିବା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବଜାୟ ରଖିବା ଏବଂ ସମସ୍ତ ଦିଗରୁ ଆଗୁଆ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି। ଜନସାଧାରଣଙ୍କୁ ସରକାରୀ ସତର୍କ ସୂଚନା ଓ ପରାମର୍ଶ ପାଳନ କରିବା ସହ ଜନସୁରକ୍ଷା ନିମନ୍ତେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଉଛି।

ବସ୍ତା ବ୍ଲକ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା

ବସ୍ତା , ୨୫/୧୦ (ନି.ପ୍ର): ବସ୍ତା ବ୍ଲକ ଅଞ୍ଚଳରେ ପ୍ରସିଦ୍ଧ ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ ବସ୍ତା ବ୍ଲକ ଅଞ୍ଚଳରେ ସମସ୍ତ ପୂଜା ମଣ୍ଡପରେ ମା'ଙ୍କୁ ସ୍ଥାପନ କରାଯାଇ ଯଥା ରୀତି ନୀତି ଅନୁଯାଇ ପୂଜା ଅର୍ଚ୍ଚନା କରାଯାଉଇଛି। ପୂଜା ମଣ୍ଡପକୁ ରଙ୍ଗୀନ ଆଲୋକମାଳା ଓ ଆକର୍ଷଣିୟ ସାଜସଜ୍ଜାରେ ସମଗ୍ର ବସ୍ତା ବ୍ଲକ ଅଞ୍ଚଳ ନବକଳେବର ଧାରଣ କରିଛି। ଶାନ୍ତି ଶୃଙ୍ଖଳା ନିମନ୍ତେ ପୋଲିସ ମୁତୟନ କରାଯାଇଥିବା ବେଳେ ମା' ଦୁର୍ଗାଙ୍କ ପାର୍ବଣ ପରେ ଗଜଲକ୍ଷ୍ମୀ ପୂଜା ପାଇଁ ଅମର୍ଦାରୋଡ ସାର୍ବଜନୀନ ଲକ୍ଷ୍ମୀ ପୂଜା, ଲକ୍ଷ୍ମୀ ବଜାରର ପୂଜା ଧୂମଧାମର ସହିତ



ପାଳିତ ହେଉଛି।ଅମର୍ଦାରୋଡ ସମେତ ବସ୍ତା ବ୍ଲକ ଅଞ୍ଚଳ ମାଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଛି।୨୦୦୦ ମସିହା ଠାରୁ ଆରମ୍ଭ ହୋଇଥିବା ଅମର୍ଦାରୋଡ ଲକ୍ଷ୍ମୀ ମାର୍କେଟ ପୂଜା ବ୍ୟବସାୟୀ ବନ୍ଧୁମାନେ ମାଙ୍କ ପୂଜା କରି ଆସୁଛନ୍ତି। ଚଳିତ ବର୍ଷ ପୂଜା ମଣ୍ଡପ ସୋଉଛ ତୋରଣ ସହ ରଙ୍ଗ ବେରଙ୍ଗ ଆଲୋକମାଳା ମାଙ୍କର ମୃଣ୍ମୟ ମୂର୍ତ୍ତି ଝଲସି ଉଠୁଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଆକର୍ଷଣୀୟ ତୋରଣ ବିଗତ ବର୍ଷମାନଙ୍କ ଠାରୁ ବେଶ ପ୍ରଶଂସନୀୟ ହୋଇଥିବା ବେଳେ ଅମର୍ଦାରୋଡ ସମେତ ବସ୍ତା ବ୍ଲକର ଗାଁ ମାନଙ୍କରେ ଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି।

ଜିଲ୍ଲା ଘରୋଇ ବସ ମାଲିକ ସଂଘର ପୂର୍ବତନ ସଭାପତି ପୁରୁଷୋତମ ପାଣିଗ୍ରାହୀଙ୍କ ପରଲୋକ

ସୁବର୍ଣ୍ଣପୁର, ୨୫/୧୦ (ନି.ପ୍ର): ସୁବର୍ଣ୍ଣପୁରର ଜଣାଶୁଣା ସମାଜସେବୀ, ପ୍ରତିଷ୍ଠିତ ବ୍ୟବସାୟୀ ତଥା ଜିଲ୍ଲା ଘରୋଇ ବସ ମାଲିକ ସଂଘର ପୂର୍ବତନ ସଭାପତି ପୁରୁଷୋତମ ପାଣିଗ୍ରାହୀଙ୍କ ପରଲୋକ ହୋଇଛି। ସେ ବଲାଙ୍ଗୀର-ସୋନପୁର-ବୌଦ୍ଧ ଜୋନ୍ ବସ୍ ମାଲିକ ସଂଘର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେ ଜଣେ କ୍ରୀଡ଼ାପ୍ରେମୀ ଭାବରେ ସୋନପୁରରେ ବେଶ୍ ପ୍ରସିଦ୍ଧ ଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ସେ ଜଣେ ପରପୋକରୀ ବ୍ୟକ୍ତି ଥିଲେ। ଯିଏ କି ସୋନପୁରର ଭଲିବଲ୍ ଖେଳକୁ ବଂଚାଇ ରଖି ସହରର ପ୍ରତ୍ୟେକ ଖେଳକୁଦରେ ନିଜେ ଖେଳିବା ସହ ଲୋକଙ୍କ ସହିତ ସବୁବେଳେ ଚଳଚଂଚଳ ଥିଲେ। ଜିଲ୍ଲା ବସ ମାଲିକ ସଂଘର ଦୀର୍ଘ ବର୍ଷ ଧରି ନେତୃତ୍ୱ ନେଇଥିଲେ। ଜିଲ୍ଲା କ୍ରୀଡ଼ା ସଂଘର ପରାମର୍ଶ ଦାତା ଥିଲେ। ଖେଳ ପଡ଼ିଆରେ ବସଷ୍ଟାଣ୍ଡ୍ ରେ ଜୀବନ ସାରା ସମୟ ବିତାଇଥିଲେ। ତାଙ୍କର ବୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

ବିସ୍ଥାପିତ କରାଇ ନ ଦେବାକୁ ଗ୍ରାମବାସୀଙ୍କ ସହ ସ୍ୱର ମିଳାଇଲେ ବସ୍ତା ବିଧାୟିକା ସୁବାସିନୀ ଜେନା

ଲଙ୍ଗଳେଶ୍ୱର, ୨୫/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ର ଯମୁନାସୁଳ ଗ୍ରାମରେ ଭିଟାମାଟି ବଞ୍ଚାଅ ସଂଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଅଛି।ସରକାର ଯେତେ ଚେଷ୍ଟା କଲେ ମଧ୍ୟ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ଇଞ୍ଚେ ଜାଗା ଛାଡ଼ିବୁ ନାହିଁ ବୋଲି ରଣ ହୁଙ୍କାର ଦେଇଛନ୍ତି। ଏହି ସଭା ରେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ଗ୍ରାମବାସୀ ଙ୍କ ସହିତ ସ୍ୱର୍ ମିଶାଇ କହିଥିଲେ ସ୍ଥାନୀୟ ଲୋକଙ୍କ ବିନା ପରାମର୍ଶ ରେ ଦିଆସିଲି କାରଖାନା ଟିଏ କରିବାକୁ ଦେବା ନାହିଁ ବୋଲି କହିଥିଲେ। ବାଲିଆପାଳ ଲୋକଙ୍କ ଜୀବନ ଜୀବିକା ଏବଂ ଭିଟା ମାଟି ର ବିପଦ ଆସିଲେ ସଂଗ୍ରାମ ରେ ମୁଁ ଆଗରେ ଥିବି ବୋଲି କହିଥିଲେ। ଏଠାରେ ପ୍ରକାଶ ଥାଉ କି ଯମୁନାସୂଳ ଗ୍ରାମରେ ଥିବା ସରକାରୀ ଜାଗାରେ ଶିଳ୍ପାୟନ ପାଇଁ ସରକାର ସମସ୍ତ ଜାଗାରେ ବିସ୍ଥାପିତ କରି ଇଡକୋ ଅକ୍ତିଆର କରିବ ବୋଲି ବାଲିଆପାଳ ତହସିଲଦାର ନୋଟିସ ଲଗାଇଛନ୍ତି।ଆସନ୍ତା ୨୮ତାରିଖ ସୁଦ୍ଧା ଜବର ଦାଖଲ କରି ଘର କରି ରହିଥିବା ଅଧିବାସୀ ମାନେ ଙ୍କୁ କାହିଁକି ବିସ୍ଥାପିତ ନ କରାଯିବ ଗ୍ରାମବାସୀ ମାନଙ୍କୁ ନୋଟିସ ଦେଇଛନ୍ତି। ସେଥିପାଇଁ ଗ୍ରାମବାସୀ ମାନେ ସଂଗ୍ରାମ ଆରମ୍ଭ କରିଛନ୍ତି। ଗ୍ରାମ ବିସ୍ଥାପିତ ହେଲେ କ୍ଷେପଣାସ୍ତ୍ର ଘାଟି ଆନ୍ଦୋଳନ ପୁନରାବୃତ୍ତି ହେବ ବୋଲି ରଣ ହୁଙ୍କାର ଦେଇଛନ୍ତି। ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ମନ୍ମଥ କୁମାର ଗିରି ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଂଗ୍ରାମ ସଭାରେ କମଳା କାନ୍ତ ଜେନା ପରିଚାଳନା କରିଥିଲେ। କୃତିବାସ ଗିରି,ସନ୍ତୋଷ କୁମାର ଗିରି,ଗଙ୍ଗାଧର ପଡ଼ିଆରି,ଲକ୍ଷ୍ମୀଧର ଜେନା,ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଭାରତକୁ ଭୁବନେଶ୍ୱର...

ଚାଷୀ, ଭୂମିହୀନ ଏବଂ ମହିଳାଙ୍କ ପାଇଁ ତ' ପରିକଳ୍ପନା ବାହାରେ ଥିଲା। ହେଲେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ନୂତନ ଯୁଗ ସାରା ଦେଶରେ ଏହି ପରିଦୃଶ୍ୟକୁ ବଦଳାଇ ଦେଲା ବୋଲି ସେ ଉଲ୍ଲେଖ କରିଥିଲେ । ଆଜି ଭାରତରେ ଡିଜିଟାଲ ବ୍ୟାଙ୍କିଂ ସମସ୍ତଙ୍କୁ ୨୪ ଘଣ୍ଟିଆ ବ୍ୟାଙ୍କ ସେବା ଯୋଗାଇ ଦେଉଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମତବ୍ୟକ୍ତ କରିଥିଲେ। ଆଜି ଡିଜିଟାଲ୍ ବ୍ୟାଙ୍କିଂ ମାଧ୍ୟମରେ ଦେଶର ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ ହିତାଧିକାରୀ ପାଲଟିଛନ୍ତି ବୋଲି ଶ୍ରୀ ମୋଦୀ ଦୃଢ଼ତାର ସହ କହିଥିଲେ। ସେ ଆହୁରି କହିଥିଲେ, ବ୍ୟବସ୍ଥାରେ ଥିବା ସମସ୍ତ ପ୍ରକାରର ବାଟମାରଣାକୁ ଏବେ ବନ୍ଦ କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରତ୍ୟେକ ଟଙ୍କା ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ହିତାଧିକାରୀଙ୍କ ଖାତାରେ ପହଞ୍ଚୁଛି। ଦେଶରେ ଖୋଲାଯାଇଥିବା ପ୍ରାୟ ୬୦ କୋଟି 'ଜନ ଧନ' ଖାତା ଯୋଗୁଁ ହିଁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ, ଆଜି କୌଣସି ବନ୍ଧକ ରଖିପାରୁନଥିବା ବ୍ୟକ୍ତି ମଧ୍ୟ ନିଜର ବ୍ୟବସାୟ ଆରମ୍ଭ କରିବା ଲାଗି ସୁଲଭ ଆନୁଷ୍ଠାନିକ ଋଣ ପାଇପାରୁଛନ୍ତି । ଲକ୍ଷ୍ୟ ଆଧାରିତ ହସ୍ତକ୍ଷେପ ବଳରେ କ୍ଷୁଦ୍ର ଉଦ୍ୟୋଗୀ, ପାରମ୍ପରିକ କାରିଗର, ରାସ୍ତାକଡ଼ ବିକ୍ରେତା ଏବଂ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ସମୃଦ୍ଧ ହେଉଛନ୍ତି। ମୁଦ୍ରା ଯୋଜନା ଅଧୀନରେ ୧୩ କୋଟି ଲୋକ ପ୍ରଥମ ଥର ପାଇଁ ଉଦ୍ୟୋଗୀ ହୋଇଛନ୍ତି। ଲକ୍ଷ ଲକ୍ଷ ରାସ୍ତାକଡ଼ ବିକ୍ରେତା ଏବଂ କୁଶଳୀ କାରିଗର ପିଏମ୍ ସ୍ୱନିଧି ଏବଂ ପିଏମ୍ ବିଶ୍ୱକର୍ମା ମାଧ୍ୟମରେ ଆନୁଷ୍ଠାନିକ ଋଣ ପାଇଛନ୍ତି । ୧୦ କୋଟି ଗ୍ରାମୀଣ ମହିଳାଙ୍କ ପ୍ରତିନିଧିତ୍ୱ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ହଜାର ହଜାର କୋଟି ଟଙ୍କାର ବ୍ୟାଙ୍କ ସହାୟତା ପାଇଛନ୍ତି। ପ୍ରଥମ ଥର ପାଇଁ ଏମାନେ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗର ଲାଭ ପାଇଛନ୍ତି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଡେବିଟ୍ ଏବଂ କ୍ରେଡିଟ୍ କାର୍ଡଗୁଡ଼ିକ ଏକଦା ଧନୀମାନଙ୍କ ପାଇଁ ସ୍ୱତନ୍ତ୍ର ରୂପେ ସଂରକ୍ଷିତ ଥିଲା । ଏବେ ରୂପେ କାର୍ଡ ପ୍ରତ୍ୟେକ ନାଗରିକଙ୍କ ପାଇଁ ଉପଲବ୍ଧ ହୋଇଛି। ଏହା ସେମାନଙ୍କ ଲାଗି ଆତ୍ମସମ୍ମାନ ଏବଂ ସ୍ୱାବଲମ୍ବନର ପ୍ରତୀକ ପାଲଟିଛି। ଏହି ପରିବର୍ତ୍ତନ ପାଇଁ ବ୍ୟାଙ୍କ ସେବା କ୍ଷେତ୍ରର ଅଂଶୀଦାରମାନଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ସେ କେନ୍ଦ୍ରୀୟ ବ୍ୟାଙ୍କ, ବାଣିଜ୍ୟିକ ବ୍ୟାଙ୍କ ଏବଂ ଦେଶବ୍ୟାପୀ ପ୍ରତ୍ୟେକ ବ୍ୟାଙ୍କ କର୍ମଚାରୀଙ୍କ ସାମୂହିକ ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ।

ଆଜିଠୁ ପୂର୍ଣ୍ୟମାସ କାର୍ତ୍ତିକ...

ଚଳିତବର୍ଷ ରାଜ୍ୟରୁ ସର୍ବମୋଟ ୨୫ଶହ ହବିଷ୍ୟାଳୀ ନାମ ପଞ୍ଜୀକରଣ କରାଯାଇଛି। ପ୍ରଶାସନ ପକ୍ଷରୁ ନରେନ୍ଦ୍ରକୋଣ ବୃନ୍ଦାବତୀ ନିବାସ, ରେଳ ବିଭାଗର ଟ୍ୟୁରିଷ୍ଟ ଯାତ୍ରୀ ରହଣି ସ୍ଥଳ ଓ ମହାନଗର କଲ୍ୟାଣୀ ମଣ୍ଡପ ଆଦିରେ ବ୍ରତଧାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ତିନୋଟି ହବିଷ୍ୟାଳୀ ଶିବିରରେ ପଞ୍ଜୀକୃତ ହବିଷ୍ୟାଳୀଙ୍କୁ ରଖିବାପରେ ଯଦି ଖାଲି ରୁହେ ତେବେ ଅନ୍ୟମାନଙ୍କ କଥା ଚିନ୍ତା କରାଯିବ ବୋଲି ପ୍ରଶାସନ କହିଛି। ସେପଟେ ଚଳିତ ବର୍ଷ ହବିଷ୍ୟାଳୀମାନଙ୍କ ପାଇଁ ଦର୍ଶନ, ମହାପ୍ରସାଦ ସେବନ ଓ ଏକାଦଶୀରେ ଫଳ ବଣ୍ଟନର ବ୍ୟବସ୍ଥା କରିଛି ଶ୍ରୀମନ୍ଦିର ପ୍ରଶାସନ। ଚଳିତ ବର୍ଷ ହବିଷ୍ୟାଳୀମାନଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା, ଶ୍ରୀମନ୍ଦିରରେ ସଅଳ ନୀତି ସହ ମହାପ୍ରସାଦ ବ୍ୟବସ୍ଥା ନେଇ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ପାଇଁ ବିଭାଗୀୟ ଅଧିକାରୀ ସମୀକ୍ଷା କରିଛନ୍ତି। ସେପଟେ ନରେନ୍ଦ୍ର ପୁଷ୍କରଣୀରେ ହବିଷ୍ୟାଳୀ ସ୍ନାନ ବେଳାଭୂମିରେ ବାଲୁକା ପୂଜା ସମୟରେ ସୁରକ୍ଷା ବ୍ୟବସ୍ଥା ସହ ଶିବିରରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାକୁ ପୁଲିସ ତରଫରୁ ଗୁରୁତ୍ୱ ଦିଆଯାଇଛି। ପଞ୍ଚୁକ ସମୟରେ ପ୍ରବଳ ଭକ୍ତଙ୍କ ଭିଡ଼ ହେବା ଆଶଙ୍କା ଥିବାରୁ ସେହି ସମୟରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ। ଶ୍ରୀକ୍ଷେତ୍ରରେ ଏତେ ସଂଖ୍ୟାକ ହବିଷ୍ୟାଳୀ ଏକ ମାସ ଧରି ବ୍ରତ ପାଳନ କରିବେ। ସେମାନଙ୍କ ସୁରକ୍ଷା ଓ ବ୍ୟବସ୍ଥାକୁ ନେଇ ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଛି।

ଗଞ୍ଜାମରେ ବୀଭତ୍ସ ...

ଖବର ପାଇ କେ. ନୂଆଗାଁ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆକ୍ରମଣ ପଛରେ ପୂର୍ବଶତ୍ରୁତା ଥିବା କୁହାଯାଉଥିବା ବେଳେ ଘଟଣାର ପ୍ରକୃତ କାରଣ ଓ ଆକ୍ରମଣକାରୀଙ୍କ ସମ୍ପର୍କରେ ପୁଲିସ ତଦନ୍ତ ପରେ ଅଧିକ ତଥ୍ୟ ସ୍ପଷ୍ଟ ହେବ।

ଛାତ୍ର ଆନ୍ଦୋଳନକୁ ନେଇ...

ତେବେ ପ୍ରତିବାଦରେ ସାମିଲ ଛାତ୍ରଛାତ୍ରୀମାନେ ଏହି ସ୍ଲୋଗାନ୍ ସହ ସେମାନଙ୍କର କୌଣସି ସମ୍ପର୍କ ନଥିବା କହିଛନ୍ତି। ଛାତ୍ର ଅରମାନ ମଲିକ କହିଛନ୍ତି, "ମୋ ହଷ୍ଟେଲ୍ ଏଠାରେ ଅଛି। କିନ୍ତୁ ଓଉ କାର୍ଡ ଥିବା ସତ୍ତ୍ୱେ ମୋତେ ଭିତରକୁ ଯିବାକୁ ଦିଆଯାଉନାହିଁ। ଏବେ ଲଞ୍ଚ ସମୟ, ଆମେ ଖାଇବା ପାଇଁ କେଉଁଠି ଯିବୁ ? ମୋର ସ୍ୱାସ୍ଥ୍ୟ ଖରାପ ଅଛି, କିନ୍ତୁ ମୋତେ ହେଲ୍ଥ କେୟାର ସେଣ୍ଟରକୁ ମଧ୍ୟ ଯିବାକୁ ଦିଆଯାଉନାହିଁ।" ଅନ୍ୟ ଜଣେ ଛାତ୍ର କହିଛନ୍ତି, "ଏହି କାରଣରୁ ଆମେ ଛାତ୍ର ସଂଘ ଦାବି କରୁଛୁ। ଯଦି ଛାତ୍ର ସଂଘ ଥାଆନ୍ତା, ତେବେ ଆମ ସମସ୍ୟା ଉଠାଯାଇପାରିଥାନ୍ତା ଏବଂ ଆମକୁ ହଷ୍ଟେଲ୍ ସୁବିଧା ମିଳିପାରିଥାନ୍ତା।"ଛାତ୍ର ମହମ୍ମଦ ଆର୍ଯ୍ୟନ କହିଛନ୍ତି ଯେ ତାଙ୍କୁ ହଷ୍ଟେଲ୍ ମିଳିନାହିଁ। କ୍ୟାମ୍ପସ ଭିତରେ ଜରୁରୀକାଳୀନ ଚିକିତ୍ସା ସୁବିଧା ଥିବା ସତ୍ତ୍ୱେ ସେଠାକୁ ମଧ୍ୟ ଯିବାକୁ ଦିଆଯାଉନଥିବା ସେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗ, "ଆମ ସହ ଏପରି ବ୍ୟବହାର କରାଯାଉଛି, ଯେପରି ଆମେ ଆତଙ୍କବାଦୀ। ଗାର୍ଡମାନେ ଆମକୁ 'ଜିହାଦୀ' ବୋଲି କହୁଛନ୍ତି। ଆମର ଜଣେ ସାଙ୍ଗ ଭିତରେ ଅଛନ୍ତି, କିନ୍ତୁ ତାଙ୍କୁ ବାହାରକୁ ଆସିବାକୁ ଦିଆଯାଉନାହିଁ।" ମହିଳା ଛାତ୍ରୀମାନେ ମଧ୍ୟ ଅଭିଯୋଗ କରିଛନ୍ତି ଯେ ମେଡିକାଲ୍ ଏମର୍ଜେନ୍ସି ସମୟରେ ମଧ୍ୟ ସେମାନଙ୍କୁ ହସ୍ପିଟାଲ୍ ଯିବାକୁ ଦିଆଯାଉନାହିଁ। ଆଇଡି କାର୍ଡ ଥିବା ସତ୍ତ୍ୱେ ହଷ୍ଟେଲ୍ ଭିତରକୁ ପ୍ରବେଶ କରିବାରୁ ରୋକାଯାଉଥିବା ସେମାନେ କହିଛନ୍ତି। ଅନ୍ୟ ଜଣେ ଛାତ୍ରୀ କହିଛନ୍ତି, "ଏହା ଆମର ବିଶ୍ୱବିଦ୍ୟାଳୟ ଏବଂ ଆମର ହଷ୍ଟେଲ୍ ମଧ୍ୟ ଏଠାରେ। ତଥାପି ଆମେ ନିଜ ହଷ୍ଟେଲକୁ ଯାଇପାରୁନାହୁଁ। କିଛି ସମୟ ପୂର୍ବରୁ ଆମକୁ ଭିତରକୁ ଯିବାକୁ ଦିଆଯାଉଥିଲା।" ଛାତ୍ର ସଂଘ ନିର୍ବାଚନ ପୁନଃଆରମ୍ଭ କରିବା ଦାବିରେ ଏହି ପ୍ରତିବାଦ ଚାଲିଛି। ହଷ୍ଟେଲ୍ ?ରେ ପ୍ରବେଶ କରିବାକୁ ଅନୁମତି ନମିଳିବା ନେଇ ଛାତ୍ରଛାତ୍ରୀଙ୍କ ଅଭିଯୋଗ ଜାରି ରହିଛି। ଏହା ସହ ମେଡିକାଲ୍ ଏମର୍ଜେନ୍ସି ଏବଂ ହେଲ୍ଥ କେୟାର ସେଣ୍ଟର ପର୍ଯ୍ୟନ୍ତ ପହଞ୍ଚିବାରେ ସମସ୍ୟା ହେଉଥିବା ଅଭିଯୋଗ ମଧ୍ୟ ହୋଇଛି। ସୁରକ୍ଷାକର୍ମୀଙ୍କ ବ୍ୟବହାରକୁ ନେଇ ମଧ୍ୟ ଛାତ୍ରଛାତ୍ରୀମାନେ ଅଭିଯୋଗ ଉଠାଇଛନ୍ତି।

ମୋଦୀଙ୍କ ବାପାଙ୍କୁ ନେଇ...

ଖଡ଼ଗେଙ୍କ ଏଭଳି ଭାଷାକୁ ନେଇ ବିଜେପି ନେତାମାନେ କଂଗ୍ରେସକୁ ଘେରିବା ସହ କ୍ଷମା ମାଗିବାକୁ ଦାବି କରିଛନ୍ତି । ଖଡ଼ଗେଙ୍କ ମନ୍ତବ୍ୟକୁ ନିନ୍ଦା କରି ବିଜେପି ସାଂସଦ ସମ୍ବିତ ପାତ୍ର କଂଗ୍ରେସ ନେତୃତ୍ୱକୁ ଟାର୍ଗେଟ୍ କରିଛନ୍ତି । ଏହା କେବଳ ଖଡ଼ଗେଙ୍କ ଭାଷା ନୁହେଁ, ବରଂ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ଭାଷା ବୋଲି ସେ ଅଭିଯୋଗ କରିଛନ୍ତି । କଂଗ୍ରେସର ରାଜନୈତିକ ହତାଶା ଏଭଳି ମନ୍ତବ୍ୟରୁ ପ୍ରତିଫଳିତ ହେଉଥିବା ମଧ୍ୟ ସମ୍ବିତ ପାତ୍ର କହିଛନ୍ତି। ଏହି ବିବାଦକୁ ନେଇ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଖଡ଼ଗେ ଓ ରାହୁଲ ଗାନ୍ଧୀଙ୍କୁ କ୍ଷମା ମାଗିବାକୁ କହିଛନ୍ତି । ମୋଦୀଙ୍କ ପିତାଙ୍କୁ ନେଇ ଏଭଳି ଭାଷା ପ୍ରୟୋଗ କରିବା ଅନୁଚିତ ବୋଲି ବିଜେପି ପକ୍ଷରୁ କୁହାଯାଇଛି । ଏବେ ଏହି ପ୍ରସଙ୍ଗକୁ ନେଇ ଉଭୟ ଦଳ ମଧ୍ୟରେ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜୋର ଧରିଥିବା ବେଳେ ଖଡ଼ଗେଙ୍କ ମନ୍ତବ୍ୟ ଆଗକୁ ଆହୁରି ବିବାଦ ସୃଷ୍ଟି କରିବାର ଆଶଙ୍କା ରହିଛି ।

ବିଜେଡ଼ି ସୁପ୍ରିମୋଙ୍କୁ ଭେଟିଲେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ନିର୍ବାଚିତ ବିସିଜେଡ଼ି ପ୍ରାର୍ଥୀ



ଭଦ୍ରକ , ୨୫/୧୦ (ନି.ପ୍ର): ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ନିର୍ବାଚିତ ବିସିଜେଡ଼ି ଲଢ଼ୁଆ ଛାତ୍ର ନେତୃତ୍ୱ ସାଥିରେ ବିଜୁ ଜନତା ଦଳର ଭଦ୍ରକ ଜିଲ୍ଲା ସଭାପତିଙ୍କ ସମେତ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଭଣ୍ଡାରିପୋଖରୀ ବିଧାୟକ:-ସଂଜୀବ୍ କୁମାର ମଲ୍ଲିକଙ୍କ ସମେତ ଭଦ୍ରକ ଜିଲ୍ଲା ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି,ଭଦ୍ରକ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତିଙ୍କ ସମେତ ଛାମୁଆ ସଂଗଠନ ଯୁବ ନେତୃତ୍ୱ ନିର୍ବାଚିତ ସଭାପତି ସମ୍ପାଦକଙ୍କ ସମେତ ବିସିଜେଡ଼ି ସମସ୍ତ ସଂଗ୍ରାମୀ ସଂଗଠକ ଉପସ୍ଥିତ ଥିବା ବେଳେ ସମସ୍ତ ନିର୍ବାଚିତ ଛାତ୍ର ନେତୃତ୍ୱଙ୍କୁ ବିଜେଡ଼ି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି।

ସୋମବାର, ଅକ୍ଟୋବର ୨୬, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବାରିପଦାରେ ହେଣ୍ଡଲୁମ ଓ ହେଣ୍ଡିକ୍ରାଫ୍ଟ ମେଳା ଉଦ୍‌ଘାଟିତ : ଗୋଟିଏ ଛାତ ତଳେ ମିଳୁଛି ବିଭିନ୍ନ ରାଜ୍ୟର ସାମଗ୍ରୀ



ବାରିପଦା , ୨୫/୧୦ (ନି.ପ୍ର): ବାରିପଦାର ଐତିହାସିକ ଛଉ ପଡିଆ ନିକଟସ୍ଥ କଲେଜ ଗ୍ରାଉଣ୍ଡ ରେ ଭାରତୀୟ ହେଣ୍ଡିକ୍ରାଫ୍ଟ ହେଣ୍ଡଲୁମ ମେଳା ଆଜି ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଏଠାରେ ଓଡ଼ିଶାର ପ୍ରସିଦ୍ଧ ସମ୍ବଲପୁରୀ ଶାଢ଼ି, ସୋନପୁରୀ ପାଟଶାଢ଼ି, ନୂଆପାଟଣାର ଖଣ୍ଡୁଆ ପାଟ, ବମକାଇ ଶାଢ଼ି, ବରଗଡ଼ ପଶାପାଲି ଶାଢ଼ି, ନବକୋଠୀ ଶାଢ଼ି ସହ ଜମ୍ମୁ ଓ କାଶ୍ମୀର, ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡ଼ୁ, କର୍ଣ୍ଣାଟକ, ତେଲେଙ୍ଗାନା, ଆସାମ, ପୁଡୁଚେରୀ ଭଳି ବିଭିନ୍ନ ରାଜ୍ୟର ହେଣ୍ଡିକ୍ରାଫ୍ଟ ଏବଂ ହେଣ୍ଡଲୁମ ଦ୍ରବ୍ୟର ମେଳା ଲାଗିଛି । ଆଜିର ଉଦଘାଟନୀ ଉତ୍ସବରେ ଅତିଥି ଭାବରେ ବାରିପଦା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, ୧ନମ୍ବର ୱାର୍ଡ କାଉନସିଲର ସୁକେଶିନୀ ସେଠୀ, ରେଡ଼କ୍ରସର ଆଜୀବନ ସଦସ୍ୟ ସମାଜସେବୀ ଅମର କୁମାର ସେଠୀ ପ୍ରମୁଖ ଯୋଗଦେଇ ମେଳାକୁ ଉଦଘାଟନ କରିବା ସହିତ ବିଭିନ୍ନ ରାଜ୍ୟର ଷ୍ଟଲ ଗୁଡିକ ପରିଦର୍ଶନ କରି ଗୋଟିଏ ଛାତ ତଳେ ବିଭିନ୍ନ ରାଜ୍ୟର ସାମଗ୍ରୀ ମିଳୁଥିବାରୁ ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ ।

ଅଡୁଆଁରେ କୁମାର ପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ଅନୁଷ୍ଠିତ

ବାସୁଦେବପୁର, ୨୫/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଅଡୁଆଁ ପଞ୍ଚାୟତରେ କୁମାର ପୂର୍ଣ୍ଣିମା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସମାଜସେବୀ ପର୍ଶୁରାମ ବାରିକ, ବିନୟ ବାରିକ୍, ମମତା ବାରିକ୍, ଗୀତାଞ୍ଜଳି ବାରିକ୍,ତପସ୍ୱିନୀ ବାରିକ୍, ମାନସୀ ସ୍ୱାଇଁ, ଆଶା ମଲିକ୍, ପୀୟୁଷ କୁମାର ବାରିକ୍,ସତ୍ୟଭାମା ବାରିକ୍, ମହେଶ୍ୱର ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ । ଏହି ଉତ୍ସବରେ ତୁଳସୀ ଚଉରାରେ ଝିଅ ପିଲା ମାନେ ଖୁବ୍ ସୁନ୍ଦର ମୁରୂଜ ପକାଇ ବିଭିନ୍ନ ଆକର୍ଷଣୀୟ ଚିତ୍ର ଆଙ୍କିଥିଲେ । ପୂଜା ପାଠ ଓ ବନ୍ଦାପନା ପରେ କୁମାରୀ ଝିଅ ମାନେ ନୂତନ ବସ୍ତ୍ର ପିନ୍ଧି ଥିଲେ । ଓଡ଼ିଶାର ପରମ୍ପରା ଓ ଐତିହ୍ୟ ସଂସ୍କୃତିକୁ ଏହି ଅବସରରେ



ସମସ୍ତେ ମନେ ପକାଇ ଥିଲେ । ଗ୍ରାମାଞ୍ଚଳରେ ଏହି କୁମାର ପୂର୍ଣ୍ଣିମା ଉତ୍ସବରେ ଝିଅ ପିଲା ମାନେ ଗୁରୁଜନ ମାନଙ୍କୁ ଆଜିର ଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କୁ ପ୍ରଣାମ କରିଥିଲେ । ଏହି ଆକର୍ଷଣୀୟ କୁମାର ପୂର୍ଣ୍ଣିମା ଉତ୍ସବ ବାସୁଦେବପୁର ବ୍ଲକ ରେ ଏକ ନିଆରା ପରମ୍ପରା ମଧ୍ୟରେ ଖୁବ୍ ସୁନ୍ଦର ଭାବରେ ପାଳିତ ହୋଇ ଯାଇଛି । ଏହି ଅବସରରେ ସମସ୍ତ ଗ୍ରାମ ବାସୀ ମାନଙ୍କୁ ଭୋଗ ଓ ପ୍ରସାଦ ବଣ୍ଟନ କରା ଯାଇଥିଲା । ଜହ୍ନ ରାତିରେ କଇଁ ଫୁଲରେ ବଡ ଘର ଚିତ୍ର କରା ଯାଇଥିଲା । ଏହି ଉତ୍ସବରେ ସମସ୍ତେ ହସ ଖୁସି ଓ ଆନନ୍ଦରେ ଏକତ୍ର ହୋଇ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ ।

ମା’ ଭଦ୍ରକାଳୀ ପୀଠରେ ପାଳନ ହେବ ମହାଯଜ୍ଞର ରୌପ୍ୟ ଜୟନ୍ତୀ ଉତ୍ସବ: ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ନେଇ ସୂଚନା

ଭଦ୍ରକ, ୨୫/୧୦ (ନି.ପ୍ର): ମା’ ଭଦ୍ରକାଳୀ ପୀଠରେ ଏଥରକ ମହାଯଜ୍ଞର ରୌପ୍ୟଜୟନ୍ତୀ ପାଳନ କରାଯିବ । ଏଥିଲାଗି ବେଶ କିଛିଦିନ ହେବ ଚାଲିଥିବା ପ୍ରସ୍ତୁତି ପର୍ବ ଚୂଡାନ୍ତ ହୋଇଛି । ଆଜି ପୀଠରେ ମାର୍ଗଦର୍ଶକ ମଣ୍ଡଳୀର ବୈଠକ ଆୟୋଜନ କରାଯିବା ସହ ଚୂଡାନ୍ତ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦିଆଯାଇଛି । ତେବେ ପୀଠରେ ଚଳିତ ବର୍ଷ ମହାଯଜ୍ଞର ରୌପ୍ୟ ଜୟନ୍ତୀ (୨୫ ବର୍ଷ ପୂର୍ତ୍ତି) ନଭେମ୍ବର ୮ ରୁ ୧୪ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପି ପାଳନ କରାଯିବ ବୋଲି କମିଟି ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ମହାଯଜ୍ଞର ପ୍ରଥମ ଦିନରେ ମାନସିକଧାରୀ ଭକ୍ତ ମାନେଙ୍କ ଦ୍ୱାରା ମହାକୁମ୍ଭ ଶୋଭାଯାତ୍ରା ଅନୁଷ୍ଠିତ ହେବ । ମହାଯଜ୍ଞର ତୃତୀୟ ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ମାର୍ଗ ଦର୍ଶନରେ କାଶୀ, ବୃନ୍ଦାବନ, ଅଯୋଦ୍ଧା ପଣ୍ଡିତ ଙ୍କ ଦ୍ୱାରା ଧାର୍ମିକ ପୀଠର ସାଧୁ, ସନ୍ଥ ଓ ମହନ୍ତଙ୍କ ଦ୍ୱାରା ଆରତୀ କରାଯିବ । ପୀଠ ରେ ଶିବ ରତ୍ନ ମଣି ସ୍ଥାପନ କରାଯିବ ଭକ୍ତ ମାନେ ଶିବ ଙ୍କୁ ଦର୍ଶନ କରି ଶିବା ଯିଏ ମା ଭଦ୍ରକାଳୀ ତାଙ୍କୁ ଦର୍ଶନ କଲେ ଭକ୍ତ ର ମଙ୍ଗଳ ହେବ । ଆହୁରି ମଧ୍ୟ ନାରାୟଣ ଙ୍କ ପ୍ରିତ୍ୟର୍ଥେ ଇଣ୍ଡୋନେସିଆ ର ଦୁର୍ଲଭ ଗୋମତୀ ଚକ୍ର ପୀଠ ରେ ସ୍ଥାପନ ହେ୍ବ ଯାହା ଭକ୍ତ ମାନେ ସାତ ଦିନ ଧରି ଦର୍ଶନ ପାଇବେ । ଗଗନ ଗୁରୁଜୀ ଙ୍କ ମାର୍ଗ ଦର୍ଶନ ରେ ଯଜ୍ଞ କମିଟି ଦ୍ୱାରା ଦିବ୍ୟ ମହକୁମ୍ଭ ଶୋଭାଯାତ୍ରା କରାଯାଇଚି । ମାନସିକ କଳସ ଶୋଭା ଯାତ୍ରା ମନ୍ଦିର ନିକଟକୁ ମାନସିକ ଧାରୀ ଭକ୍ତ ମାନେ ଫେରିବା ପରେ ଭଦ୍ରକାଳୀ ପୀଠ ର ଯଜ୍ଞ ର ବାର୍ତ୍ତା କୁ ଦୁର ଦୂରାନ୍ତ ଦେଶ ଦେଶ ରେ



ପ୍ରଚାର କରିବା ନିମନ୍ତେ ବାର୍ତ୍ତା ବାହକ ରୁପେ ଶୁଭ ବିହଙ୍ଗ ଦୁଇ ଟି ପ୍ରେରଣ କାରାଯିବ । ଏହା ଅତ୍ୟନ୍ତ ଅଦ୍ଭୁତ ଓ ଆଶ୍ଚର୍ଯ୍ୟ ଜନକ । ପୀଠରେ ସପ୍ତଦିବସ ବ୍ୟାପି ଭାଗବତ ପାଠ, ପ୍ରବଚନ, ସପ୍ତଶତି ଚଣ୍ଡୀ ପାଠ, ରୁଦ୍ରାଭିଷେକ, ଗୀତାଯଜ୍ଞ ଆୟୋଜନ ସହ ମା’ଙ୍କୁ ସପ୍ତମାତୃକା ବେଶରେ ଭକ୍ତ ଦର୍ଶନ କରି କରିବେ । ପ୍ରତି ସନ୍ଧ୍ୟାରେ ପ୍ରବଚନ, ପାଲା, ଭଜନ ସନ୍ଧ୍ୟା, ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଂଗୀତ, ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । କୃଷ୍ଣଚନ୍ଦ୍ର ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମାର୍ଗଦର୍ଶକ ମଣ୍ଡଳୀ ବୈଠକରେ ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଶେଖର ମହାପାତ୍ର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଡାକ୍ତର ପ୍ରଦିପ ନାୟକ, ଭାସ୍କର ଚନ୍ଦ୍ର ସାହୁ, ହେମନ୍ତ ପାଢୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ଭଦ୍ରକାଳୀ ପୀଠକୁ ରାସ୍ତା ନିର୍ମାଣ, ମହାଯଜ୍ଞ ଓ ପୂଜା ପରିଚାଳନାରେ ବ୍ୟବସ୍ଥା, ମନ୍ଦିର ସୁରକ୍ଷା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ରଖୁଥିଲେ । ଅରବିନ୍ଦ ଦୀକ୍ଷିତ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବାଇଧର ସାହୁ, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ସଦାନନ୍ଦ ଦୀକ୍ଷିତ ଦରଧର ଦୀକ୍ଷିତ, ଜ୍ଞାନ ପ୍ରକାଶ ପାଣି, ଦୁର୍ଗା ବିଶ୍ୱାଳ, ମଧୁସୂଦନ ଦୀକ୍ଷିତ, ମନ୍ଦର୍ ଧର ଦୀକ୍ଷିତ, ଅନୁଗ୍ରହ ଦୀକ୍ଷିତ, ପଞ୍ଚାନନ ଦୀକ୍ଷିତ ସୁଶାନ୍ତ ପଣ୍ଡା, କୃଷ୍ଣ ପ୍ରସାଦ ଦୀକ୍ଷିତ ଓ ଅନ୍ୟାମାନେ ମତାମତ ରଖିଥିଲେ ।

କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଅବସରରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୨୫/୧୦ (ନି.ପ୍ର): ପବିତ୍ର କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୋସିଆଲ ମିଡିଆ ପୋଷ୍ଟରେ ପବିତ୍ର କୁମାରୋତ୍ସବ ଓ ଗଜଲକ୍ଷ୍ମୀ ପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟପକ୍ଷରେ, ସମ୍ବଲପୁର ସାଂସଦ ଶ୍ରୀ ପ୍ରଧାନ ପବିତ୍ର ଗଜଲକ୍ଷ୍ମୀ ପୂଜା ଓ କୁମାର ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି ।

ନଭେମ୍ବର ୧୪ରେ ପିଏମ ଶ୍ରୀ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖୁଆଡ଼ ସୁବର୍ଣ୍ଣ ଜୟନ୍ତୀ ଚତୁର୍ଦ୍ଦଶ ସ୍ମାରକୀ ଉତ୍ସବ

ଜଳେଶ୍ୱର , ୨୫/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରାଇବଣିଆ ଅଂଚଳର ସର୍ବ ପୁରାତନ ୧୯୫୫ ମସିହାରେ ଫକୀରମୋହନ ପାତ୍ରଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିବା ଏହି ଚାଳ ଛପର ଘର କାଳକ୍ରମେ ଆଜି ବଡ ବଡ଼ ଅଟାଳିକାରେ ପରିପୂର୍ଣ୍ଣ ହୋଇ ପାରିଛି ପି ଏମ ଶ୍ରୀ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖୁଆଡ଼ ଆଜିର ଦିନରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରୀଣୀ ପର୍ଯ୍ୟନ୍ତ ୫୫୫ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି ଓ ଚଳିତ ୨୦୨୬-୨୭ ବର୍ଷ ଠାରୁ +୨ କଳାରେ ୧୨୮ ସିଟରେ ଛାତ୍ର ଛାତ୍ରୀଙ୍କ ପାଇ ମଧ୍ୟ ନାମଲେଖାର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଉଛି ଓ ସେହି ନୂତନ +୨ କଳାରେ ଶିକ୍ଷା ଦାନ ପାଇ ଭିତ୍ତି ଭୂମିର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ



ପର୍ଯ୍ୟୟରେ ୧ କୋଟି ୮୬ ଲକ୍ଷ ୫୫ ହଜାର ଟଙ୍କା ଅନୁ ମୋଦନ ଆସିଅଛି । ତେଣୁ ଏହି ବିଦ୍ୟାଳୟକୁ ଆହୁରି କିପରି ଭାବରେ ଆଦର୍ଶ ବିଦ୍ୟାଳୟ ଭାବରେ ପରିଗଣିତ ହୋଇ ପାରିବ ସେ ନେଇ ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ପୁରାତନ ଛାତ୍ର ସଂସଦର ସମସ୍ତ ସଭ୍ୟ ସଭ୍ୟା ପ୍ରଚେଷ୍ଟା ଜାରି ରଖିଛନ୍ତି । ଛାତ୍ର ସଂସଦ ପି.ଏମ୍.ଶ୍ରୀ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଖୁଆଡ଼ ଆଡ଼ ପ୍ରତିବର୍ଷ ଭଳି ଚଳିତ ବର୍ଷ ନଭେମ୍ବର ୧୪ ତାରିଖରେ “ସୁବର୍ଣ୍ଣ ଜୟନ୍ତୀ ଚତୁର୍ଦ୍ଦଶ ସ୍ମାରକୀ” ପାଳନ୍ ସମ୍ବନ୍ଧରେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବା ସହିତ ଏହି ବିଦ୍ୟାଳୟରେ ଅଧ୍ୟୟନ କରିଥିବା ସମସ୍ତ ଛାତ୍ର ଛାତ୍ର ମାନେ ସେହି ବିଦ୍ୟାଳୟ ପ୍ରତି ଭଲ ପାଇବା ଓ ବନ୍ଧୁ, ଶିକ୍ଷକ, ଗୁରୁ ଶିଷ୍ୟ ମଧ୍ୟରେ ଥିବା ସ୍ମୃତିକୁ ଉଜ୍ଜୀବିତ କରି ରଖିବାକୁ ସଦା ସର୍ବଦା ପ୍ରଚେଷ୍ଟା ଜାରି ରଖିବା ପ୍ରୟାସକୁ ପ୍ରତିବର୍ଷ ସ୍ମାରକୀ ଦିବସ ରୂପରେ ପାଳନ କରାଯାଇ ଥାଏ । ଆଜିର ଏହିବୈଠକରେ ଅଧ୍ୟକ୍ଷତା କରିଥିଲେ ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀଯୁକ୍ତ ନ୍ଦ୍ରମୋହନ କାପୁଡି,ସଂଗଠନର ସଭାପତି ବିଧାୟକ ଅଶ୍ୱିନୀ କୁମାର ପାତ୍ର, କାର୍ଯକାରୀ ସଭାପତି ବଳରାମ ଦାସ, ଗଣେଶ୍ୱର ହୁଇଁ, ସମ୍ପାଦକ ଲଲାଟେନ୍ଦୁ କେଶରୀ ଜେନା, କୋଷାଦକ୍ଷ ଅନନ୍ତ ମହାନ୍ତି, ପରିଚାଳନା କମିଟିର ସଭାପତି ଜଗନ୍ନାଥ ସାହୁ, ପୁରାତନ ଛାତ୍ର ଶିବ ଶଙ୍କର ସାହୁ, ବିଭୁତି ପାତ୍ର, ହରିଶଚନ୍ଦ୍ର ମହାନ୍ତ, ବରେନ୍ଦ୍ର ପାତ୍ର, କେଦାର ପାଳ, ରାଜେନ୍ଦ୍ର ମୁର୍ମୁ, ନାରାୟଣ ପାଇକରାୟ, ଦୀନକୃଷ ପାତ୍ର, ବରେନ୍ଦ୍ର ମହାନ୍ତି, ବନବିହାରୀ ହାତୀ, କେଦାର ପାତ୍ର, ସଞ୍ଜୟ ବାରିକ, ସୁଜୟ ନନ୍ଦୀ, ମାଧବ ପାତ୍ର ପ୍ରମୁଖ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ଉତ୍ସବ ପାଳନର ସୁଚିନ୍ତିତ ପରାମର୍ଶ ପ୍ରଦାନ ପ୍ରଦାନ କରିଥିଲେ ।

ସମାଜସେବୀଙ୍କ ସ୍ମୃତି ସଭା



ଭଣ୍ଡାରିପୋଖରି , ୨୫/୧୦ (ନି.ପ୍ର): ଏହି ବ୍ଲକ ଅନ୍ତର୍ଗତ ସରଦପୁରର ସମାଜସେବୀ ସୁଶୀଲ କୁମାର ଦାସଙ୍କ ଏକାଦଶାହରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ନାଟ୍ୟକାର ଅରୁଣ ବାରିକଙ୍କ ସଭାପତିତ୍ୱରେ ଅତିଥିଭାବେ ବିଧାୟକ ସଂଜୀବ କୁମାର ମଲ୍ଲିକ,ନାଟ୍ୟକାର ସୁଧାଂଶୁ ଶେଖର ନାୟକ,ରବୀନ୍ଦ୍ର କୁମାର ନନ୍ଦ, ଅକ୍ଷୟ କୁମାର ମହାନ୍ତି, ବିକାଶ କୁମାର ସାମଲ, ଡା ନିରଞ୍ଜନ ଓଝା, କୈଳାଶ ଜେନା,ଗୟାଧର ସାହୁ, ପୁରୁଷୋତ୍ତମ ଧଳ, ଲକ୍ଷ୍ମୀଧର ସାହୁ, ସୀତାକାନ୍ତ ଜେନା, ନୃସିଂହ ଚାରଣ ମଲ୍ଲିକ, ଜଗବନ୍ଧୁ ରାଉତ, ଭାସ୍କର ଚନ୍ଦ୍ର ଉପାଧ୍ୟାୟ, ଜୟଦେବ ସେନାପତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସରଳ ଜୀବନ ଚର୍ଯ୍ୟା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ ।ସୁନୀଲ କୁମାର ଦାସ କୃତଜ୍ଞତା ଜଣାଇଥିଲେ ।

ଜ୍ଞାନେଶ ଗାଦି ନ ଛାଡିବା ଯାଏଁ ଆନ୍ଦୋଳନ ଜାରି ରହିବ : ରୋହତାସ



ବାଲେଶ୍ୱର, ୨୫/୧୦ (ନି.ପ୍ର): ଭାରତର ମୁଖ୍ୟ ନିର୍ବାଚନ କମିଶନର ପଦବୀରୁ ଜ୍ଞାନେଶ କୁମାର ଇସ୍ତଫା ନ ଦେବା ପର୍ଯ୍ୟନ୍ତ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ଆନ୍ଦୋଳନ ଜାରି ରହିବ ବୋଲି ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ରୋହତାସ ବଶୋୟା ମତବ୍ୟକ୍ତ କରିଛନ୍ତି ।ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଶୋୟା ଉପରୋକ୍ତ ବକ୍ତବ୍ୟ ରଖିବା ସହ ଭୋଟ ବଞ୍ଚାଅ-ଦେଶ ବଞ୍ଚାଅ ପାଇଁ ଆହ୍ୱାନ ଦେଇଥିଲେ । ଏସ.ଆଇ.ଆର ଜରିଆରେ ଭାରତର ୧୩ କୋଟି ମତଦାତାଙ୍କ ମତଦାନ ଭଳି ମୌଳିକ ଅଧିକାରକୁ ଛଡାଇ ନିଆଯାଇଛି । ଏବେ ତମାମ ଦେଶବାସୀ ଏହା ବିରୋଧରେ ସ୍ୱର ଉଠାଇବାର ସମୟ ଆସିଛି ବୋଲି ଶ୍ରୀ ବାଶୋୟା କହିଥିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟଶିବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଉପ ସଭାପତି ତଥା ବାସୁଦେବପୁରର ବିଧାୟକ ଅଶୋକ ଦାସ, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ବାଙ୍କନିଧି ବେହେରା ଓ ମାନସ ଆଚାର୍ଯ୍ୟ, ବାଲେଶ୍ୱର ସହ ପ୍ରଭାରୀ ଅଧିର ଜେନା, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀ ପ୍ରମୁଖ ମଞ୍ଚାସିନ ରହିଥିଲେ । ଶେଷରେ ଜିଲ୍ଲା କଂଗ୍ରେସ ଓବିସି ସେଲ୍ ଅଧ୍ୟକ୍ଷ ନିଶିଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର ମଧ୍ୟ ଉପସ୍ଥିତ ରହିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ଆଶିଷ ପଟ୍ଟନାୟକ ଓ ଦେବଦତ୍ତ ଦାସ, ସଂପାଦକ ପଶୁପତି ଉପାଧ୍ୟାୟ, ସେକ୍ ଭୋଲା ପ୍ରମୁଖ ପରିଚାଳନା କରିଥିଲେ ।

ଅଧ୍ୟାପକ ପ୍ରଶାନ୍ତ ବେହେରାଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକ ପାଳିତ

ଉଦଳା , ୨୫/୧୦ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ପ୍ରଶାନ୍ତ ବେହେରାଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକ ଆଜି ଅକ୍ଟୋବର ୨୫ ତାରିଖ ରବିବାର ଦିନ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ପାଳିତ ହୋଇ ଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରଶାନ୍ତ ସ୍ମୃତି ପରିଷଦ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଦିବସବ୍ୟାପି ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଗବେଷକ କିଶୋରଚନ୍ଦ୍ର ଦାସବାବୁ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ସ୍ୱର୍ଗତଃ ପ୍ରଶାନ୍ତ ବେହେରା କିପରି ଜଣେ ସାହିତ୍ୟିକ ଓ ସଂଗଠକ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି କପ୍ତିପଦା ଓ ଉଦଳାରେ ସାହିତ୍ୟିକ ମାନଙ୍କୁ ନେଇ ଏକ ସାରସ୍ୱତ ବିପ୍ଳବ ସୃଷ୍ଟି କରିବାରେ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱକୁ କେବେ ଭୁଲି ହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ ମହାଳିକ, ଭକ୍ତିଜ୍ଞାନ ସଂଚାର ସମିତିର ଅଧ୍ୟକ୍ଷ ଲକ୍ଷ୍ମୀଧର ପୁଥାଳ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଲିଭିଯାଉଥିବା ସାହିତ୍ୟିକ ଓ କୃତିକୁ ଜନମାନସରେ ବଂଚାଇ ରଖିବା ପାଇଁ ପ୍ରଶାନ୍ତ ବେହେରା ଚଳାଇଥିବା ଉଦ୍ୟମ ସବୁଠାରୁ ଅଧିକ ପ୍ରଶଂସନୀୟ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରବିକାନ୍ତ ମହାପାତ୍ର, ଭବେନ୍ଦ୍ର ଦାସ, ପ୍ରଫୁଲ୍ଲ ଖିଲାର, ସନାତନ ରାଉତ, ମନୋରଂଜନ ମଲିକ, ସୁରେଶ ଶଙ୍ଖୁଆ ପ୍ରମୁଖ ଅଂଶ ଗ୍ରହଣ କରି ପ୍ରଶାନ୍ତ ବେହେରାଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ପରେ ଶ୍ରୀକାନ୍ତ ପ୍ରସାଦ ବେହେରାଙ୍କ ଲିଖିତ ପୁସ୍ତକ ‘ଭକ୍ତି ଶତକ’ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହାପରେ କବୟିତ୍ରୀ ନମିତା ରାଉତ ଓ କବି ପ୍ରଭାକର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମିନତି କର, ଯୋଗେନ୍ଦ୍ର ପଣ୍ଡା, ଚନ୍ଦନ ମହାନ୍ତି, ସନ୍ତୋଷ ସାହୁ, କ୍ଷଣପ୍ରଭା ଜେନା, ଅବନ୍ତି ବେହେରା, କରୁଣାକର ଦାସ, ରୁକ୍ମଣି ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଏହାପରେ ବଡ଼ସାହିସ୍ଥିତ ବାଣୀପୀଠର ଅଧ୍ୟକ୍ଷ ଡ଼.କୁମାର ବାବୁଲି ଓ ସୁଶ୍ରୀ ଭାଗ୍ୟଲକ୍ଷ୍ମୀ ପଳତାଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଆଶିଷ ମଲିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଇଂ. ସୁଶାନ୍ତ ବେହେରା, ସୁବ୍ରତ ମହାନ୍ତି, ମାନସ ପାଣି ସହଯୋଗ କରିଥିଲେ ।

ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଦୋକାନୀଙ୍କ ଦବଙ୍ଗଗିରି: ପର୍ଯ୍ୟଟକଙ୍କୁ ମାଡମାରି କଲେ ଲହୁଲୁହାଣ

ନୀଳଗିରି, ୨୫/୧୦ (ନି.ପ୍ର): ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ସ୍ଥିତ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଗୁରୁତ୍ୱ ବହନ କରେ । ଦୈନନ୍ଦିନ ଶହଶହ ପର୍ଯ୍ୟଟକ ବାବାଙ୍କୁ ଦର୍ଶନ କରିବାକୁ ଆସୁଥିବାବେଳେ ପୀଠରେ ଥିବା ଦୋକାନୀମାନଙ୍କ ପ୍ରାଦୁର୍ଭାବ ଯୋଗୁଁ ଅଧିକାଂଶ ସମୟରେ ଦୋକାନୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଝଗଡ଼ା, ବାକବିତଣ୍ଡା ଦେଖିବାକୁ ମିଳେ । ବେଳେ ବେଳେ ପର୍ଯ୍ୟଟକଙ୍କୁ ମାଡ଼ ମାରି ଲହୁଲୁହାଣ କରିବାକୁ ପଛାଉ ନଥିବା ଅଭିଯୋଗ ହୁଏ । ଫଳରେ ଏବେ ପର୍ଯ୍ୟଟକମାନେ ପଞ୍ଚଲିଙ୍ଗେଶ୍ୱର ଆସିବାପାଇଁ ଭୟ କରୁଛନ୍ତି । ରବିବାର ଏପରି ଏକ ଘଟଣା ପଞ୍ଚଲିଙ୍ଗେଶ୍ୱରରେ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଅନୁଗୁଳ ଅଞ୍ଚଳରୁ ସଙ୍ଗୀତାରାଣୀ ମିଶ୍ର ନିଜ ପରିବାର ସହିତ ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସିଥିଲେ । ଠାକୁର ଦର୍ଶନକରି ଫେରୁଥିବା ବେଳେ ତାଙ୍କର ପୁତୁରା ସୁରଜ ମିଶ୍ର ଏକ ଦୋକାନରେ ଗଣେଶ ମୂର୍ତ୍ତି ଦେଖୁଥିଲେ । ମାତ୍ର ପସନ୍ଦ ନହେବାରୁ ପଳାଇ ଆସୁଥିବା ସମୟରେ ଦୋକାନୀ ତନୁ ଓ ଶୁକୁଟା ସମେତ ୩-୪ ଜଣ ମିଶି ପୁତୁରା ସୁରଜକୁ ପିଟାମରା କରି ଲହୁଲୁହାଣ କରି ପକାଇଥିଲେ । ପରିବାର ଲୋକେ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ । ଏନେଇ ସଙ୍ଗୀତାରାଣୀ ମିଶ୍ର ତୁରନ୍ତ ଈଶ୍ୱରପୁର ଫାଣ୍ଡି ଅଧିକାରୀ ମାନସ ରଞ୍ଜନ ନାୟକଙ୍କୁ ଫୋନ କରିଥିଲେ ହେଁ ଫାଣ୍ଡି ଅଧିକାରୀ ଫୋନ୍ ଉଠାଇ ନଥିଲେ ।ପରେ ୧୧୨କୁ ମଧ୍ୟ ଫୋନ୍ କରିଥିଲେ । ମାତ୍ର କେହି ନଆସିବାରୁ ବାଧହୋଇ ନିଜଗାଡ଼ିରେ ନୀଳଗିରି ମେଡିକାଲ୍ ଆସି ଚିକିତ୍ସିତ ହୋଇଥିଲେ । ପୁତୁରା ପିଠିରେ ଗୁରୁତର ମାଡ଼ଚିହ୍ନ ଥିବାବେଳେ ଗୁରୁତର ଥିବାର ଦେଖିବାକୁ ମିଳିଛି । ପରେ ସଙ୍ଗୀତାରାଣୀ ମିଶ୍ର ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ନୀଳଗିରି ଥାନାରେ ୪୭୯/୨୬ ରେ ମାମଲା ରୁଜୁ ହୋଇଛି । ତେବେ ବାହାର ପର୍ଯ୍ୟଟକ ପୋଲିସର ସହାୟତା ମାଗୁଥିବା ବେଳେ ପୋଲିସର ସହଯୋଗ ନମିଳିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଦୋକାନୀଙ୍କ ଦବଙ୍ଗଗିରି ଉପରେ ପୋଲିସ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida